


# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



ବର୍ଷ- ୧୧ ସଂଖ୍ୟା-୨୧୦ ଭୁବନେଶ୍ୱର ଶୁକ୍ରବାର, ଅପ୍ରେଲ୍ ୧୮.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.210 Bhubaneswar, Friday, April 18, 2025

# ଆମେରିକା ଭଳି ହେବ ଓଡ଼ିଶାର ରାସ୍ତା

## ୬ ଥାକିଆ ହେବ ଭୁବନେଶ୍ୱର-ପୁରୀ ରାସ୍ତା: କେନ୍ଦ୍ରମନ୍ତ୍ରୀ



ଭୁବନେଶ୍ୱର,୧୭/୪: ଚମକିବ ଓଡ଼ିଶାର ଜାତୀୟ ରାଜପଥ। ଆମେରିକା ଭଳି ଚକାଚକ ଦେଖାଯିବ ରାଜ୍ୟର ଜାତୀୟ ରାଜପଥ। ଲୋକେ ନିର୍ଦ୍ଧାରିତ ସମୟରେ ଲକ୍ଷ୍ୟସ୍ଥଳକୁ ପହଞ୍ଚିବେ। ଏହା ଦ୍ୱାରା ଲୋକଙ୍କର ସମୟ ମଧ୍ୟ ବଞ୍ଚିଯିବ। ଓଡ଼ିଶାର ଜାତୀୟ ରାଜପଥଗୁଡ଼ିକ ଆମେରିକା ଭଳି ହେବ। କେନ୍ଦ୍ର ସଡ଼କ, ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଗୁରୁବାର ଭୁବନେଶ୍ୱର ଗସ୍ତରେ ଏହା କହିଛନ୍ତି। କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଆଜି ୪ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ସଡ଼କ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି । ମୋଟ୍ ୧୫୪ କିଲୋମିଟର ଲମ୍ବ ଏହି ୧୯ଟି ସଡ଼କ ପ୍ରକଳ୍ପ ରାଜ୍ୟରେ ସଡ଼କ ଯୋଗାଯୋଗକୁ ଉନ୍ନତ କରିବା ସହିତ ଓଡ଼ିଶାର ସମୃଦ୍ଧିରେ ଏକ ନୂତନ ଯୁଗର ଶୁଭାରମ୍ଭ ହେବ। ଏହି ପ୍ରକଳ୍ପ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଆଜି ଲୋକାର୍ପିତ ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ବଅଁରପାଳ-ଗୋଡ଼ିବନ୍ଧ ଏବଂ ୧୪୯ ଏବଂ ୫୩ ନମ୍ବର ଜାତୀୟ ରାଜପଥ କାମାକ୍ଷାନଗର ସେକ୍ସନର ୪-ଲେନ୍ ପ୍ରଶସ୍ତିକରଣ ଫଳରେ ଅନୁଗୁଳ, ତାଳଚେର ଏବଂ ଡୁବୁରୀ ମଧ୍ୟରେ ଯୋଗାଯୋଗରେ ସୁଧାର ଆସିବ। ବାଲିକୁଦା, ଶିଖରପୁର ଏବଂ ବଡ଼ଚଣାରେ ବାହନ ଅଣ୍ଡରପାସ୍ ନିର୍ମାଣ ଫଳରେ ଯାତାୟାତ ଅଧିକ ସୁଗମ ହେବ। ରାଜ୍ୟର ବିକାଶକୁ ନୂଆ ଗତି ଦେବା ଉଦ୍ଦେଶ୍ୟରେ ଆଜି ୧୭ଟି ମହତ୍ୱାକାଂକ୍ଷୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିମଧ୍ୟରୁ ରେଡ, ମହାନଦୀ, ତେଲ, ହାତୀ ଏବଂ ଶଗଡ଼ା ନଦୀ ଉପରେ ୬ଟି ସେତୁ ନିର୍ମାଣ କରାଯିବ। ଏନ୍‌ଏଚ୍-୪୯ର ବାଙ୍ଗିରିପୋଷି ଘାଟ ଖଣ୍ଡରେ ୫ଟି ଇୟୁପି ଏବଂ ୧୪ଟି ଏୟୁପି ନିର୍ମାଣ ହେବା ଦ୍ୱାରା ବନ୍ୟଜନ୍ତୁଙ୍କ ସୁଗମ ଓ ନିରାପଦ ଯାତ୍ରା ଏବଂ ଅତିକ୍ରମ ସୁବିଧା ହେବ। ଜାତୀୟ ରାଜପଥ-୧୬ର କଟକରୁ ଇଚ୍ଛାପୁରମ ମଧ୍ୟରେ ଥିବା ୧୫ଟି ବ୍ଲାକ ସ୍ପଟର ସ୍ଥାୟୀ ସୁଧାର ଦ୍ୱାରା ଦୁର୍ଘଟଣା ହ୍ରାସ ପାଇବ। ଏହାବ୍ୟତୀତ ଟିଟିଲାଗଡ଼ ଏବଂ ଧର୍ମଗଡ଼ ବାଇପାସ ନିର୍ମାଣ ଦ୍ୱାରା ସହର ମଧ୍ୟରେ ଟ୍ରାଫିକ ଭିଡ଼ ହ୍ରାସ ପାଇବ। ପଳାସୁଣୀ ଠାରେ ଗଙ୍ଗୁଆ ନଦୀ ଉପରେ ଅତିରିକ୍ତ ୨ ଲେନ ବିଶିଷ୍ଟ ସେତୁ ଯୋଗାଯୋଗକୁ ସହଜ କରିବ। ଦାରିଙ୍ଗିବାଡ଼ି ଘାଟୀ ପ୍ରଶସ୍ତିକରଣ ପାଇଁ ୭୨୦ କୋଟି ଟଙ୍କା ନିବେଶ କରାଯିବ। ୫୯ ନମ୍ବର ଜାତୀୟ ରାଜପଥର ଏହି ୨୭ କିମି ଦୀର୍ଘ ମାର୍ଗର ପ୍ରଶସ୍ତିକରଣ ଫଳରେ ଦାରିଙ୍ଗିବାଡ଼ି ପର୍ଯ୍ୟଟନସ୍ଥଳୀକୁ ଯୋଗାଯୋଗ ସୁଧାର ଆସିବ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଗଡ଼କରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଜାତୀୟ ରାଜପଥ ନିର୍ମାଣ ଦ୍ୱାରା ଓଡ଼ିଶାର ପଞ୍ଚମୁଖୀ ବିକାଶ ଲାଗି ଭାରତ ସରକାର ସଂକଳ୍ପବଦ୍ଧ। ରାଜ୍ୟର ବିକାଶ ପାଇଁ ଜଳ, ଶକ୍ତି, ପରିବହନ ଏବଂ ଯୋଗାଯୋଗ ଭିତ୍ତିଭୂମିର ଉନ୍ନତିକରଣ ଜରୁରୀ। କେନ୍ଦ୍ର ମନ୍ତ୍ରୀ କହିଥିଲେ, ରାଜ୍ୟରେ ବନ୍ଦର, ଖଣିଜ ସମ୍ପଦ, ପର୍ଯ୍ୟଟନ ଆଦି କ୍ଷେତ୍ରରେ ଅପାର ସମ୍ଭାବନା ରହିଛି । ଓଡ଼ିଶାରେ ସବୁ ପ୍ରକାରର ରାଜପଥ ପ୍ରକଳ୍ପର ଖର୍ଚ୍ଚକୁ ଦେଖିଲେ ବର୍ତ୍ତମାନ କେନ୍ଦ୍ର ସରକାର ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ନିର୍ମାଣ କାମ ଜାରି ରଖିଛନ୍ତି । ଏବେ ସୁଦ୍ଧା ପ୍ରାୟ ୬୦ ହଜାର କୋଟି ଟଙ୍କାର ପ୍ରକଳ୍ପ କାମ ଶେଷ ହୋଇଛି। ବର୍ତ୍ତମାନ ପ୍ରାୟ ୬୦ ହଜାର କୋଟି ଟଙ୍କାର ପ୍ରକଳ୍ପ ନିର୍ମାଣ ପର୍ଯ୍ୟାୟରେ ରହିଛି ଏବଂ ଭବିଷ୍ୟତରେ ପାଖାପାଖି ୭୫ ହଜାର କୋଟି ଟଙ୍କାର ପ୍ରକଳ୍ପ ନିର୍ମାଣ ପାଇଁ ଯୋଜନା କରାଯାଇଛି। ସେହିପରି ପ୍ରାୟ ୪୦ ହଜାର କୋଟି ଟଙ୍କାର ପ୍ରକଳ୍ପ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତି ଚାଲିଛି । ଏହାଛଡ଼ା ୬୫୦ କିଲୋମିଟର ଦୈର୍ଘ୍ୟ ୨୭ ହଜାର କୋଟି ଟଙ୍କାର ପ୍ରକଳ୍ପ ପାଇଁ ଟେଣ୍ଡର ଦିଆସରିଥିବା ଶ୍ରୀ ଗଡ଼କରୀ ସୂଚନା ଦେଇଥିଲେ। ଆସନ୍ତା ୨ ବର୍ଷରେ ୩ ଲକ୍ଷ କୋଟି ଟଙ୍କାର କାମ ହେବ ଏବଂ ଓଡ଼ିଶାରେ ବିଶ୍ୱସ୍ତରୀୟ ସଡ଼କ ଭିତ୍ତିଭୂମି ପ୍ରସ୍ତୁତ ହେବ ବୋଲି ସେ କହିଥିଲେ । ସଭାରେ କେନ୍ଦ୍ର ସଡ଼କ ଭିତ୍ତିଭୂମି ପାଣ୍ଠି (ସିଆରଆଇଏଫ) ରୁ ଓଡ଼ିଶାକୁ ସଡ଼କ ଉନ୍ନତିକରଣ ପାଇଁ ୮୦୦ କୋଟି ଟଙ୍କା ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବକୁ ଗ୍ରହଣ କରି ଶ୍ରୀ ଗଡକରୀ କହିଥିଲେ ଯେ, ଏହାକୁ ତୁରନ୍ତ ମଞ୍ଜୁର କରାଗଲା ଏବଂ ଏହା ସହିତ ତାଙ୍କ ନିଜ ସାଂସଦ ପାଣ୍ଠିରୁ ଆଉ ୨୦୦ କୋଟି ଟଙ୍କା ଦେବେ। ଏ ବାବଦରେ ଓଡ଼ିଶାକୁ ୧୦୦୦ କୋଟି ଟଙ୍କା ମିଳିବ ବୋଲି ସେ କହିଥିଲେ । ଏହା ସହିତ ଓଡ଼ିଶା ପାଇଁ ପ୍ରାୟ ୫ ହଜାର କୋଟି ଟଙ୍କାର ୮ଟି ବାଇପାସ୍ ମଧ୍ୟ ମଞ୍ଜୁର କରିଥିଲେ। ଏହି ବାଇପାସ୍ ଗୁଡ଼ିକ ହେଲା ବ୍ରହ୍ମପୁର, ସମ୍ବଲପୁର, ବଲାଙ୍ଗୀର, ନୟାଗଡ଼, ଝାରସୁଗୁଡ଼ା, ନବରଙ୍ଗପୁର, ଫୁଲବାଣୀ ଓ ରାୟଗଡ଼ା। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ପୂର୍ତ୍ତ ଆଇନ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ବିଭୁତି ଭୂଷଣ ଜେନା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ, ଶ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ଭୁବନେଶ୍ୱର ଲୋକସଭା ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ, ଅନ୍ୟ ସାଂସଦ ଓ ବିଧାୟକମାନେ ଯୋଗ ଦେଇଥିଲେ ।

## ୨ ହଜାର ନୂତନ ଟ୍ରାଫିକ୍ ପଦବୀ ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା


ଭୁବନେଶ୍ୱର, ୧୭/୪: ରାଜ୍ୟରେ ଟ୍ରାଫିକ୍ ଓ ସଡକ ସୁରକ୍ଷା ବ୍ୟବସ୍ଥା ହେବ ଆହୁରି ସୁଦୃଢ଼। ବଢୁଥିବା ଟ୍ରାଫିକ୍ ସମସ୍ୟାକୁ ଦୂର କରିବା ପାଇଁ ଓ ଲୋକଙ୍କୁ ଆହୁରି ସୁବିଧା ପ୍ରଦାନ କରିବା ପାଇଁ ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ ହଜାର ନୂତନ ପଦବୀ ସୃଷ୍ଟି ଲାଗି ଗୁରୁବାର ଘୋଷଣା କରିଛନ୍ତି। ରାଜ୍ୟରେ ଟ୍ରାଫିକ୍ ଏବଂ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ଶୃଙ୍ଖଳିତ ଓ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟର ଟ୍ରାଫିକ୍ ଶାଖାରେ ୨ ହଜାର ନୂତନ ପଦବୀ ସୃଷ୍ଟି କରିବା ପାଇଁ ଅନୁମୋଦନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ରାଜ୍ୟସ୍ତରୀୟ ଟ୍ରାଫିକ୍ ବ୍ୟବସ୍ଥାରେ ୭୦ ଓ ଜିଲାସ୍ତରରେ ୧୯୩୦ ପଦବୀ ସୃଷ୍ଟି ହେବ। ଏଡିଜିପି/ଆଇଜିପି ଗୋଟିଏ ପଦବୀ, ଡିଆଇଜି (ପୁଲିସ) ଗୋଟିଏ ପଦବୀ, ଏସପି ୨ଟି ପଦବୀ, ଡିଏସପି ୪ଟି, ଇନ୍ସପେକ୍ଟର ୬ଟି, ଏସଆଇ ୮ଟି, ଏଏସଆଇ ୮ଟି, କନେଷ୍ଟବଳ ୨୨ଟି, ଚାଳକ ୧୦ଟି, ଏଷ୍ଟାବ୍ଲିସମେଣ୍ଟ ଅଫିସର ଗୋଟିଏ, ସେକ୍ସନ ଅଫିସର ଗୋଟିଏ, ଏ.ଏସ୍.ଓ ୩ ଟି ଓ ଜୁନିଅର ଆସିଷ୍ଟାଣ୍ଟ ପାଇଁ ୩ଟି ପଦବୀ ସୃଷ୍ଟି ହୋଇଛି। ସମୁଦାୟ ୭୦ଟି ପଦବୀ ସୃଷ୍ଟି ହୋଇଛି। ଡିଏସ୍‌ପି ୫ଟି ପଦବୀ, ଇନ୍ସପେକ୍ଟର ୪୧ଟି ପଦବୀ, ସବ୍- ଇନ୍ସପେକ୍ଟର ୮୩ଟି ପଦବୀ, ଏଏସ୍‌ଆଇ ୮୩ଟି ପଦବୀ, ହାବିଲ୍‌ଦାର ୩୧୦ ଓ କନେଷ୍ଟବଳ ପାଇଁ ୧୪୦୮ଟି ପଦବୀ ସୃଷ୍ଟି କରାଯାଇଛି। ସମୁଦାୟ ୧୯୩୦ଟି ପଦବୀ ସୃଷ୍ଟି ହୋଇଛି।

## ସଭାପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କଲେ ନବୀନ

ଭୁବନେଶ୍ୱର,୧୭/୪: ବିଜୁ ଜନତା ଦଳର ସଭାପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ନବୀନ ପଟ୍ଟନାୟକ। ଗୁରୁବାର ଶଙ୍ଖ ଭବନରେ ସେ ସଭାପତି ପଦ ପାଇଁ ବିଧିବଦ୍ଧ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନବୀନ ନବମ ଥର ପାଇଁ ବିଜେଡିର ସଭାପତି ହେବା ଏକପ୍ରକାର ସ୍ପଷ୍ଟ ହୋଇଛି। ଦଳର ସାଂଗଠନିକ ନିର୍ବାଚନ ଚାଲିଥିବାବେଳେ ଅନ୍ୟ କେହି ପ୍ରାର୍ଥୀପତ୍ର ଦାଖଲ କରି ନଥିବାରୁ ନବୀନ ପଟ୍ଟନାୟକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ନିଶ୍ଚିତ ହୋଇଛି। ଏପ୍ରିଲ ୧୯ ତାରିଖରେ ବିଧିବଦ୍ଧ ଭାବେ ବିଜେଡି ସଭାପତିଙ୍କ ନାଁ ଘୋଷଣା ହେବ। ଆସନ୍ତା ଦୁଇ ଦିନ ଭିତରେ ବିଜେଡି ରାଜ୍ୟ ପରିଷଦ ଓ କାର୍ଯ୍ୟକାରିଣୀ ଗଠନ ହେବ।





ପବିତ୍ର ଗୁଡ୍ ଫ୍ରାଇଡ଼େ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ, ଯେ ମାନବଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

(ହରି ବାବୁ କମ୍ଭମ୍ପାଟି)

DADLS-15
OIPR- 15001/13/0548/2526



ଗୁଡ୍ ଫ୍ରାଇଡ଼େ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶୁଭ ଶୁକ୍ରବାର ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ପାଇଁ ଏକ ପବିତ୍ର ଦିବସ । ମାନବ ସମାଜର କଲ୍ୟାଣ ପାଇଁ, ଯୀଶୁଖ୍ରୀଷ୍ଟଙ୍କ ସର୍ବୋଚ୍ଚ ତ୍ୟାଗ ବିଶ୍ୱରେ ଶାନ୍ତି ଓ ଭାତୃତ୍ୱର ମହାନ ଚିନ୍ତାଧାରାକୁ ବ୍ୟାପକ କରିଛି । ଆସନ୍ତୁ, ଏହି ପବିତ୍ର ଦିବସର ବାର୍ତ୍ତାକୁ ପାଳନ କରି ଏକ ଆଦର୍ଶ ସମାଜ ଗଠନ ଦିଗରେ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ବାରିପଦାରେ ପିଏମ୍ ବିଶ୍ୱକର୍ମା ଓ ଏସ୍‌ସିଏସ୍‌ଟି ହବ୍ କନ୍‌କ୍ଲେଭ୍

# 'ଓଡ଼ିଶାକୁ ସମୃଦ୍ଧ କରିବ ଶିଳ୍ପ ଉଦ୍ୟୋଗ'

ବାରିପଦା,୧୭/୪: ଓଡ଼ିଶାକୁ ସମୃଦ୍ଧ କରିବ ଶିଳ୍ପ ଉଦ୍ୟୋଗ। ମୟୂରଭଞ୍ଜରୁ ଏହି ପ୍ରକ୍ରିୟା ଆରମ୍ଭ ହେବ। ଜିଲ୍ଲାରେ ଖୁବ୍‌ଶୀଘ୍ର ୧୦ଟି ବଡ଼ ଶିଳ୍ପ କାର୍ଯ୍ୟକ୍ଷମ ହେବ। ସେହିପରି ବୃହତ୍ ଶିଳ୍ପ ସହ ଲୋକଙ୍କ କୌଳିକ ବୃତ୍ତିକୁ ବି ଗ୍ରାମୀଣ ଉଦ୍ୟୋଗରେ ପରିଣତ କରାଯିବ। ଅନୁସୂଚିତ ଜାତି ଓ ଜନଜାତିର ଲୋକେ ପାରମ୍ପରିକ ଜୀବିକା ସହିତ ଉଦ୍ୟୋଗର ମିଶ୍ରଣ କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି ଆଜି ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଆୟୋଜିତ ପିଏମ୍ ବିଶ୍ୱକର୍ମା ଓ ଏସ୍‌ସିଏସ୍‌ଟି ହବ୍ କନ୍‌କ୍ଲେଭ୍‌ରେ ମତ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କନ୍‌କ୍ଲେଭ୍‌ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଆହୁରି କହିଲେ; ପିଏମ୍ ବିଶ୍ୱକର୍ମା ଯୋଜନାରେ ରାଜ୍ୟରେ ୧,୦୫,୩୬୧ ଜଣ ହିତାଧିକାରୀ ନାମ ପଞ୍ଜୀକରଣ କରିଛନ୍ତି। ସେଥିରୁ ୭୭,୧୦୩ ଜଣ ମୌଳିକ ପ୍ରଶିକ୍ଷଣ ନେଇ ସାରିଛନ୍ତି। ୧୦,୫୨୩ ଜଣ ହିତାଧିକାରୀଙ୍କ ଋଣ ମଞ୍ଜୁର ହୋଇଥିବା ବେଳେ ୮,୮୬୭ ଜଣଙ୍କୁ ଋଣ ପ୍ରଦାନ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାରୁ ୨୦୯ ଜଣ ହିତାଧିକାରୀଙ୍କୁ ଋଣ ମିଳିଛି। ଏହି ଯୋଜନା ଗ୍ରାମାଞ୍ଚଳର ଯୁବ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବ। ସେମାନେ ଆଉ ଚାକିରି ପଛରେ ଗୋଡ଼ାଇବେ ନାହିଁ। ଏମ୍‌ଏସ୍‌ଏମ୍‌ଇ ପକ୍ଷରୁ ସେମାନଙ୍କୁ ତାଲିମଠୁ ନେଇ ଋଣ ଯାଏଁ ସବୁକିଛି ଯୋଗାଇ ଦିଆଯିବ ବୋଲି କହିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଖଦି ବସ୍ତ୍ରର ପ୍ରଚାର ପ୍ରସାର ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି। ୧୦ ବର୍ଷ ମଧ୍ୟରେ ଏହାର ବିକ୍ରି ୪୦୦ ପ୍ରତିଶତ ବୃଦ୍ଧି ପାଇଛି ଓ ଏ କ୍ଷେତ୍ରରେ ନିଯୁକ୍ତି ୮୧ ପ୍ରତିଶତ ବୃଦ୍ଧି ଘଟିଛି। କେବଳ ଶିଳ୍ପ ଉଦ୍ୟୋଗ ନୁହେଁ; ଚାଷୀ, ମହିଳା, ଶ୍ରମିକ, ଯୁବବର୍ଗ ସମସ୍ତଙ୍କ ପାଇଁ ଆମେ କାମ କରୁଛୁ। ଖାସ୍‌କରି ମୟୂରଭଞ୍ଜର ବିକାଶକୁ ଆମ ସରକାର ଗୁରୁତ୍ୱ ଦେଉଛନ୍ତି। ଏଠାରେ ୭୦୦୦ କୋଟି ଟଙ୍କା ବିନିଯୋଗରେ ଇସ୍ପାତ, ଗ୍ରୀନ୍ ହାଇଡ୍ରୋଜେନ୍, ଅଟୋପାର୍ଟସ୍ ନିର୍ମାଣ ଭଳି ୧୦ଟି ଶିଳ୍ପ ପ୍ରତିଷ୍ଠା ହେବ। ଏହା ମାଧ୍ୟମରେ ୫,୧୨୫ ଜଣ ନିଯୁକ୍ତି ପାଇବେ। ଏଥିସହ ଜିଲ୍ଲାରେ ଏକ ଏମ୍‌ଏସ୍‌ଏମ୍‌ଇ ପାର୍କ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଅତିଥି ଭାବେ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଜିତନ୍ ରାମ ମାଂଝୀ ଯୋଗଦେଇ କହିଲେ; ଅନୁସୂଚିତ ଜାତି ଜନଜାତି ଉଦ୍ୟୋଗୀଙ୍କ ଦକ୍ଷତା ବୃଦ୍ଧି ତଥା ସେମାନଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ଏହି ଯୋଜନା ଆରମ୍ଭ ହୋଇଥିଲା। ମନ୍ତ୍ରିମଣ୍ଡଳ ଶପଥଗ୍ରହଣ ବେଳେ ଏହି ମନ୍ତ୍ରାଳୟ ମିଳିଥିବାରୁ ମୁଁ ମନଉଣା କରିଥିଲି। ହେଲେ ପରେ ଏହି ବିଭାଗର କାର୍ଯ୍ୟ ତଥା ଯୋଜନା ବାବଦରେ ଜାଣିବା ଓ ଏହାକୁ ଆଗକୁ ନେବାରେ ଯେଉଁ ଆତ୍ମସନ୍ତୋଷ ମିଳିଛି, ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଉଛି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ୬.୨୫ କୋଟିରୁ ଅଧିକ ଉଦ୍ୟୋଗ ରହିଛି ଯେଉଁଥିରେ ୨୬.୭ କୋଟିରୁ ଅଧିକ ଲୋକ ନିୟୋଜିତ ଅଛନ୍ତି। ଦେଶର ଜିଡିପିରେ ଏହାର ଅବଦାନ ୩୦%ରୁ ଅଧିକ। ତେଣୁ ଏବେ ଓଡ଼ିଶାରେ ବି ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଆମେ କାର୍ଯ୍ୟ କରିଛୁ ବୋଲି ଶ୍ରୀ ମାଂଝୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ତଥା ଏମ୍‌ଏସ୍‌ଏମ୍‌ଇ ବିଭାଗ ରାଷ୍ଟ୍ରମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢ଼େଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳୀ ମୁର୍ମୁ, ରାଜ୍ୟସଭା ସାଂସଦ ମମତା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭାଗର ସଚିବମାନେ ମଧ୍ୟ ଏହି କନ୍‌କ୍ଲେଭ୍‌ରେ ଯୋଗ ଦେଇଥିଲେ।



## ମିଳୁଥିବା କିରୋସିନି ଉଠାଣ ହେଉନି



ଭୁବନେଶ୍ୱର,୧୭/୪: କେନ୍ଦ୍ର ସରକାର ଓଡିଶାକୁ ଯେତିକି ପରିମାଣର କିରୋସିନି ଯୋଗାଇ ଦେଉଛନ୍ତି ସେଥି ମଧ୍ୟରୁ କେତେକ ଜିଲ୍ଲାରେ ଅଧା କିରୋସିନି ବି ଉଠାଣ ହୋଇପାରୁ ନାହିଁ । ତେବେ ରାଜ୍ୟ ସରକାର ମିଳୁଥିବା କିରୋସିନିରୁ ହାରାହାରି ୬୬ ପ୍ରତିଶତରୁ ଅଧିକ ଉଠାଣ ହେଉନଥିବା ଜଣାଯାଇଛି । କେନ୍ଦ୍ର ସରକାର ରାଜ୍ୟକୁ ତ୍ରୈମାସିକ ହିସାବରେ କିରୋସିନି ଯୋଗାଇ ଦେଇଥାନ୍ତି । ଚଳିତବର୍ଷ ଜାନୁଆରୀ ରୁ ମାର୍ଚ୍ଚ ମଧ୍ୟରେ ରାଜ୍ୟକୁ ୪୯୪୪ କିଲୋ ଲିଟର କିରୋସିନି ଯୋଗାଇ ଦିଆଯାଇଛି । ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ କାର୍ଡ ପିଛା ୩ ମାସିକୁ ୫୦୦ ମିଲିଲିଟର ହିସାବରେ କିରୋସିନି ଯୋଗାଇ ଦିଆଯାଉଛି । ତେବେ ମିଳିଥିବା ସୂଚନା ଅନୁଯାୟୀ ଚଳିତ ବର୍ଷ ପ୍ରଥମ ତିନି ମାସରେ କେନ୍ଦ୍ର ସରକାର ୪୯୪୪ କିଲୋ ଲିଟର କିରୋସିନି ଯୋଗାଇ ଦେଉଥିବାବେଳେ ରାଜ୍ୟରେ ଏଥିରୁ ମାତ୍ର ୧୧୧୬ କିଲୋ ଲିଟର କିରୋସିନି ଉଠାଣ ହୋଇଛି । ଢେଙ୍କାନାଳ, ଖୋରଧା, ବଲାଙ୍ଗିର, ବରଗଡ, ଦେବଗଡ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ସମ୍ବଲପୁର, ସୋନପୁର, ନୂଆପଡା ଓ ରାୟଗଡା ଜିଲ୍ଲାରେ ଆଦୌ କିରୋସିନି ଉଠାଣ ହୋଇନାହିଁ । ସର୍ବାଧିକ ୨୦୮ କିଲୋଲିଟର କିରୋସିନି ବାଲେଶ୍ୱର ଜିଲ୍ଲାରେ ଉଠିଥିବାବେଳେ କେନ୍ଦୁଝରରେ ୧୫୬ କିଲୋଲିଟର ଉଠାଣ ହୋଇଛି । ମୟୁରଭଞ୍ଜରେ ଏହି ପରିମାଣ ୧୩୨ କିଲୋଲିଟର ରହିଛି । ଏହି ସୂଚନା ଅନୁଯାୟୀ ୨୦୨୪ ଜୁଲାଇରୁ ସେପ୍ଟେମ୍ବର ମାସ ମଧ୍ୟରେ କେନ୍ଦ୍ର ସରକାର ଓଡିଶାକୁ ୪୯୪୪ କିଲୋଲିଟର କିରୋସିନି ମଞ୍ଜୁର କରିଥିବାବେଳେ ଓଡିଶାରେ ଉଠାଣ ହୋଇଥିଲା ମାତ୍ର ୧୬୪୪ କିଲୋଲଟିର । ଏହି ତିନିମାସରେ ୩୩୦୦ କିଲୋଲିଟର କିରୋସିନି ଉଠାଣ ହୋଇନଥିଲା ଯାହାର ପରିମାଣ ହାରାହାରି ୬୬.୭ ପ୍ରତିଶତ ଥିଲା । ସେହିଭଳି ଗତବର୍ଷ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଓଡିଶାକୁ ୫୦୪୦ କିଲୋଲିଟର କିରୋସିନି ମଞ୍ଜୁର ହୋଇଥିବାବେଳେ ଏଥିରୁ ୧୯୫୬ କିଲୋଲିଟର କିରୋସିନି ଉଠାଣ ହୋଇଥିଲା । ଗାଁ ଗହଳରେ ଲୋକେ ଆଉ ପୂର୍ବଭଳି କିରୋସିନି ଆବଶ୍ୟକ କରୁନଥିବାରୁ କଣ୍ଟ୍ରୋଲ ଡିଲରମାନେ ମଧ୍ୟ କିରୋସିନି ଉଠାଣ ପାଇଁ ରାଜି ହେଉନାହାନ୍ତି । କିରୋସିନି ସାଧାରଣତଃ ଆଲୋକ ପାଇଁ ବ୍ୟବହାର ହେଉଥିବାବେଳେ ବର୍ତ୍ତମାନ ସେହିସ୍ଥାନ ବ୍ୟାଟେରୀ ଓ ସୋଲାର ଲାଇଟ୍ ନେଇ ଯାଇଛି । ତେଣୁ ଲୋକେ ଡିବିରି, ଲଣ୍ଠନ ଜାଳିବାପାଇଁ ଆଉ କିରୋସିନି ଆବଶ୍ୟକ କରୁନାହାନ୍ତି । ଗାଡିମୋଟର କାମ ପାଇଁ ଯାହା କିରୋସିନି ଆବଶ୍ୟକ ହେଉଛି ତାହାର ପରିମାଣ ଢେର ନଗଣ୍ୟ ରହିଛି । ଏଥିପାଇଁ ରାଜ୍ୟକୁ ମଞ୍ଜୁର ହେଉଥିବା ସମସ୍ତ କିରୋସିନି ଉଠାଣ ହୋଇପାରୁନଥିବା କୁହାଯାଉଛି ।

## ଉତ୍କଳ ବିପନ୍ନ ସହାୟତା ସମିତିର ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ

# ଲୋକଙ୍କ ମୁଖ୍ୟ ସେବକ ଭାବେ କାମ କରିବାର ପ୍ରେରଣା ମୁଁ ସଂଘରୁ ପାଇଛି


ଭୁବନେଶ୍ୱର,୧୭/୪: ପ୍ରାକୃତିକ ଦୁର୍ବିପାକ ହଉ କିମ୍ବା ଅପାତକାଳୀନ ପରିସ୍ଥିତି, ସବୁ ସମୟରେ ବିପନ୍ନ ଓଡିଶାବାସୀଙ୍କ ପାଖରେ ଉତ୍କଳ ବିପନ୍ନ ସହାୟତା ସମିତି ଆଗ ପହଂଚିଛି ଓ ୪୩ ବର୍ଷର ଏହି ଯାତ୍ରାରେ ସାଧାରଣ, ଗରିବ ଓ ଅସହାୟ ଜନତାଙ୍କୁ ବିଭିନ୍ନ କ୍ଷେତ୍ରରେ ସେବା ଯୋଗାଇ ଦେବାପାଇଁ ଏ ମହାନ ଅନୁଷ୍ଠାନ ସବୁଠୁ ଅଗ୍ରଣୀ ଅନୁଷ୍ଠାନ ଭାବେ ନିଜକୁ ପ୍ରତିପାଦନ କରିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଉତ୍କଳ ମଣ୍ଡପ ଠାରେ ଆୟୋଜିତ ଉତ୍କଳ ବିପନ୍ନ ସହାୟତା ସମିତିର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି । ଉତ୍କଳ ବିପନ୍ନ ସହାୟତା ସମିତିର ସେବା କ୍ଷେତ୍ରରେ ସଫଳ କାର୍ଯ୍ୟ ବିଷୟରେ ଆଲୋଚନା କରି, ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ଚିକିତ୍ସା କ୍ଷେତ୍ରର ବଡବଡ ସ୍ଥାନ ଯଥା, କଟକ, ଭୁବନେଶ୍ୱର, ବ୍ରହ୍ମପୁର ଠାରେ ସାରା ଓଡିଶାରୁ ରୋଗୀମାନେ ଜଟିଳ ରୋଗର ଚିକିତ୍ସା ପାଇଁ ଆସନ୍ତି । ଏହି ସମୟରେ ଏମାନଙ୍କର ରହିବା, ଖାଇବା, ଡାକ୍ତର ଓ ଡାକ୍ତରଖାନା ସହ ସମନ୍ୱୟ ରଖି ରୋଗୀମାନେ ଯେପରି ସଠିକ୍ ସେବା ପାଇପାରିବେ ସେଥିପାଇଁ ଏହି ଅନୁଷ୍ଠାନର ଶ୍ରୁଶ୍ରୁତ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି। ୧୯୮୨ ମସିହାର ପ୍ରଳୟଙ୍କରୀ ବନ୍ୟା, ବାରିପଦା ମଧୁବନର ଭୟାବହ ଅଗ୍ନିକାଣ୍ଡ, ୧୯୯୯ ମହାବାତ୍ୟା ସମୟରେ, ବିପନ୍ନ ଓଡିଶାବାସୀଙ୍କୁ ଦେବଦୂତ ଭଳି ସହାୟତା ପ୍ରଦାନ କରିଥିଲା ଉତ୍କଳ ବିପନ୍ନ ସହାୟତା ସମିତି। ୧୯୯୯ ମସିହାର ମହାବାତ୍ୟା ସମୟରେ ସମିତିର ସ୍ୱୟଂ ସେବକମାନଙ୍କ କଠିନ ପରିଶ୍ରମ, ତ୍ୟାଗ, ସହନଶୀଳତା ଓ ସେବା ମନୋଭାବ India Today ଏବଂ Outlook ଭଳି ପ୍ରମୁଖ ପତ୍ରିକାର ରିପୋର୍ଟରେ ସ୍ଥାନିତ ହେବା ସହ ଜାତୀୟ ସ୍ତରରେ ପ୍ରଶଂସା ସାଉଁଟିଥିଲା, ବୋଲି ସେ କହିଥିଲେ। ଏଥିସହିତ, ଭୁବନେଶ୍ୱରର ଏମସ୍ ପରିସରରେ ଥିବା ପାଞ୍ଚଶହ ଶଯ୍ୟା ବିଶିଷ୍ଟ ଧର୍ମଶାଳାର ପରିଚାଳନା ଭାର ଓ ଓଲଟପୁର ଠାରେ ଥିବା ହାଡଭଙ୍ଗା ଚିକିତ୍ସା କେନ୍ଦ୍ର , ନିରତାର ଠାରେ ୩୦ ବଖରା ବିଶିଷ୍ଟ ଆରୋଗ୍ୟ ଭବନର ପରିଚାଳନା ମଧ୍ୟ ପ୍ରଶଂସନୀୟ ଅଟେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୧୯୯୯ ମହାବାତ୍ୟା ସମୟରେ ସଂଘର ଜଣେ ସକ୍ରିୟ ସେବକ ଭାବେ ସେ ମଧ୍ୟ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଠାରେ ସେବା ଓ ସହାୟତା କାର୍ଯ୍ୟରେ ସାମିଲ ହୋଇଥିଲେ । ସେ କହିଥିଲେ, ମୁଖ୍ୟମନ୍ତ୍ରୀ ଭାବରେ ନୁହେଁ, ଜଣେ ସାଧାରଣ ଲୋକ ଭାବେ ଲୋକଙ୍କ ମୁଖ୍ୟ ସେବକ ଭାବେ କାମ କରିବାର ପ୍ରେରଣା ମୁଁ ସଂଘରୁ ପାଇଛି । ସମାଜ ପ୍ରତି ସମର୍ପଣଭାବ ଓ ସମ୍ବେଦନଶୀଳତା, ସଂଘର ବିଚାରଧାରାରୁ ପାଇଛି । ଓଡିଶାର ଦୁଇ ଆଦିବାସୀ ଅଧୁଷିତ ଅଞ୍ଚଳ ଗଜପତି ଜିଲ୍ଲାର ପାରାଳାଖେମୁଣ୍ଡି ଓ ମୟୁରଭଞ୍ଜ ଜିଲ୍ଲାର ଉଦଳା ଠାରେ ଅନାଥ ଓ ନିସହାୟ ପିଲାଙ୍କ ଶିକ୍ଷା ବ୍ୟବସ୍ଥା ପାଇଁ ଆବାସିକ ଛାତ୍ରାବାସ ଜରିଆରେ ସମିତି ପକ୍ଷରୁ ଜନଜାତି ବର୍ଗଙ୍କୁ ସହାୟତା ପ୍ରଦାନ ପ୍ରଶଂସନୀୟ । ଏଥିସହିତ ରାଜଧାନୀ ଭୁବନେଶ୍ୱର ଠାରେ ବାଲ ସଂସ୍କାରଧର୍ମୀ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାୟ ୫୦ ଟି କେନ୍ଦ୍ରରେ ୧୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଆମ ସଂସ୍କୃତି, ପରମ୍ପରା ଓ ନୈତିକତା ଆଧାରରେ ଶିକ୍ଷା ପ୍ରଦାନର ବ୍ୟବସ୍ଥା ଅନୁଷ୍ଠାନ ପକ୍ଷରୁ କରାଯାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା , ଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥଯାତ୍ରା , ଢେଙ୍କାନାଳ ଯୋରନ୍ଦା ମାଘମେଳାରେ ସମିତିର ସେବା କାର୍ଯ୍ୟର ପରାକାଷ୍ଠା, ସାରା ଓଡିଶା ଦେଖିଛି। ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ, ଆମର ମନ୍ତ୍ର ହେଲା ସର୍ବେ ଭବନ୍ତୁ ସୁଖିନଃ । ଏହି ଆଧାରରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିଭାଷା ସବକା ସାଥ୍ , ସବକା ବିକାଶ , ସବକା ବିଶ୍ୱାସ, ସବକା ପ୍ରୟାସର ବାର୍ତ୍ତା ଓ କାର୍ଯ୍ୟକଳାପକୁ କାୟ ମନୋବାକ୍ୟରେ ଆମ ସରକାର ଅନୁପାଳନ କରିଆସୁଛି। ମୁଖ୍ୟ ବକ୍ତା ଭାବେ ସଂଘର ସଂଯୁକ୍ତ ମହାମନ୍ତ୍ରୀ ବିଜୟ ମନୋହର ପୁରାନିକ କହିଲେଯେ, ରାଜନୀତି ପରିବର୍ତ୍ତନ ପାଇଁ ବହୁମତ ଆବଶ୍ୟକ କିନ୍ତୁ ସମାଜ ପରିବର୍ତ୍ତନ ପାଇଁ ସୃଜନଶୀଳତାର ଆବଶ୍ୟକତା ଅଛି। ଉତ୍କଳ ବିପନ୍ନ ସହାୟତା ସମିତି ଭଳି ଅନୁଷ୍ଠାନ ଗୁଡିକର ସେବା ମନୋବୃତ୍ତି ଯୋଗୁଁ ଆଜି ସମାଜରେ ପରିବର୍ତ୍ତନ ଆସିଛି। ସେବାର ସଭ୍ୟତା ଆମ ଭାରତୀୟ ସଂସ୍କୃତିରେ କେଉଁ ପୁରା କାଳରୁ ରହି ଆସିଛି। ଲକଡାଉନ ସମୟରେ ଦେଶବ୍ୟାପୀ ଜନସାଧାରଣ ବାଟରେ ଯାଉଥିବା ଲୋକଙ୍କୁ ସେବା ଯୋଗାଇଦେଇ ଏହି ପରମ୍ପରାକୁ ଦର୍ଶାଇଛନ୍ତି । ଏହି ଅବସରରେ, ସମାଜସେବା ଓ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ସମାଜସେବୀ ତଥା କୃଷକ ମାନଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ସମିତିର ଦୁଇଟି ସ୍ମରଣିକା ଉନ୍ମୋଚନ ହୋଇଥିଲା । କାର୍ଯ୍ୟକ୍ରମରେ ସମିତିର ସଭାପତି ଅକ୍ଷୟ କୁମାର ବିଟ ସ୍ୱାଗତଭାଷଣ ଦେଇଥିବା ବେଳେ, ଅଚ୍ୟୁତାନନ୍ଦ ପାଣିଗ୍ରାହୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଏବଂ ହିମାଂଶୁ ଶେଖର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।




## ସାଇକେଲ ଆରୋହୀଙ୍କୁ ଚାପିଦେଲା ଟ୍ରାକ୍ଟର

ଢେଙ୍କାନାଳ,୧୭/୪: ସାଇକେଲ ଆରୋହୀଙ୍କୁ ଚାପିଦେଲା ଟ୍ରାକ୍ଟର । ଢେଙ୍କାନାଳ ସହର ମୁଖ୍ୟରାସ୍ତା ବସଷ୍ଟାଣ୍ଡ ନିକଟରେ ଦୁର୍ଘଟଣା ଘଟିଛି । ଦୁର୍ଘଟଣା ଘଟାଇବା ପରେ ଦୋକାନ ଭିତରେ ପଶିଯାଇଥିଲା । ଏନେଇ ସ୍ଥାନୀୟ ଲୋକେ ରାସ୍ତାରୋକ କରିଛନ୍ତି । ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି । ଲୋକମାନେ ଟ୍ରକ ଡ୍ରାଇଭରକୁ ଅଟକ ରଖିଛନ୍ତି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ପଚରାଉଚରା କରୁଛି । ମୃତକଙ୍କ ପରିବାର ଲୋକଙ୍କ ମନରେ ଶୋକର ଛାୟା ଖେଳିଯାଇଛି ।

## ଏସ୍‌ସିଙ୍କ ପ୍ରତି ଅପରାଧରେ ଦଣ୍ଡବିଧାନ ହାର କମ୍



ଭୁବନେଶ୍ୱର,୧୭/୪: ଓଡିଶା ସମେତ ସାରା ଦେଶରେ ସମ୍ବିଧାନ ପ୍ରଣେତା ଡକ୍ଟର ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଜନ୍ମଦିନ ପାଳିତ ହେଉଥିବାବେଳେ ଓଡିଶାରେ ଘଟିଯାଇଛି ଏକ ସାଂଘାତିକ ଅଘଟଣ । ସମ୍ବିଧାନର ୧୭ଧାରାରେ ଜାତିପ୍ରଥା ଉଚ୍ଛେଦ ଘେନି ଘୋଷଣା କରାଯାଇଥିବାବେଳେ ଓଡିଶାରେ କିନ୍ତୁ ଅନୁସୂଚିତ ଜାତି ବର୍ଗର ଜଣେ ବ୍ୟକ୍ତି ମନ୍ଦିରରେ ଠାକୁରଙ୍କୁ ମୁଣ୍ଡିଆ ମାରିବା ଅପରାଧରେ ହତ୍ୟାକାଣ୍ଡର ଶିକାର ହୋଇଛନ୍ତି । ଖୋରଧା ଜିଲ୍ଲାର ବୋଲଗଡ ଅଞ୍ଚଳରେ ଘଟିଥିବା ଏହି ଅଘଟଣରେ ୫୫ବର୍ଷ ବୟସ୍କ ପ୍ରତାପ ସେଠୀ ନିହତ ହୋଇଥିବାବେଳେ ତାଙ୍କ ୨୮ବର୍ଷ ବୟସର ପୁଅ ସଦାନନ୍ଦ ସେଠୀ ଆହତ ହୋଇ ଚିକିତ୍ସାଧିନ ରହିଛନ୍ତି । ଗାଁ ମନ୍ଦିରରେ ପ୍ରତାପ ସେଠୀ ଠାକୁରଙ୍କୁ ମୁଣ୍ଡିଆ ମାରିବା ଘଟଣାରୁ ତାଙ୍କୁ ଧକ୍କାମାରି ବିଦାକରି ଦିଆଯାଇଥିଲା ଏବଂ ପରେ ଅଭିଯୁକ୍ତମାନେ ପ୍ରତାପଙ୍କୁ ଗାଁ ଦାଣ୍ଡରେ ଖାସିକଟା ଚାପଡରେ ହତ୍ୟାଶ କରିବା ସହିତ ତାଙ୍କ ପୁଅଙ୍କ ଦୁଇ ପାପୁଲିକୁ ମଧ୍ୟ ହାଣି ଦେଇଥିବା ଘେନି ଅଭିଯୋଗ ହୋଇଛି । ସମ୍ବିଧାନରେ ଜାତିପ୍ରଥା ଉଚ୍ଛେଦ ସହିତ ସମାନତାର ଅଧିକାର ପ୍ରଦାନ କରାଯାଇଥିବାବେଳେ ସମ୍ବିଧାନ ପ୍ରଣେତାଙ୍କ ଜନ୍ମଦିନରେ ବୋଲଗଡ ଅଞ୍ଚଳରେ ଘଟିଥିବା ଏହି ଅଭାବନୀୟ ଘଟଣା ବିଭିନ୍ନ ମହଲରେ ଆଲୋଡନ ସୃଷ୍ଟି କରୁଛି । ଏଠାରେ ଉଲ୍ଲେଖନୀୟ ଯେ ସ୍ୱାଧୀନତା ଆନ୍ଦୋଳନ କାଳରେ ଗାନ୍ଧୀ, ଗୋପବନ୍ଧୁ, ମଧୁବାବୁଙ୍କ ଭଳି ମନିଷୀମାନେ ଅସ୍ପୃଶ୍ୟତା ନିବାରଣ ପାଇଁ ସଂଘର୍ଷ କରିଥିଲେ । କିନ୍ତୁ ସ୍ୱାଧୀନତାର ୭୮ବର୍ଷରେ ବି ଅସ୍ପୃଶ୍ୟତାର କଳଙ୍କ ହିନ୍ଦୁଧର୍ମରୁ ଛାଡିବା ପରିବର୍ତ୍ତେ ଏହାକୁ କବଳିତ କରିଚାଲିଛି । ଓଡିଶା ସରକାରଙ୍କ ତଥ୍ୟ ମୁତାବକ ୨୦୨୪ ମସିହାରେ ରାଜ୍ୟରେ ତଫସିଲଭୁକ୍ତ ଜାତି ଲୋକଙ୍କ ଉପରେ ହୋଇଥିବା ଅତ୍ୟାଚାର ଆଧାରରେ ୨୭୦୪ଟି ମୋକଦ୍ଦମା ରୁଜୁ ହୋଇଥିବାବେଳେ ତଫସିଲଭୁକ୍ତ ଜନଜାତିଙ୍କ ଉପରେ ହୋଇଥିବା ନିର୍ଯ୍ୟାତନା ସଂକ୍ରାନ୍ତୀୟ ୫୯୯ଟି ମାମଲା ରୁଜୁ ହୋଇଥିଲା । କେନ୍ଦ୍ର ସରକାରଙ୍କ ସର୍ବଶେଷ ଏନସିଆରବି ରିପୋର୍ଟର ତଥ୍ୟ ମୁତାବକ ୨୦୨୩ ଆରମ୍ଭ ବେଳକୁ ସାରା ଦେଶରେ ୨,୮୩,୫୮୯ ଏସସି ନିର୍ଯ୍ୟାତନା ଓ ୪୫,୪୬୯ ଏସ୍‌ଟି ନିର୍ଯ୍ୟାତନା ମାମଲା ବିଚାର ପ୍ରତୀକ୍ଷାରେ ରହିଥିଲା । ଏହି ରିପୋର୍ଟର ତଥ୍ୟ ମୁତାବକ ୨୦୨୩ ଆରମ୍ଭ ସୁଦ୍ଧା ଅନୁସୂଚିତ ଜାତି ବର୍ଗଙ୍କ ପ୍ରତି ଘଟିଥିବା ଅପରାଧ ସଂକ୍ରାନ୍ତୀୟ ୧୯,୦୫୧ ଓ ଅନୁସୂଚିତ ଜନଜାତି ବର୍ଗଙ୍କ ପ୍ରତି ଘଟିଥିବା ୬୬୧୩ଟି ଅପରାଧିକ ମାମଲା ବିଚାରାଧିନ ଥିଲା । ୨୦୨୨ ବର୍ଷରେ ଏ ଦୁଇ କିସମର ମାମଲାରେ ମାତ୍ର ୪୯ଜଣଙ୍କ ପ୍ରତି ଦଣ୍ଡବିଧାନ ହୋଇଥିବାବେଳେ ୨୪୫ଜଣ କିନ୍ତୁ ଖସିଯାଇଥିଲେ । ଅର୍ଥାତ୍ ୨୦୨୨ବର୍ଷରେ ଏସ୍‌ସିଙ୍କ ପ୍ରତି ଅପରାଧିକ ମାମଲାରେ ମାତ୍ର ୧.୩ ପ୍ରତିଶତ ଫଏସଲା ହୋଇଥିବାବେଳେ ଦଣ୍ଡବିଧାନ ହାର ଥିଲା ୧୬.୧ ପ୍ରତିଶତ । ସାମାଜିକ ସଚେତନତା ଅଭାବ ସହିତ ଅସ୍ପୃଶ୍ୟତା ନିରାକରଣ ପାଇଁ ଧାର୍ମିକ କ୍ଷେତ୍ରରେ ଜୋରଦାର ପଦକ୍ଷେପ ନିଆଯାଉନଥିବା ଏବଂ ରାଜନୈତିକ ବ୍ୟବସ୍ଥାର ଦୁର୍ବଳତା ଯୋଗୁଁ ରାଜ୍ୟରେ ଏସସି ଓ ଏସ୍‌ଟି ବର୍ଗଙ୍କ ପ୍ରତି ଅପରାଧିକ ମାମଲା ସଂଖ୍ୟା ଢେର ଅଧିକ ରହୁଛି । ଏହି ମାମଲାଗୁଡିକର ତଦନ୍ତ ପ୍ରକ୍ରିୟାରେ ତ୍ରୁଟି ବିଚ୍ୟୁତି, ସାକ୍ଷ୍ୟ ପ୍ରମାଣ ଅଭାବ ଏବଂ ସର୍ବୋପରି ବିଳମ୍ବିତ ବିଚାର ଯୋଗୁଁ ଏଭଳି ଅପରାଧ ସଂକ୍ରାନ୍ତୀୟ ମାମଲା ବର୍ଷ ବର୍ଷ ଧରି ଗଡିବା ସହିତ ଦଣ୍ଡବିଧାନ ହାର କମ୍ ରହିବା ଆମ ବ୍ୟବସ୍ଥା ପାଇଁ ବଡ ଆହ୍ୱାନ ହୋଇଛି । ରାଜ୍ୟ ସରକାରଙ୍କ ମାମଲାନୀତି ଅନୁଯାୟୀ ଏ କିସମର ଅବରାଧିକ ମାମଲା ୫ବର୍ଷରୁ ଅଧିକ ସମୟ ଗଡିବାକଥା ନୁହେଁ । କିନ୍ତୁ ଦଶନ୍ଧି ଦଶନ୍ଧି ଧରି ଏଭଳି ମାମଲାମାନ ଗଡି ଚାଲୁଛି ।

# ଇଡ଼ି କାର୍ଯ୍ୟାଳୟ ଘେରିଲା କଂଗ୍ରେସ




ଭୁବନେଶ୍ୱର,୧୭/୪: ମୋଦୀ ସରକାର ଅନ୍ୟାୟ ଭାବରେ " ନ୍ୟାସନାଲ ହେରାଲ୍‌ଡ" ସମ୍ବାଦ ପତ୍ରର ସମ୍ପତ୍ତିକୁ ଜବତ ଏବଂ କଂଗ୍ରେସ ଦଳର ନେତୃବର୍ଗଙ୍କ ବିରୁଦ୍ଧରେ ମନମୁଖୀ ଚାର୍ଜସିଟ୍ ଦାଖଲ କରିଛନ୍ତି । ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ସମସ୍ତ ଜିଲ୍ଲା କଂଗ୍ରେସ ସମସ୍ତ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସଦର ମହକୁମାରେ ଥିବା କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୋଦୀ ସରକାରଙ୍କର ମନମାନି, ପ୍ରତିହିଂସା ଓ ଅତ୍ୟାଚାର ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷିରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭୁବନେଶ୍ୱରସ୍ଥିତ ଇ.ଡି. କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାସଙ୍କ ତତ୍ତ୍ୱାବଧାନରେ ଏହି ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ପିସିସି ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସ ମୋଦୀ ସରକାର ମନମୁଖ କାର୍ଯ୍ୟକ୍ରମକୁ ନେଇ ଦୃଢ଼ ନିନ୍ଦା କରିବା ସହିତ ମୋଦୀ ଓ ଶାହାଙ୍କ ନିର୍ଦ୍ଦେଶରେ ଇ.ଡି. ଏକ ମିଛ ମାମଲାରେ ଅଭିଯୁକ୍ତ ଫର୍ଦ୍ଦ ଦାଖଲ କରିଛି । ଏହି ଘଟଣା ଭାରତ ବର୍ଷର ସମସ୍ତ ଆଇନ ଓ କାନୁନ୍ ବ୍ୟବସ୍ଥାର ଖୁଲମ୍‌ଖୋଲା ଉଲଘଂନ କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେଉଁ ନ୍ୟାସନାଲ ହେରାଲ୍ଡ ସମ୍ପତି ଓ ଅର୍ଥ ହେରେଫେର କଥା କୁହାଯାଉଛି ଏହି ଘଟଣାରେ ଏକ ଟଙ୍କାର କାରବାର ହୋଇନାହିଁ । ୟଙ୍ଗ ଇଣ୍ଡିଆ କମ୍ପାନୀ ଏକ ବିନା ଲାଭକାରୀ କମ୍ପାନୀ ଅଟେ । ଏହି କମ୍ପାନୀ ୨୫ ଧାରା ଅନୁସାରେ ପରିଚାଳିତ। ଏହି କମ୍ପାନୀର ନିର୍ଦ୍ଦେଶକମାନେ କୌଣସି ପ୍ରକାର ଦରମା ନିଅନ୍ତି ନାହିଁ । ଏହି କମ୍ପାନୀ କୌଣସି ଲାଭ କରେ ନାହିଁ । ଏହି କମ୍ପାନୀ କୌଣସି ବ୍ୟବସାୟୀକ କାରବାରରେ ଲିପ୍ତ ରୁହେ ନାହିଁ। ଯଦି ୧ ଟଙ୍କାର କାରବାର ହୋଇନାହିଁ ଏବଂ କୌଣସି ସମ୍ପତି ହସ୍ତାନ୍ତର ହୋଇନାହିଁ, ତାହାଲେ ଅର୍ଥ ହେରେଫେର କଥା ଆସିଲା କେଉଁଠୁ ? ୧୯୩୮ ମସିହାରେ ଭାରତ ବର୍ଷର ସ୍ୱାଧୀନତା ସଂଗ୍ରାମର ସମସ୍ତ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ପାଖରେ ପହଂଚାଇବା ପାଇଁ ଭାରତ ବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଆସୋସିଏଟେଡ୍ ଜୋର୍ନାଲ୍ ଲିମିଟେଡ କମ୍ପାନି ଗଠନ କରିଥିଲେ । ଏହି କମ୍ପାନୀ ଦ୍ୱାରା ନବଜୀବନ ପତ୍ରିକା ଓ ନ୍ୟାସନାଲ ହେରାଲ୍ ଖବକର କାଗଜ ପ୍ରକାଶିତ ହେଉଥିଲା । ସ୍ୱାଧୀନତା ସଂଗ୍ରାମର ବାର୍ତ୍ତାକୁ ଦେଶର ଜନସାଧାରଣ ଓ ବିଦେଶରେ ଥିବା ଲୋକମାନଙ୍କ ପାଖରେ ପହଂଚାଇବା ହେଉଛି ଏହି ଖବର କାଗଜର ମୂଳ ଉଦ୍ଦେଶ୍ୟ। ଏଥିପାଇଁ ପଣ୍ଡିତ ନେହେରୁ ନିଜର ପୈତୃକ ଜାଗା ଲକ୍ଷ୍ନୌଠାରେ ପତ୍ରିକା ପ୍ରକାଶନ ପାଇଁ ଦେଇଥିଲେ। ଯେଉଁମାନେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇନଥିଲେ ଏବଂ ବିଟ୍ରିଶ ସରକାର ପାଇଁ ଗୋଲାମୀ କରୁଥିଲେ ଆଜି ସେମାନେ ଏହି ଘଟଣାକୁ ନେଇ କ୍ଷମତାର ଅପବ୍ୟବହାର କରି ମିଛ ମାମଲା ଦାୟର କରୁଛନ୍ତି । ରାହୁଲ ଗାନ୍ଧୀ କହିଛନ୍ତି "ଡରୋ ମତ୍" । କଂଗ୍ରେସ ନେତୃବର୍ଗ ଭୟ ବା ଡରିଯିବା ନୁହଁନ୍ତି । ସେ କହିଛନ୍ତି ମୋଦୀ ସରକାର ଅନ୍ୟାୟ ଭାବରେ ନ୍ୟାସନାଲ ହେରାଲ୍ଡକୁ ସମ୍ପତିକୁ ଜବତ କରିବା ଏବଂ କଂଗ୍ରେସ ଦଳର ବରିଷ୍ଠ ନେତୃବୃନ୍ଦଙ୍କ ବିରୁଦ୍ଧରେ ଚାର୍ଜସିଟ୍ କରିବା ନିନ୍ଦନୀୟ । ଏହା ଆଇନଗତ କାର୍ଯ୍ୟାନୁଷ୍ଠାନ ନୁହେଁ ବରଂ ଏହା ଆଇନର ଶାସନ ଆଳରେ ସରକାରଙ୍କ ପ୍ରାୟୋଜିତ ଅପରାଧ ବୋଲି ଶ୍ରୀଯୁକ୍ତ ଦାସ କହିଛନ୍ତି । ସେ କହିଛନ୍ତି ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସମ୍ମାନନୀୟା ଶ୍ରୀମତୀ ସୋନିଆ ଗାନ୍ଧୀ, ଲୋକସଭାର ବିରୋଧୀଦଳର ନେତା ସମ୍ମାନନୀୟ ଶ୍ରୀଯୁକ୍ତ ରାହୁଳ ଗାନ୍ଧୀ ଏବଂ ଅନ୍ୟାନ୍ୟ ବରିଷ୍ଠ ନେତୃମଣ୍ଡଳୀଙ୍କ ବିରୁଦ୍ଧରେ ଏବେ ଯେଉଁ ଚାର୍ଜସିଟ୍ ଦାଖଲ ହୋଇଛି ସେଥିରେ ସାଙ୍ଘାତିକ ଭାବେ ସରକାରୀ କ୍ଷମତାର ଅପବ୍ୟବହାର ହୋଇଛି। ଏହା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଥିବା ବିରୋଧ ଦଳର ବିଚାର ଉପରେ ସିଧାସଳଖ ଆକ୍ରମଣ। ବେପରୁଆ ଓ ସ୍ୱେଚ୍ଛାଚାରୀ ହୋଇପଡିଥିବା ଶାସକ ଦଳର ଏହା ରାଜନୈତିକ ଫାଇଦା ପାଇଁ ଏକ ଅପଚେଷ୍ଟା । ଏହା ଅତି ନିକୃଷ୍ଟ ପ୍ରତିହିଂସା ପରାୟଣ ରାଜନୀତି ବୋଲି ସେ କହିଛନ୍ତି।

# ଶବ ପରିବହନ ପାଇଁ ହେବ ସ୍ୱତନ୍ତ୍ର କଲ୍ ସେଣ୍ଟର ବ୍ୟବସ୍ଥା



ଭୁବନେଶ୍ୱର,୧୭/୪: ରାଜ୍ୟ ସରକାର ସୁବିଧାରେ ଶବ ପରିବହନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଯାଉଛନ୍ତି। ଏଥିପାଇଁ ସରକାର କଲ୍ ସେଣ୍ଟର ପ୍ରତିଷ୍ଠା କରିବା ଲକ୍ଷ୍ୟ ରଖିଛନ୍ତି। କଲ୍ ସେଣ୍ଟର ମାଧ୍ୟମରେ ରୋଗୀ ପରିବାର ଓ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ କରି ମୃତଦେହକୁ ଠିକ୍ ସମୟରେ ଏବଂ ସୁବିଧାରେ ନିର୍ଦ୍ଧାରିତ ସ୍ଥାନକୁ ପହଞ୍ଚା ଯାଇ ପାରିବ। ଏଥିପାଇଁ ୧୦୮ ଆମ୍ବୁଲାନ୍ସ ଭଳି ସ୍ୱତନ୍ତ୍ର ଟୋଲ୍ ଫ୍ରି ନମ୍ବର ପରିଚାଳିତ ହେବ। ବୁଧବାର ସ୍ୱାସ୍ଥ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ପ୍ରାରମ୍ଭିକ ଆଲୋଚନା ହୋଇଛି। ସରକାରୀ ଡାକ୍ତରଖାନାରେ ମୃତ୍ୟୁ ଘଟୁଥିବା ବ୍ୟକ୍ତିଙ୍କ ଶବକୁ ସେମାନଙ୍କ ଘର କିମ୍ବା ଶ୍ମଶାନ ଯାଏଁ ପରିବହନ ପାଇଁ ଏହି କଲ୍ ସେଣ୍ଟର କାମ କରିବ। ଅନ୍ୟ ରାଜ୍ୟରେ ଥିବା ଶବ ପରିବହନ ବ୍ୟବସ୍ଥା ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ସେହିପରି ଏବେ ରାଜ୍ୟରେ କେଉଁ ଜିଲାର ହସ୍ପିଟାଲରେ ବାର୍ଷିକ କେତେ ଲୋକଙ୍କ ମୃତ୍ୟୁ ହେଉଛି, ସେହି ହିସାବରେ କେତେ ଶବ ପରିବହନ ଗାଡ଼ି ଆବଶ୍ୟକ ସେନେଇ ସ୍ୱାସ୍ଥ୍ୟ ସଚିବ ତଥ୍ୟ ମାଗିଛନ୍ତି। ଆଗାମୀ ଦିନରେ ଶବ ପରିବହନ ପାଇଁ କି.ମି. ପିଛା ଦର କେତେ ରହିବ ନିଷ୍ପତ୍ତି ନିଆଯିବ। ସୂଚନାଯୋଗ୍ୟ, ୧୦୯ ଡାଏଲ୍ କଲେ ଶବ ବାହକ ଯାନ ଆସି ପହଞ୍ଚିବ ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ବିଧାନସଭାରେ କହିଥିଲେ।

# ଓଡିଶାର ସୁଦୀର୍ଘ ରେଳ ସୁଡଙ୍ଗ



ଭୁବନେଶ୍ୱର,୧୭/୪: ଓଡ଼ିଶାର ସବୁଠାରୁ ସୁଦୀର୍ଘ ରେଳ ସୁଡ଼ଙ୍ଗ, (୪୧୫୮ ମିଟର ଦୈର୍ଘ୍ୟ ବିଶିଷ୍ଟ), ଖୋର୍ଦ୍ଧା-ବଲାଙ୍ଗୀର ନୂତନ ରେଳ ଲାଇନ୍ ପ୍ରକଳ୍ପ ଅନ୍ତର୍ଗତ ଟନେଲ୍ ଟି-୪ ର ଆଜି ସଫଳ ଭାବେ "ଡେଲାଇଟିଂ"ବ୍ରେକଥ୍ରୁ କାର୍ଯ୍ୟ କରାଯାଇଛି । ଏହି ଟନେଲ୍ ବୌଦ୍ଧ ଜିଲ୍ଲାର ଆଢେଣିଗଡ଼-ଚାରିଛକ ଷ୍ଟେସନ ମଧ୍ୟରେ ଅବସ୍ଥିତ ଏବଂ ଏହି କାର୍ଯ୍ୟ ନୂତନ ଜ୍ଞାନକୌଶଳ ପଦ୍ଧତି ଦ୍ୱାରା ସମାପ୍ତ ହୋଇଛି। ଏହି ଟନେଲ୍ କେବଳ ଏହି ପ୍ରକଳ୍ପରେ ନୁହେଁ, ବରଂ ସମଗ୍ର ଓଡ଼ିଶାରେ ସୁଦୀର୍ଘ ରେଳ ସୁଡ଼ଙ୍ଗ ଭାବେ ଇତିହାସ ରଚିଛି । ସୁଡ଼ଙ୍ଗର ଖନନରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ମେସିନ୍ ନିୟୋଜିତ କରାଯାଇଥିଲା, ଯାହା ପୂର୍ବ ଘାଟର ଚ୍ୟାଲେଞ୍ଜିଂ ଏବଂ ଦୁର୍ଗମ ଭୂଖଣ୍ଡକୁ ନେଭିଗେଟ୍ କରିବା ପାଇଁ ଡିଜାଇନ୍ କରାଯାଇଥିଲା। ଖୋର୍ଦ୍ଧା ରୋଡ୍ – ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ସମୁଦାୟ ଦାର୍ଘ୍ୟ ୩୦୧ କିଲୋମିଟର ଅଟେ ଯାହାକି ସୁଡ଼ଙ୍ଗ ନିର୍ମାଣ କ୍ଷେତ୍ରରେ ଅନେକ ଇଞ୍ଜିନିୟରିଂ ଏବଂ ଲଜିଷ୍ଟିକ୍ ଚ୍ୟାଲେଞ୍ଜ ଗୁଡିକର ସାମ୍ନା କରିବାକୁ ପଡିଛି। ଏହି ପ୍ରକଳ୍ପରେ ୭୫ କିଲୋମିଟର ଦୈର୍ଘ୍ୟ ମଧ୍ୟରେ ସାତଟି ସୁଡ଼ଙ୍ଗ ଅନ୍ତର୍ଭୁକ୍ତ ଯାହାକି ସମସ୍ତ ସୁଡ଼ଙ୍ଗ ଦଶପଲ୍ଲା ଏବଂ ପୁରୁଣାକଟକ ମଧ୍ୟରେ ଅବସ୍ଥିତ। ଏହି ସୁଡ଼ଙ୍ଗଗୁଡ଼ିକର ବିଶେଷକରି ପୂର୍ବଘାଟର କଷ୍ଟକର ଭୂଖଣ୍ଡ ଦେଇ ନିର୍ମାଣ କାର୍ଯ୍ୟ ପ୍ରକଳ୍ପର ସବୁଠାରୁ ଜଟିଳ ଦିଗ ମଧ୍ୟରୁ ଗୋଟିଏ। ଏହି ପ୍ରକଳ୍ପରେ ଗୋଟିଏପଟେ ଖୋର୍ଦ୍ଧା ରୋଡ଼ ରୁ ଦଶପଲ୍ଲା ପର୍ଯ୍ୟନ୍ତ ଏବଂ ଅନ୍ୟ ପଟେ ବଲାଙ୍ଗୀର ରୁ ପୁରୁଣାକଟକ ପର୍ଯ୍ୟନ୍ତ ୨୨୬ କି.ମି. ଅଂଶ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଅବଶିଷ୍ଟ ୭୫ କି.ମି. ଅଂଶ ଯାହା ମଧ୍ୟରେ ୭ଟି ଟନେଲ୍ ରହିଛି, ବର୍ତ୍ତମାନ ନିର୍ମାଣାଧୀନଅଛି । ଟି-୪ ର "ଡେଲାଇଟିଂ" ବ୍ରେକଥ୍ରୁ ଏହି ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପର ଗତି ବଢ଼ାଇବାରେ ମୁଖ୍ୟ ଭୂମିକା ନେବ । ଏହି ଐତିହାସିକ ସଫଳତା ଓଡ଼ିଶାର ଉପକୂଳ ଅଞ୍ଚଳ ସହିତ ପଶ୍ଚିମାଞ୍ଚଳକୁ ସଂଯୋଗ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ଏହି ଅଞ୍ଚଳର ପରିବହନ ଏବଂ ଆର୍ଥିକ ସମ୍ଭାବନାକୁ ବୃଦ୍ଧି କରିବ।

# ବିକଶିତ ହେବ ବାଲକାଟି ନାଏକସାହିର ବାଉଁଶ ହସ୍ତଶିଳ୍ପ

ବାଲିଅନ୍ତା,୧୭/୪: ଦିନକୁ ଦିନ ବାଉଁଶ ହସ୍ତଶିଳ୍ପ ପ୍ରତି ଯୁବପିଢ଼ିଙ୍କ ମନରୁ ଉତ୍ସାହ କମିକମି ଯାଉଛି। ଏହି ପ୍ରାଚୀନ କଳା କାରିଗରୀ ବିକଶିତ ହୋଇପାରୁ ନଥିବାରୁ ବଜାର ଚାହିଦା ବଢୁନାହିଁ। ପୁରୁଣା ଢାଞ୍ଚାରେ ପ୍ରସ୍ତୁତ ବାଉଁଶ ସାମଗ୍ରୀ ପ୍ରତି କ୍ରେତାଙ୍କ ଭିତରେ ଆକର୍ଷଣ ସୃଷ୍ଟି ହୋଇପାରୁନାହିଁ। ପୁରୁଣା କଳା କୌଶଳରେ ନୂଆ ଶୈଳୀ ବ୍ୟବହାର ହୋଇପାରିଲେ, ବାଉଁଶ ତିଆରି ଜିନିଷର ବଜାର ଚାହିଦା ନିଶ୍ଚୟ ବଢ଼ିବ। ଏହି ଲକ୍ଷ୍ୟ ନେଇ ରାଜ୍ୟ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ବାଲିଅନ୍ତା ବ୍ଲକ ଅଧୀନ ବାଲକାଟି ନାଏକସାହିର ବାଉଁଶ କାରିଗରଙ୍କୁ ବାଛିଛି। ସେମାନଙ୍କୁ ତାଲିମ ପ୍ରଦାନ କରାଯିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି ସାହିର ୩୧ଜଣ କାରିଗରଙ୍କ ଦକ୍ଷତା ବିକାଶ ପାଇଁ ତାଲିମ ଦିଆଯିବ। ଜେଜେବାପା, ବାପାଙ୍କ ଅମଳରୁ କୌଳିକ ବୃତ୍ତି ଭାବେ ଏହି କାରିଗରମାନେ ବାଉଁଶ ପାତିଆରେ ବିଭିନ୍ନ ଗୃହ ଉପକରଣ ସାମଗ୍ରୀ ତିଆରି କରି ଗୁଜୁରାଣ ମେଣ୍ଟାଉଥିଲେ। ଏଣିକି ସେମାନଙ୍କୁ ନୂଆନୂଆ କୌଶଳ ଶିକ୍ଷା ଦିଆଯିବ। ଏମିତିକି କାରିଗର ପରିବାରଙ୍କୁ ଋଣ ଓ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ରଥିଜେମା କଂସାରୀ ପରିବାର ବିକାଶ ଓ ଉନ୍ନୟନ ପରିଷଦ ସଭାପତି ବୈଷ୍ଣବ ମହାରଣାଙ୍କ ତତ୍ତ୍ୱାବଧାନରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସହକାରୀ ନିର୍ଦ୍ଦେଶକ ଦିଲୀପ କୁମାର ପଣ୍ଡା, ବ୍ଲକ ହସ୍ତଶିଳ୍ପ ବିକାଶ ଅଧିକାରୀ ସମ୍ବିତ କୁମାର ମିଶ୍ର, ଖୋର୍ଦ୍ଧା ଜିଲ୍ଲା ଶିଳ୍ପୀ ମହାସଂଘ ସଭାପତି ଗଗନ ମହାରଣା ପ୍ରମୁଖ ନାଏକସାହିରେ ପହଞ୍ଚି କାରିଗର ପରିବାରଙ୍କୁ ଭେଟି ଆଲୋଚନା କରିଛନ୍ତି। ସାହିର ମଙ୍ଗଳା ମନ୍ଦିର ପରିସରରେ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ବାଉଁଶ ପାତିଆ ଉପକରଣ ଦେଖିବା ସହ ବାଉଁଶ ସଂଗ୍ରହ ଓ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ବିକ୍ରିବଟା ସମସ୍ୟା ଉପରେ ଆଲୋଚନା କରାଯାଇଛି। ପରିବର୍ତ୍ତିତ ସମୟରେ ଲୋକଙ୍କ ରୁଚି ଓ ପସନ୍ଦ ବଦଳି ଯାଇଥିବାରୁ ବାଉଁଶ ପାତିଆରେ ନୂଆନୂଆ ସୌଖୀନ ସାମଗ୍ରୀ ଯଥା ଟେବୁଲ ଲ୍ୟାମ୍ପ, ପେନ୍‌ଷ୍ଟାଣ୍ଡ, ୱାଲ୍ ହ୍ୟାଙ୍ଗର ଓ ଅନ୍ୟାନ୍ୟ ଆକର୍ଷଣୀୟ ଜିନିଷ ତିଆରି କରାଯିବା ନେଇ ସହକାରୀ ନିର୍ଦ୍ଦେଶକ ଶ୍ରୀ ପଣ୍ଡା କାରିଗରମାନଙ୍କୁ ଉତ୍ସାହିତ କରିଥିଲେ। ସୂଚନାଯୋଗ୍ୟ ଯେ ଏହି ସାହିର ୩୧ ପରିବାର ଆଜି ବି ଏହି କୌଳିକ ବୃତ୍ତିକୁ ରୋଜଗାରର ମାଧ୍ୟମ ଭାବେ ଆପଣାଇଛନ୍ତି। କୁଲା, ବିରି ଓ ମୁଗ ଚଲା, ପାଛିଆ, ଶାଗଧୁଆ, ବାଉଁଶିଆ, ଧାନଛଣା, ଲିଆଚଲା, ପରିବା ଡାଲା, ଭୋଗେଇ, ଭୋଗଡାଲା ଓ କୁଲେଇ ଆଦି ତିଆରି କରୁଛନ୍ତି। ବିବାହ ବ୍ରତ ଭଳି ମାଙ୍ଗଳିକ କାର୍ଯ୍ୟ ହେଉ ଅଥବା ଘରର ଆସବାବପତ୍ର ପାଇଁ ଆଖପାଖ ଅଞ୍ଚଳର ଲୋକମାନେ ନାଏକସାହିକୁ ଏସବୁ ଜିନିଷ କିଣିବାକୁ ଧାଇଁ ଆସିଥାନ୍ତି। ମାତ୍ର ପୁରୁଣାକାଳିଆ ଏହିସବୁ ସାମଗ୍ରୀ ବିକ୍ରିରୁ ସେମାନଙ୍କୁ ଉପଯୁକ୍ତ ରୋଜଗାର ମିଳିପାରୁନାହିଁ। ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସେମାନଙ୍କ ଆର୍ଥିକ ସମସ୍ୟା ଦୂର କରିବା ସହ ଯୁବପିଢ଼ିକୁ ପ୍ରୋତ୍ସାହନ ଦେବ ବୋଲି ଆଶା କରାଯାଉଛି।



# ଉଦ୍ୟୋଗ ସ୍ଥାପନ କରନ୍ତୁ ଓଡ଼ିଆ: ଶିଳ୍ପମନ୍ତ୍ରୀ



ଭୁବନେଶ୍ୱର,୧୭/୪ ନିକଟରେ ନୂଆଦିଲ୍ଲୀରେ ଆୟୋଜିତ ନିବେଶକ ସମ୍ମିଳନୀରେ ଆନୁଷଙ୍ଗିକ ଶିଳ୍ପ ଲାଗି ରାଜ୍ୟ ସରକାର ୧୨ଟି ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ସେଥିରୁ କୌଣସି ସଂସ୍ଥା ଓଡ଼ିଆ ଉଦ୍ୟୋଗୀଙ୍କ ନଥିବାରୁ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅଧିକରୁ ଅଧିକ ଓଡ଼ିଆ ଲୋକ ଉଦ୍ୟୋଗ ସ୍ଥାପନ କରନ୍ତୁ ବୋଲି ସେ ଚାହୁଁଥିବା କହିଛନ୍ତି। ଫିକି ଏଫ୍ଏଲ୍ଓ ପକ୍ଷରୁ ଆୟୋଜିତ 'ଚେଞ୍ଜ୍ ଦି ଗାର୍ଡ' କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ଯେ ୨୦୪୭ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲାଗି ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି, ତାହା ହାସଲ କରିବା ଲାଗି ରାଜ୍ୟର ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ଆର୍ଥିକସ୍ତରରେ ସ୍ୱାଧୀନ ହେବାକୁ ପଡ଼ିବ। ମହିଳାମାନଙ୍କ ସଶକ୍ତୀକରଣ ପାଇଁ ସରକାର ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି, ନାନୋ ୟୁନିକର୍ଣ୍ଣ ଯୋଜନା, ସୁଦକ୍ଷା ଯୋଜନା ଆଦି ଜରିଆରେ ପଦକ୍ଷେପ ଗ୍ରହଣ କରୁଛନ୍ତି। କିନ୍ତୁ ସାମଗ୍ରିକ ବିକାଶ ଲାଗି ସରକାରଙ୍କୁ ମହିଳାମାନଙ୍କ ସହଯୋଗ ଦରକାର ବୋଲି ସେ କହିଥିଲେ। ମହିଳାଙ୍କ ପାଇଁ ସରକାର ଗ୍ରହଣ କରିଥିବା ପଦକ୍ଷେପ ଉପରେ ଆଲୋଚନା କରି ସେ କହିଥିଲେ ଯେ ମହିଳାମାନଙ୍କ ଲାଗି ସ୍ୱତନ୍ତ୍ର ଶିଳ୍ପ ପାର୍କ ସ୍ଥାପନ କରାଯାଉଛି। ଇପିକଲ୍‌ରେ ମହିଳା ଉଦ୍ୟୋଗୀଙ୍କ ପାଇଁ ସ୍ୱତନ୍ତ୍ର ସେଲ୍ ରହିଛି। ସରକାର ଚାହୁଁଛନ୍ତି ଯଦି ପ୍ରତି ଜିଲ୍ଲାରୁ ୪୦-୫୦ ନୂଆ ମହିଳା ଉଦ୍ୟୋଗୀ ସୃଷ୍ଟି ହୁଅନ୍ତୁ। ଅଧିକରୁ ଅଧିକ ଓଡ଼ିଆ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ସହ ଯୋଡ଼ି ହୁଅନ୍ତୁ। ଆନୁଷଙ୍ଗିକ ଶିଳ୍ପ ପାଇଁ ବିଭିନ୍ନ ଶିଳ୍ପାଞ୍ଚଳର ମ୍ୟାପିଂ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏହି ଅବସରରେ ଡ. ପ୍ରଜ୍ଞା ପାରମିତା ମିଶ୍ରଙ୍କୁ ଫିକି ଏଫ୍ଏଲ୍ଓ ଭୁବନେଶ୍ୱରର ନୂଆ ଅଧ୍ୟକ୍ଷା ଘୋଷଣା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାଳ ଶେଷ ହୋଇଥିବା ଅଧ୍ୟକ୍ଷା ରଶ୍ମି ସାହୁ, ପ୍ରତିଷ୍ଠାତା ଅଧ୍ୟକ୍ଷା ଧରିତ୍ରୀ ପଟ୍ଟନାୟକ, ବରିଷ୍ଠ ଉପାଧ୍ୟକ୍ଷା ପଞ୍ଚମୀ ମାନୋ ଉକିଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଏପ୍ରିଲ୍ ୨୧ରେ ମୁଖ୍ୟମନ୍ତ୍ରୀ ସମ୍ବଲପୁରରେ କରିବେ ଜନ ଶୁଣାଣି



ଭୁବନେଶ୍ୱର,୧୭/୪: ଏପ୍ରିଲ୍ ୨୧ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁରରେ ଜନ ଅଭିଯୋଗ ଶୁଣାଣି କରିବେ। ଏଥିପାଇଁ ଏପ୍ରିଲ୍ ୧୭ ପୂର୍ବାହ୍ନ ୧୧ଟାରୁ ଅନ୍‌ଲାଇନ ପଞ୍ଜୀକରଣ କରିବାକୁ ପଡ଼ିବ। ଲୋକେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ପୋର୍ଟାଲ୍ କିମ୍ବା ମୋବାଇଲ୍ ଆପ୍ଲିକେସନ୍ ଜରିଆରେ ନିଜର ନାମକୁ ପଞ୍ଜୀକରଣ କରିପାରିବେ। ବୁଧବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଏହି ସୂଚନା ଦେଇଛି। କାର୍ଯ୍ୟକ୍ରମ ଅନୁଯାୟୀ ୨୧ ଏପ୍ରିଲ୍ ସକାଳ ୮ଟାରେ ସମ୍ବଲପୁରରେ ଅନୁଷ୍ଠିତ ହେବ। ଅଭିଯୋଗ ଶୁଣାଣି ସମୟରେ ସର୍ବାଧିକ ୧୦୦୦ ଆବେଦନକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଅନୁମତି ଦିଆଯିବ। ଉକ୍ତ ଶୁଣାଣିରେ କାର୍ଯ୍ୟକ୍ରମରେମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ବ୍ୟତୀତ ୧୦ରୁ ଅଧିକ ମନ୍ତ୍ରୀ ଯୋଗଦେବାର ସମ୍ଭାବନା ରହିଛି।

# ୩୦ରୁ ଚନ୍ଦନ ଯାତ୍ରା ପାଣିରୁ ବାହାରିଲା ଡଙ୍ଗା




ପୁରୁଣା । ଭୁବନେଶ୍ୱର,୧୭/୪: ଆସନ୍ତା ୩୦ତାରିଖରେ ଅକ୍ଷୟ ତୃତୀୟା। ସେହି ଦିନରୁ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଆରମ୍ଭ ହେବ। ଏନେଇ ଲିଙ୍ଗରାଜ ମନ୍ଦିର ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ଆଜି ବିନ୍ଦୁସାଗର ପାଣିରେ ବୁଡ଼ି ରହିଥିବା ଦୁଇଟି ଡଙ୍ଗାକୁ ବାହାର କରାଯାଇଛି। ଏବେ ମହାରଣା ସେବାୟତଙ୍କ ଦ୍ୱାରା ଚାପ ଡଙ୍ଗା ପ୍ରସ୍ତୁତ କରାଯିବ। ଅକ୍ଷୟ ତୃତୀୟା ଅର୍ଥାତ୍ ଚନ୍ଦନଯାତ୍ରାର ପ୍ରଥମ ଦିନରୁ ପ୍ରଭୁ ଶ୍ରୀଲିଙ୍ଗରାଜ, ମା' ପାର୍ବତୀ, ମା' ଦୁର୍ଗା ଓ କପିଳନାଥ ଚନ୍ଦନ ଯାତ୍ରା କରନ୍ତି। ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଏହି ଚନ୍ଦନଯାତ୍ରା ୨୨ଦିନ ଧରି ହେବ। ଏନେଇ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ପ୍ରସାଦ ମହାନ୍ତି କୁହନ୍ତି, ଖୁବଶୀଘ୍ର ସେବାୟତଙ୍କୁ ଡାକି ଆଲୋଚନା କରାଯିବ। ରୁକୁଣା ରଥଯାତ୍ରା ପରି ଚନ୍ଦନ ଯାତ୍ରା ମଧ୍ୟ ସୁରୁଖୁରୁରେ ସମ୍ପନ୍ନ କରାଯିବ।

# ରାଜଧାନୀରେ ଝାଡ଼ାବାନ୍ତି: ୧୪୨ ଆକ୍ରାନ୍ତ 'ନୀଳମାଧବ ନିବାସ'ରେ ଦୂଷିତ ପାନୀୟ ଜଳରୁ ବ୍ୟାପିଛି



ଭୁବନେଶ୍ୱର,୧୭/୪: ରାଜଧାନୀରେ ବ୍ୟାପିଛି ଝାଡ଼ାବାନ୍ତି। ଚନ୍ଦ୍ରଶେଖରପୁର ନୀଳାଦ୍ରିବିହାର ଅଞ୍ଚଳରେ ଥିବା 'ନୀଳମାଧବନିବାସ'ରେ ଏହି ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ୧୪୨ଜଣ ଆକ୍ରାନ୍ତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଏକାଧିକ ଆକ୍ରାନ୍ତ କ୍ୟାପିଟାଲ୍ ହସ୍ପିଟାଲ୍‌ରେରେ ଭର୍ତ୍ତି ହୋଇଛନ୍ତି। ଆକ୍ରାନ୍ତମାନଙ୍କୁ ଔଷଧ ଓ ଓଆରଏସ୍ ପ୍ରଦାନ କରାଯାଇଛି। ଯେକୌଣସି ଜରୁରି ପରିସ୍ଥିତିର ମୁକାବିଲା ପାଇଁ ସେଠାରେ ଏକ ମୋବାଇଲ୍ ହେଲ୍‌ଥ ୟୁନିଟ୍ ଉପସ୍ଥିତ ରହିଛନ୍ତି। ରାଜଧାନୀରେ ଗତ ଦଶନ୍ଧି ମଧ୍ୟରେ ଏତେସଂଖ୍ୟକ ଲୋକ ଡାଇରିଆରେ ଆକ୍ରାନ୍ତ ହୋଇଥିବାର ନଜିର ନାହିଁ। ତେଣୁ ଏହାକୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଛି। ରାଜଧାନୀର ୱାର୍ଡ ନମ୍ବର ୧୩ର ବସ୍ତିବାସିନ୍ଦାଙ୍କ ପାଇଁ ରାଜ୍ୟ ସରକାର 'ନୀଳମାଧବନିବାସ'ରେ ବାସଗୃହ ଯୋଗାଇ ଦେଇଛନ୍ତି। ସେଠାରେ ୨ହଜାରରୁ ଅଧିକ ଲୋକ ରହୁଛନ୍ତି। ୧୨ ତାରିଖରେ କିଛି ଲୋକ ପ୍ରଥମେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ପରେ ପରେ ଏହା 'ନୀଳମାଧବନିବାସ'ର ବିଭିନ୍ନ ବ୍ଲକ୍‌କୁ ବ୍ୟାପିଥିଲା। ଏଠାରେ ରହୁଥିବା ଲୋକେ ଦୂଷିତ ପାଣିକୁ ପାନୀୟ ଭାବେ ବ୍ୟବହାର କରିବାରୁ ଏପରି ଘଟିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଛି। ରାଜ୍ୟ ସରକାରଙ୍କ ସୂଚନା ମୁତାବକ, 'ନୀଳମାଧବନିବାସ'ରେ ଝାଡ଼ାବାନ୍ତି ବ୍ୟାପିବା ଖବର ମିଳିବା ପରେ ସ୍ୱାସ୍ଥ୍ୟବିଭାଗର ୩ଟି ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଥିଲେ। ସେଠାରେ ଥିବା ଏକ ସମ୍ପର ପାଣି ପିଇ ଝାଡ଼ାବାନ୍ତି ବ୍ୟାପିଥିବା ସନ୍ଦେହ ହୋଇଥିଲା। ସେଠାରୁ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟରେ ସମ୍ପର ପାଣି ଦୂଷିତ ବୋଲି ସ୍ପଷ୍ଟ ହୋଇଥିଲା। ତେଣୁ ଲୋକେ ସମ୍ପର ପାଣି ନ ପିଇବାକୁ ଅନୁରୋଧ କରାଯାଇଥିଲା। ସେହିପରି ସେଠାରେ ଥିବା ଓଭରହେଡ୍ ଟାଙ୍କିର ପାଣି ମଧ୍ୟ ପ୍ରଦୂଷିତ ହୋଇଥିବା ସନ୍ଦେହ କରାଯାଉଛି। ତେଣୁ ସ୍ଥାନୀୟ ଅଞ୍ଚଳରେ ଟ୍ୟାଙ୍କର ଜରିଆରେ ପାଣି ଯୋଗାଇଦେବା ଲାଗି ୱାଟ୍‌କୋକୁ କୁହାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଦୁଇଟି ଟିମ୍ ଗୋଷ୍ଠୀ ଆଲୋଚନା ଜରିଆରେ ଲୋକମାନଙ୍କୁ ସଚେତନ କରିଛନ୍ତି। ଏଡିୟୁପିଏଚ୍ଓ ଡା.ନୀଳମଣି ସେନାପତି କହିଛନ୍ତି, 'ନୀଳମାଧବ ନିବାସ'ରେ ଆକ୍ରାନ୍ତମାନଙ୍କୁ ସବୁପ୍ରକାର ଚିକିତ୍ସା ସୁବିଧା ଦିଆଯାଉଛି। ଦୂଷିତ ପାଣିରୁ ଝାଡ଼ାବାନ୍ତି ହୋଇଥିବା ସ୍ପଷ୍ଟ ହୋଇଛି। ତଥାପି ଅଧିକ ଗବେଷଣା ପାଇଁ ଲୋକମାନଙ୍କୁ ମଳ ପରୀକ୍ଷା କରାଇନେବା ପାଇଁ କୁହାଯାଉଥିଲେ ହେଁ ସେମାନେ ସହଯୋଗ କରୁନାହାନ୍ତି। ଝାଡ଼ାବାନ୍ତି ସ୍ଥିତି ନିୟନ୍ତ୍ରଣରେ ରହିଛି ଓ ମାମଲା ସଂଖ୍ୟା କମୁଛି। ତେବେ ରାଜଧାନୀର ଅନ୍ୟ କୌଣସି ସ୍ଥାନରେ ବର୍ତ୍ତମାନ ସୁଦ୍ଧା ଡାଇରିଆ ସ୍ଥିତି ଉପୁଜି ନ ଥିବା ଡା. ସେନାପତି କହିଛନ୍ତି। ଅପରପକ୍ଷେ ଆଜି ରାଜଧାନୀର ବିଭିନ୍ନ ଅଞ୍ଚଳରୁ ୮ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା କ୍ୟାପିଟାଲ୍ ହସ୍ପିଟାଲ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଓଡ଼ିଶାରେ ପଛୁଆ ବର୍ଗଙ୍କୁ ଶିକ୍ଷା ଓ ରୋଜଗାରରେ ହକ୍ ମିଳୁନାହିଁ
# 'ଜାତି ଜନଗଣନା ବିନା ସାମାଜିକ ନ୍ୟାୟ ଅସମ୍ଭବ'




ଭୁବନେଶ୍ୱର,୧୭/୪: ସମାଜବାଦୀ ପାର୍ଟିର ମୁଖ୍ୟ ଅଖିଳେଶ ଯାଦବ ଆଜି ଓଡ଼ିଶା ଗସ୍ତରେ ଆସିଛନ୍ତି। ତାଙ୍କ ସହ ପତ୍ନୀ ଡିମ୍ପଲ ଯାଦବ ମଧ୍ୟ ରହିଛନ୍ତି। ଶ୍ରୀ ଯାଦବ କଂଗ୍ରେସର ବରିଷ୍ଠ ନେତା ଶ୍ରୀକାନ୍ତ ଜେନାଙ୍କୁ ଭେଟିବା ସହ ତାଙ୍କ ବାସଭବନରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ସେ କହିଥିଲେ ଯେ ରାଜନୈତିକ ପରିସ୍ଥିତିକୁ ଦେଖି ଦେଶରେ ନ୍ୟାୟର ଶାସନ ଆବଶ୍ୟକ। ସାମାଜିକ ନ୍ୟାୟକୁ ନେଇ ବି.ଆର ଆମ୍ବେଦକରଙ୍କ ଯେଉଁ ସ୍ୱପ୍ନ ଥିଲା ତାହା ଆଜି ଜରୁରି ହୋଇପଡ଼ିଛି। ଲୋକଙ୍କ ଭିତରେ ଭେଦଭାବ ବଢ଼ି ଚାଲିଛି। ସାମ୍ବିଧାନିକ ସଂଗଠନଗୁଡ଼ିକରେ ସ୍ୱାଧୀନତା ନାହିଁ। ଆଇନର ଶାସନ ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ହେବା ଉଚିତ। ପୂର୍ବରୁ ଜାତି ଜନଗଣନାକୁ ନେଇ କଂଗ୍ରେସ ସହ ଲଢ଼େଇ ହୋଇଛି। ଏବେ କଂଗ୍ରେସ ଏହାକୁ ସ୍ୱୀକାର କରିଛି। ଜାତି ଜନଗଣନା ବିନା ସାମାଜିକ ନ୍ୟାୟ ସମ୍ଭବ ନୁହେଁ। ସମ୍ବିଧାନ ଦୁର୍ବଳ ହେଲେ ଲୋକତନ୍ତ୍ର ଦୁର୍ବଳ ହେବ। ଓଡ଼ିଶାରେ ସାମାଜିକ ନ୍ୟାୟର ଲଢ଼େଇ ଆଗକୁ ବଢ଼ିବା ଉଚିତ। ପଛୁଆ ବର୍ଗଙ୍କ ସହ ଯେଉଁ ଅନ୍ୟାୟ ହେଉଛି ତାହାକୁ କଳ୍ପନା କରିହେବ ନାହିଁ। ଶିକ୍ଷା ଓ ରୋଜଗାରରେ ପଛୁଆ ବର୍ଗଙ୍କୁ ଯେଉଁ ହକ୍ ମିଳିବା କଥା ତାହା ମିଳୁନାହିଁ। ଏଥିପାଇଁ ଲୋକମାନଙ୍କୁ ସଚେତନ କରିବୁ। ଜନଗଣନା ପରେ ହିଁ ସୀମା ପୁନଃ ନିର୍ଦ୍ଧାରଣ ସମ୍ଭବ ହେବ। ଜନଗଣନା ହେଲେ ଜାତି ଗଣନା ଦାବି କରିବୁ। ସେ ଆହୁରି ମଧ୍ୟ କହିଥିଲେ ଯେ କଂଗ୍ରେସ ଇଡି ପ୍ରତିଷ୍ଠା କରିଥିଲା। ଆଜି ଇଡି ପାଇଁ କଂଗ୍ରେସକୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଦେଶରେ ଅର୍ଥନୈ?ତିକ ଅପରାଧକୁ ଦେଖିବା ପାଇଁ ବହୁତ ଏଜେନ୍?ସି ରହିଛି। ଏଭଳି ପରିସ୍ଥିତିରେ ଇଡିର କ'ଣ ଆବଶ୍ୟକତା ରହିଛି। ଓଡ଼ିଶାରେ ସମାଜବାଦୀ ପାର୍ଟିର ସଂଗଠନ ନାହିଁ। ଆଗାମୀ ଦିନରେ ଦଳକୁ ସୁଦୃଢ଼ କରି ଲୋକଙ୍କ ସହ ଯୋଡ଼ିବା ପାଇଁ ଉଦ୍ୟମ କରାଯିବ। ଅଖିଳେଶଙ୍କ ଏହି ବୟାନ ପରେ ଶ୍ରୀକାନ୍ତ ଜେନା ସମାଜବାଦୀ ପାର୍ଟିରେ ମିଶିବାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଶ୍ରୀ ଜେନା କହିଛନ୍ତି, ସାମାଜିକ ନ୍ୟାୟକୁ ନେଇ ଆଗରୁ ଲଢ଼େଇ ଜାରି ରହିଛି। ଏସ୍‌ସି ଏସ୍‌ଟି ଓ ସଂଖ୍ୟାଲଘୁମାନଙ୍କୁ କିଭଳି ସେମାନଙ୍କ ସାମ୍ବିଧାନିକ ଅଧିକାର ମିଳିବ ସେଥିପାଇଁ ସମସ୍ତେ ଏକ ହୋଇ ଲଢ଼େଇ କରିବେ। ମୁଁ କଂଗ୍ରେସ ଦଳରେ ରହିଛି। ଯେଉଁମାନେ ରାହୁଲ ଗାନ୍ଧୀଙ୍କୁ ଭେଟୁଛନ୍ତି ସେମାନେ କ'ଣ ଦଳ ବଦଳାଇ ଦେଉଛନ୍ତି। ସାମାଜିକ ନ୍ୟାୟକୁ ନେଇ କଂଗ୍ରେସ, ସମାଜବାଦୀ ପାର୍ଟି, ଆରଜେଡି ଓ ଅନ୍ୟ ଦଳ ସହ ଯେଉଁ ଏଜେଣ୍ଡା ପ୍ରସ୍ତୁତ ହୋଇଛି ଆଗାମୀ ଦିନରେ ଏହି ଦଳର ନେତାମାନେ ଗୋଟିଏ ମଞ୍ଚରେ ଏକାଠି ହେବେ। ଓଡ଼ିଶାରେ ୫୪% ଲୋକଙ୍କୁ ସଂରକ୍ଷଣ ମିଳୁନାହିଁ ବୋଲି ଶ୍ରୀ ଜେନା କହିଛନ୍ତି। ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି, ଏହା କୌଣସି ରାଜନୈତିକ ଭେଟଘାଟ ନୁହେଁ। ଅଖିଳେଶ ଯାଦବ 'ଇଣ୍ଡି' ମେଣ୍ଟର ସହଯୋଗୀ। ମତେ ବି ସାକ୍ଷାତ ପାଇଁ ଡାକିଥିଲେ। ହେଲେ ଆଜି ଇଡି କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମରେ ଥିବାରୁ ତାଙ୍କୁ ଭେଟିପାରି ନାହିଁ। ତାଙ୍କର ମନ୍ଦିର ଦର୍ଶନ କାର୍ଯ୍ୟକ୍ରମ ଆଗରୁ ରହିଥିଲା ବୋଲି ସେ କହିଛନ୍ତି। ଏହାକୁ ନେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି, ଅଖିଳେଶ ଯାଦବ 'ଇଣ୍ଡି' ମେଣ୍ଟର ସହଯୋଗୀ। ଉତ୍ତରପ୍ରଦେଶରେ ଅଖିଳେଶ ଯାଦବ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଅପରାଧୀ ଓ ଅସାମାଜିକ ବ୍ୟକ୍ତିମାନଙ୍କୁ ପ୍ରୋତ୍ସାହନ ଦେଲେ। ଆଇନର ଶାସନ ନ ଥିଲା। ୫ବର୍ଷର ମୁଖ୍ୟମନ୍ତ୍ରୀତ୍ୱ କାଳରେ ଉତ୍ତରପ୍ରଦେଶରେ ଅରାଜକତା ଓ ପାତର ଅନ୍ତର ନୀତି ଆରମ୍ଭ କରିଥିଲେ ବୋଲି ଶ୍ରୀ ସାମଲ କହିଛନ୍ତି।

# କଳାକାର ସଂଘର କଡ଼ା ଚେତାବନୀ
# ବ୍ୟାନ୍ ନ ଉଠିଲେ ଯାତ୍ରା ବନ୍ଦ



ଭୁବନେଶ୍ୱର,୧୭/୪: ଜଲିଉଡ୍‌ରେ ଦିନକୁ ଦିନ ବିବାଦ ବଢ଼ିବାରେ ଲାଗିଛି। ଯାତ୍ରା ପାର୍ଟି ପରିବର୍ତ୍ତନ ବିବାଦ ଥମିନଥିବା ବେଳେ କଳାକାରଙ୍କୁ ଅସମ୍ମାନ, ବ୍ୟାନ୍ ଭଳି ଘଟଣା ନିଆଁରେ ଘିଅ ଢାଳୁଛି। ଯାତ୍ରାପାର୍ଟି ମାଲିକ ଏବଂ କଳାକାରଙ୍କ ଭିତରେ ତିକ୍ତତା ବଢ଼ି ଏବେ ଯାତ୍ରା ବନ୍ଦ ହେବା କଥା ଉଠିଲାଣି। ଆଜି ବୁଲନଭାଇ ସେବାସଦନରେ ଏକାଠି ହୋଇ ଚରମ ନିଷ୍ପତ୍ତି ନେଇଛି ଯାତ୍ରା କଳାକାର ଓ କର୍ମଚାରୀ ସଂଘ। ହାସ୍ୟ ଅଭିନେତା ନରି ପଣ୍ଡା ଓ ପ୍ରତାପ ମହାନ୍ତିଙ୍କ ଉପରୁ ବ୍ୟାନ୍ ନଉଠିଲେ ଯାତ୍ରା ବନ୍ଦ ଭଳି କଡ଼ା ଚେତାବନୀ ଶୁଣାଇଛି ସଂଘ। ଏଥିସହ ନରି ପଣ୍ଡାଙ୍କୁ ନିର୍ଯାତନା ଅଭିଯୋଗରେ ପୁଲିସ ତଦନ୍ତ ପ୍ରକ୍ରିୟାକୁ ନେଇ ସଂଘ ପ୍ରଶ୍ନ ଉଠାଇଛି। ସଂଘ କହିଛି, ନରି ପଣ୍ଡାଙ୍କୁ ଉଚିତ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଯାତ୍ରା କଳାକାର ଓ କର୍ମଚାରୀ ସଂଘ ନରିଙ୍କ ସହ ରହିବ। ନରି ପଣ୍ଡାଙ୍କୁ ହୋଇଥିବା ଅତ୍ୟାଚାର ଓ ମାଡ଼ ଘଟଣାକୁ ପୁଲିସ ଗୁରୁତ୍ୱର ସହ ନେଇ ତଦନ୍ତ କରିବା ଆବଶ୍ୟକ। ତାଙ୍କୁ ମାଡ଼ ମରାଯାଇଥିବା କୋଠରି ଭିତରର ସିସିଟିଭି ଫୁଟେଜ୍ କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଛି ସଂଘ। ତେବେ ଏହି ପ୍ରସଙ୍ଗରେ ଉଭୟ ଯାତ୍ରାପାର୍ଟିର ମାଲିକ ଓ ନରି ପଣ୍ଡାଙ୍କ ପଲିଗ୍ରାଫ୍ ଟେଷ୍ଟ କରାଯିବାକୁ ସଂଘ ଦାବି କରିଛି। କଳାକାର ସଂଘ ପକ୍ଷରୁ ଆହୁରି ମଧ୍ୟ କୁହାଯାଇଛି ଯେ, କଳାକାର ସଂଘର ମହାସମାବେଶ ଖୁବ୍ ଶୀଘ୍ର ହେବ। ସେଠାରେ ନୂତନ କର୍ମକର୍ତ୍ତା ଚୟନ କରାଯିବ। ଏହାପରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ଡିଜିପିଙ୍କ ନିକଟରେ ସମସ୍ତ ଘଟଣାକୁ ଉପସ୍ଥାପନ କରାଯିବ। ମାଲିକମାନେ କଳାକାରଙ୍କୁ ସ୍ୱାଭିମାନ ସହ କଳା ପରିବେଷଣ କରନ୍ତୁ। କଳାକାର ସଂଘ ମାଲିକମାନଙ୍କ ସହ ସମନ୍ୱୟ ରକ୍ଷା କରିବାକୁ ଚାହୁଁଛୁ। କିନ୍ତୁ ପ୍ରଥମେ କଳାକାରଙ୍କ ଉପରେ ଲାଗିଥିବା ବ୍ୟାନ୍‌କୁ ଉଠାଯାଉ। ଆଜି ବୈଠକରେ ବରିଷ୍ଠ ଯାତ୍ରା ଅଭିନେତା ଦୌତାରୀ ପଣ୍ଡା, ବାପି ପଣ୍ଡା, ସୁବାସ ବେହେରା, ପ୍ରତାପ ମହାନ୍ତି, ନରି ପଣ୍ଡା, ବ୍ରଜବିହାରୀ ନାୟକ, ଆରକେ ହୀରାଲାଲ୍, ନମିତା ଭୂୟାଁଙ୍କ ସହ ଅନେକ କଳାକାର ଉପସ୍ଥିତ ଥିଲେ।

# ଭଦ୍ରକରେ ପଣା ପିଇ ୫୦ରୁ ଅଧିକ ଝାଡାବାନ୍ତିରେ ଆକ୍ରାନ୍ତ



ଭଦ୍ରକ,୧୭/୪: ଭଦ୍ରକରେ ପଣା ପିଇ ୫୦ରୁ ଅଧିକ ଝାଡାବାନ୍ତିରେ ଆକ୍ରାନ୍ତ । ଜଗଦଲପୁର ପଞ୍ଚାୟତ ଜୁଡାଗଡିଆ ଗାଁରେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି । ସ୍ଥାନୀୟ ଆଶାକର୍ମୀ ସରପଞ୍ଚଙ୍କ ଠାରୁ ଖବର ପାଇ ଭଦ୍ରକ ସିଡିଏମଓ ଡାକ୍ତର ସୁଧାଂଶୁ ଶେଖର ବଳ ଘଟଣା ସ୍ଥଳରେ ପହଞ୍ଚିଛନ୍ତି । ମହାମାରୀ ବିଶେଷଜ୍ଞ ଡାକ୍ତର ପାର୍ଥ ସାରଥୀ ମିଶ୍ରଙ୍କ ସହିତ ଭଦ୍ରକ ମେଡିକାଲର ୩ଟି ଟିମ ଗାଁରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଛନ୍ତି । ଘର ଘର ବୁଲି ଚିକିସା କରାଯାଉଛି । ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ରରେ କ୍ୟାମ୍ପ କରିଛନ୍ତି ମେଡିକାଲ ଟିମ । କ୍ୟାମ୍ପରେ ଚିକିତ୍ସା ସହିତ ଆକ୍ରାନ୍ତଙ୍କୁ ଓଆରଏସ ଏବଂ ଅନ୍ୟାନ୍ୟ ପ୍ରକାର ଔଷଧ ଦିଆଯାଉଛି । ଝାଡାବାନ୍ତିର କାରଣ ଜାଣିବା ପାଇଁ ନମୁନା ନିଆଯାଇ ପରୀକ୍ଷା କରାଯାଉଛି ।

ସଂପାଦକୀୟ

# ମାନବିକ ପ୍ରଜ୍ଞା ଓ ଚିନ୍ତନ ଶକ୍ତି

ଷୋଡ଼ଶ ଶତାବ୍ଦୀର ଶେଷପାଦରେ ଫ୍ରାନ୍ସର ପ୍ରଖ୍ୟାତ ଦାର୍ଶନିକ ରେନି ଡିକାର୍ଟ କହିଥିଲେ, 'କୋଜିଟୋ ଏରେ୍ଗୋ ସୁମ୍'। ଲାଟିନ୍ ଭାଷାର ଏହି ସଂକ୍ଷିପ୍ତ ଉଚ୍ଚାରଣର ଅର୍ଥ ହେଉଛି – 'ମୁଁ ଚିନ୍ତା କରେ, ତେଣୁ ମୋର ଅସ୍ତିତ୍ୱ ଅଛି'। ପାଶ୍ଚାତ୍ୟ ସାହିତ୍ୟ ଓ ଦର୍ଶନରେ 'ଚିନ୍ତନ ଶକ୍ତି' ଏହିପରି ପରିଭାଷିତ ହୋଇଥିଲା ସ୍ପଷ୍ଟ ଭାବରେ ସର୍ବପ୍ରଥମେ ଡିକାର୍ଟଙ୍କ ଦ୍ୱାରା, ଯାହା ଥିଲା ପୂରାପୂରି ମାନବ କୈନ୍ଦ୍ରିକ-ସୀମିତ ଓ ସଂକୀର୍ଣ୍ଣ। ମାତ୍ର ଡିକାର୍ଟଙ୍କ ଜନ୍ମର ବହୁଶତାବ୍ଦୀ ପୂର୍ବରୁ ଭାରତୀୟ ମନୀଷା ଚିନ୍ତନ ଶକ୍ତିର ଯେଉଁ ପରିଭାଷା ଦେଇଥିଲା, ତାହା ଥିଲା କଳ୍ପନାତୀତ ଭାବରେ ଗୂଢ଼, ଗଭୀର ଓ ବ୍ୟାପକ। ବୈଦିକ ମନୀଷା 'ଚିନ୍ତନ ଶକ୍ତି'କୁ ଆଖ୍ୟାୟିତ କରିଥିଲା 'ଚିଦ୍ ଶକ୍ତି' ଭାବରେ; ସେହି ଚିଦ୍‌ଶକ୍ତିର ପରମ ଉତ୍ସ ବ୍ରହ୍ମଙ୍କୁ ସତ୍, ଚିତ୍, ଆନନ୍ଦର ଘନବଦ୍ଧ ସ୍ୱରୂପ ଭାବରେ ଗ୍ରହଣ କରିଥିଲା ଏବଂ ବିଶ୍ୱାସ କରୁଥିଲା ଯେ ସେହି ଦିବ୍ୟ ରହସ୍ୟଘନ ଚିନ୍ତନଶକ୍ତି ହିଁ ହେଉଛି ଏ ସୃଷ୍ଟିଚକ୍ରର ମୂଳତତ୍ତ୍ୱ। ଚେତନଶୀଳ ମଣିଷର ସକଳ ସୃଷ୍ଟିଶୀଳତା, ସକଳ ନବଉନ୍ମେଷୀ କ୍ରିୟାଶୀଳତାର ଏକମାତ୍ର ହେତୁ ଏହି ଚିନ୍ତନ ଶକ୍ତିର ବନ୍ଦନା ଓ ଗୌରବଗାନ ଆମେ କରିବା ଅବସରରେ ସ୍ମରଣକୁ ଆସିଥା'ନ୍ତି ଫ୍ରାନ୍ସର ଅନ୍ୟ ଜଣେ ପ୍ରଖ୍ୟାତ ପ୍ରତିଭା ସ୍ଥପତି-ଚିତ୍ରଶିଳ୍ପୀ 'ଅଗଷ୍ଟେ ରୋଡାନ୍'। ତାଙ୍କରି ଯାଦୁକରୀ ନିହାଣ ମୁନରେ ନିର୍ମିତ ପ୍ରସିଦ୍ଧ ବ୍ରୋଞ୍ଜ ପ୍ରତିମୂର୍ତ୍ତି 'ଦି ଥିଙ୍କର', ଯାହା ହେଉଛି ଜଣେ ଚିନ୍ତକ ମଣିଷର ପ୍ରତୀକାତ୍ମକ ପ୍ରତିନିଧି।

ଅତୁଳନୀୟ କଳାତ୍ମକ ପାଟବତାର ପ୍ରତିମୂର୍ତ୍ତି 'ଦି ଥିଙ୍କର' (ଚିନ୍ତକ ମଣିଷ)ର ରୂପବିନ୍ୟାସ ଏହିପରି – ଦୃଢ଼ ବଳିଷ୍ଠ ଶରୀରଧାରୀ ଜଣେ ବସ୍ତ୍ରହୀନ ପୁରୁଷ ଖଣ୍ଡେ ବିଶାଳ ପ୍ରସ୍ତରଖଣ୍ଡ ଉପରେ ଆସୀନ। ସାମାନ୍ୟ ଅବନତ ସ୍କନ୍ଧ ଓ ମସ୍ତକ -ବାମ ଜଙ୍ଘ ଉପରେ ରହିଛି ଦକ୍ଷିଣ ହସ୍ତର କହୁଣୀ ଓ ଦକ୍ଷିଣ ହସ୍ତର ପାପୁଲିର ପୃଷ୍ଠ ପଟଟି ରହିଛି ଚିବୁକର ନିମ୍ନ ଦେଶରେ। ଏଇ ବିଲକ୍ଷଣୀୟ ଅଙ୍ଗଭଙ୍ଗୀ ଓ ଆସନମୁଦ୍ରା ହେଉଛି ଗଭୀର ଚିନ୍ତାରେ ନିମଗ୍ନ ଜଣେ ଚିନ୍ତାଶୀଳ ମଣିଷର। ସେ ମଣିଷ ଜଣକ ଧ୍ୟାନସ୍ଥ ବୋଧିସତ୍ତ୍ୱଙ୍କ ପରି ନିର୍ବାଣର ମାର୍ଗ ଖୋଜୁ ଥାଇପାରେ କିମ୍ବା ଜୀବନର ଅସୁମାରି ଜଟିଳ ଗଣ୍ଠି ଉନ୍ମୋଚନ କରିବାକୁ ଅମୋଘ ପଣ କରିଥିବା ସକ୍ରେଟିସ୍‌ଙ୍କ ପରି ଜଣେ ଅକୁତୋଭୟ ପ୍ରଜ୍ଞାପୁରୁଷ ହୋଇପାରେ କିମ୍ବା ଆଲ୍‌ବେର୍ଟ କାମ୍ୟୁ କି ଜାଁ ପଲ୍ ସାର୍ତ୍ରେଙ୍କ ପରି ଏ ଉଦ୍‌ଭଟ ଜୀବନ ଓ ଶୂନ୍ୟଗର୍ଭା ଜଗତକୁ ନେଇ ଧନ୍ଦି ହେଉଥିବା କେହି ଏକଲା ମଣିଷ ହୋଇପାରେ। ତେବେ ନିର୍ବିବାଦରେ ଏତିକି କୁହାଯାଇ ପାରେ ଯେ ଏହି ପ୍ରତିମୂର୍ତ୍ତିଟି ପାଲଟି ଯାଇଛି ଜଣେ ଅନ୍ତର୍ମୁଖୀ ମଣିଷ ବା ଜଣେ ଚିନ୍ତକ ମଣିଷର ସର୍ବକାଳୀନ ପ୍ରତୀକ। ସେ ଅନ୍ତର୍ମୁଖିନତା, ସେ ଚିନ୍ତା ବା ଚିନ୍ତନର ସ୍ୱରୂପ ଦିବ୍ୟ ହେଉ କି ଅଦିବ୍ୟ ହେଉ-ତଲ୍ଲୀନତା ହିଁ ହେଉଛି ତା'ର ପ୍ରକୃତି, ତା'ର ଧର୍ମ।

ରୋଡାନ୍‌ଙ୍କ ଏହି ପ୍ରସିଦ୍ଧ କୀର୍ତ୍ତି ସମ୍ପର୍କିତ ଅତି ରୋଚକ ଅଥଚ ତାତ୍ପର୍ଯ୍ୟପୂର୍ଣ୍ଣ କଥାଟି ହେଉଛି ଯେ ଏହାକୁ ସେ ସ୍ଥାପନ କରିଛନ୍ତି ସେ ନିଜେ ପ୍ରସ୍ତୁତ କରିଥିବା ଅନ୍ୟ ଏକ ବିଶାଳ କଳାକୃତି 'ଦି ଗେଟସ୍ ଅଫ୍ ହେଲ୍' (ନରକର ଦ୍ୱାର ବା ତୋରଣ)ର ଶୀର୍ଷଦେଶରେ, ଯେଉଁଟିକୁ ସେ ପ୍ରସ୍ତୁତ କରିଥିଲେ ମହାକବି ଦାନ୍ତେ ଆଲିଘେରିଙ୍କ 'ଦି ଡିଭାଇନ୍ କମେଡି'ରେ ବର୍ଣ୍ଣିତ 'ଇନ୍‌ଫର୍ଣ୍ଣୋ' (ନରକ ଦୃଶ୍ୟ)ର ପ୍ରେରଣାରେ। ବିଚିତ୍ର ବିରୋଧାଭାସ ଇଏ – ଚିନ୍ତନ ମନନ ପରି ଏକ ଗହନ ମାନବୀୟ କର୍ମରେ ମଗ୍ନ ଜଣେ ପୁରୁଷର ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି ନରକର ଦ୍ୱାର ଦେଶରେ! କ'ଣ ହୋଇପାରେ ଏହାର ରହସ୍ୟ କି ବ୍ୟଞ୍ଜନା, କି ଦାର୍ଶନିକତା ରହିଛି ଏଥିରେ ଗଭୀର ଧ୍ୟାନ, ଏକାଗ୍ର ମନନ ଚିନ୍ତନରେ ଅନ୍ତର୍ଲୀନ ହେବା ତା'ହେଲେ କ'ଣ ନରକୀୟ ଯାତନା ଭୋଗ କରିବା ଯଦି ତାହା ଏକପ୍ରକାର ଯାତନାଭୋଗ, ତାହା କ'ଣ ସତରେ 'ଇନ୍‌ଫର୍ଣ୍ଣୋ' ବା ଦାନ୍ତେଙ୍କ ବର୍ଣ୍ଣିତ ନରକରେ ମାନବାତ୍ମା ଭୋଗ କରୁଥିବା ଅର୍ଥହୀନ ଯାତନା?

ଆମର ମୁନିଋଷି ଓ ଦାର୍ଶନିକ ମାନେ ସର୍ବଦା ଆମକୁ କହିଛନ୍ତି ଯେ ଚିନ୍ତନ ମନନ କରିବା, ଧ୍ୟାନସ୍ଥ ହେବା, ଏକାଗ୍ର ଚିତ୍ତରେ ଆତ୍ମନିରୀକ୍ଷଣ କରିବା ଅର୍ଥ ଆପଣା ଆପଣାର ଭାବରାଜ୍ୟର ଆନନ୍ଦ ସରୋବରରେ ଅବଗାହନ କରିବା; ରହସ୍ୟଘନ ଭାବାନନ୍ଦରେ ତନ୍ମୟ ହୋଇଯିବା। ଆପାତ ଦୃଷ୍ଟିରେ ମଧ୍ୟ ବୋଧ ହୋଇଥାଏ ଯେ ଅନ୍ତର୍ମୁଖିନତା ବା ଚିନ୍ତାଶୀଳତା କେବେହେଲେ ଯନ୍ତ୍ରଣାଦାୟୀ ହୋଇନପାରେ। ମାତ୍ର ଅନେକ ସମୟରେ ଆମର ଏଇ ଆପାତ ଦୃଷ୍ଟି – ସମ୍ଭୂତ ଜ୍ଞାନ ବା ଧାରଣା ଅଖଣ୍ଡ ସତ୍ୟ ହୋଇ ନ ଥାଏ। ତେଣୁ କୁହାଯାଇପାରେ ଯେ ମାନବିକ ଚିନ୍ତା ଚେତନାର ବିରୋଧାତ୍ମକ, ଦ୍ୱନ୍ଦ୍ୱାତ୍ମକ ସ୍ୱରୂପକୁ ସାଙ୍କେତିକ ଭାବରେ ପ୍ରତୀକିତ କରିବା ପାଇଁ ଶିଳ୍ପୀ ରୋଡାନ୍ 'ଦି ଥିଙ୍କର' ବା 'ଚିନ୍ତକ ମଣିଷ' କଳାକୃତିଟିକୁ ସ୍ଥାନ ଦେଇଛନ୍ତି 'ଦି ଗେଟସ୍ ଅଫ୍ ହେଲ୍' ବା ନରକର ଦ୍ୱାର ଦେଶରେ। ଚିନ୍ତା କରିବା ଅର୍ଥ ନାନା ଜଟିଳ, ନାନା ବିକ୍ଷିପ୍ତ ଓ ଅସମାଧିତ ପ୍ରସଙ୍ଗର ଚୋରାବାଲିରେ ପାଦ ଥାପିବା; ଦ୍ୱନ୍ଦ୍ୱ, ବିରୋଧାଭାସ, ଉତ୍କଣ୍ଠା ଉଦ୍‌ବେଗର ଚିତାନଳରେ ଜଳି ଚାଲିବା; ଆପଣାର ନିମ୍ନତମ ପ୍ରବୃତ୍ତିର ଅନ୍ଧାରି ଗୁହାରେ ଅଣ୍ଡାଳି ହେବା ଏବଂ ଅଜଣା, ଅଶୁଣା ସହିତ ରହସ୍ୟମୟ ଭାବବନ୍ଧନରେ ଛନ୍ଦି ହୋଇଯିବା। ଏ ସବୁ କିଛି ହିଁ ବର୍ଣ୍ଣନାତୀତ ଯାତନାର ହେତୁ। ମାତ୍ର ଏହା ବି ଅଖଣ୍ଡନୀୟ ସତ୍ୟ ଯେ ଏହି ଯାତନା ଭୋଗ ହେଉଛି ଶୁଦ୍ଧ ମନୁଷ୍ୟତା ଓ ମାନବିକ ଚେତନାର ନିର୍ଭୁଲ ଇସ୍ତାହାର। ଜୀବନ ଓ ଜଗତର ସକଳ ଜଟିଳତା, ସକଳ ସୁସ୍ଥିତି ବା ଦୁଃସ୍ଥିତି ସହିତ ନିବିଡ଼, ଅନ୍ତରଙ୍ଗ ସମ୍ପୃକ୍ତି ଏବଂ ସେହି ସମ୍ପୃକ୍ତିର ଯନ୍ତ୍ରଣାକୁ ଅଙ୍ଗୀକାର କରି ମଣିଷ ଏ ଜୀବନ ଓ ଜଗତ ପାଇଁ ଯାହା କିଛି ଶୁଭଙ୍କର, ଯାହା କିଛି କଲ୍ୟାଣକର ତା'ର ସନ୍ଧାନ କରିଆସିଛି ସଭ୍ୟତାର ଉଷା କାଳରୁ। ଅନ୍ତର୍ଜଗତର ଚେତନା ମହୋଦଧିର ମନ୍ଥନରୁ ଉଦ୍‌ଭୂତ ବିଷ ପାନ କରି ନୀଳକଣ୍ଠ ହୋଇଯିବାରେ ହିଁ ମଣିଷ ଜୀବନର ଚରମ ସାର୍ଥକତା ଓ ଏହା ହିଁ ହେଉଛି ଏକ ଶାଶ୍ୱତ ସତ୍ୟ।

# କୃଷିକ୍ଷେତ୍ରରେ ଡ୍ରୋନ୍ ଉପଯୋଗ

କୃଷି ମାନବ ସଭ୍ୟତାର ଆଦି ବୃତ୍ତି। ଅଳିଆ ଗଦାରୁ କୃଷିର ଜନ୍ମ ବୋଲି ଡମ୍ପ ଏବଂ ହିପ୍ ହାଇପୋଥେସିସ୍ ସୂଚନା ଦେଇଥାଏ। ମହିଳାମାନେ ପ୍ରଥମେ କୃଷି କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଉଭୟ ପୁରୁଷ ଓ ମହିଳା କୃଷି କାର୍ଯ୍ୟରେ ନିୟୋଜିତ ହେଲେ। ଆମ ଦେଶ ଓ ରାଜ୍ୟରେ ବିଗତ ଶତାବ୍ଦୀର ଷଷ୍ଠ ଦଶକ ଯାଏଁ କୃଷି କାର୍ଯ୍ୟ ମୁଖ୍ୟତଃ ପାରମ୍ପରିକ ଥିଲା। ସବୁଜ ବିପ୍ଳବ (୧୯୬୮-୧୯୭୦) ସମୟରୁ ଆଧୁନିକ କୃଷିର ଅୟମାରମ୍ଭ ହେଲା। ଇତିମଧ୍ୟରେ ପାରମ୍ପରିକ କୃଷିରୁ ଆମେ ପ୍ରଯୁକ୍ତିଯୁକ୍ତ କୃଷିରେ ପ୍ରବେଶ କରିଛୁ। ଜୀବନଧାରଣ କୃଷି ସମ୍ପ୍ରତି ବ୍ୟବସାୟିକ କୃଷିରେ ରୂପାନ୍ତରିତ ହେଲାଣି। ଅଧିକ ଅମଳକ୍ଷମ ବିହନ, ରାସାୟନିକ ସାର, କୃଷି ରସାୟନ, କୃଷି ଯନ୍ତ୍ରପାତିର ବ୍ୟବହାର ଓ ଜଳସେଚନ ସୁବିଧା ଉପଯୋଗ କରି ସବୁଜ ବିପ୍ଳବ ଆମ ଦେଶରେ କାର୍ଯ୍ୟକାରୀ ହୋଇଥିଲା। ବିବିଧ ନୂତନ କୃଷି ପ୍ରଯୁକ୍ତିର ବିକାଶ ହେବା ଫଳରେ ଆମ କୃଷକ କୃଷି କ୍ଷେତ୍ରରେ ଏହି ଜ୍ଞାନକୌଶଳ ବିନିଯୋଗ କରି ଫସଲର ଉଭୟ ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି କରିପାରିଛନ୍ତି। ସମ୍ପ୍ରତି ପରିବେଶଗତ ସମସ୍ୟା ଓ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ କୃଷି କ୍ଷେତ୍ରର ଏହି ଉତ୍ପାଦକତାରେ ସ୍ଥିରତା ରହିପାରୁନାହିଁ। ଏଥିପାଇଁ ପୋଷଣୀୟ କୃଷି ବା ଚିରପୋଷ୍ୟମାନ କୃଷି ଉପରେ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ କୃଷି ପଦକ୍ଷେପ ପୋଷଣୀୟ କୃଷିକୁ ସମ୍ଭବ କରୁଥିବା ବେଳେ ସମ୍ପ୍ରତି କୃଷି କ୍ଷେତ୍ରରେ ଡ୍ରୋନ୍‌ର ଉପଯୋଗ ଏହାକୁ ପ୍ରୋତ୍ସାହିତ କରିବା ପୂର୍ବକ ଏକ ଅଭିନବ ପ୍ରଯୁକ୍ତି ଭାବେ ଗ୍ରହଣୀୟ ହୋଇପାରିଛି।

ଆମ ଦେଶ ଓ ରାଜ୍ୟରେ କୃଷି କ୍ଷେତ୍ରରେ ଦ୍ରୁତ ରୂପାନ୍ତରୀକରଣ ନିମନ୍ତେ ଡ୍ରୋନ୍ ପ୍ରଯୁକ୍ତିର ବ୍ୟବହାର ଗୁରୁତ୍ୱପୂର୍ଣ୍ଣ। କୃଷିକ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଡିଜିଟାଲ୍ କୃଷିର ପ୍ରୋତ୍ସାହନ ନିମନ୍ତେ ଡ୍ରୋନ୍ ପ୍ରଯୁକ୍ତିର ଉପଯୋଗ ଭାରତ ସରକାରଙ୍କ ଏକ ମୁଖ୍ୟ ଦିଗ ଭାବେ ବିବେଚିତ ହୋଇଛି। ଫସଲହାନି, ଅନିୟମିତ ପାଣିପାଗ, ରୋଗ ପୋକ ସମସ୍ୟା ଓ ଅନ୍ୟାନ୍ୟ ବହୁ ଉତ୍ପାଦକ ଦ୍ୱାରା ଆମ କୃଷି ପ୍ରଭାବିତ ହେଉଛି। ବୟସ୍କ କୃଷକ ବିଶେଷତଃ କୃଷି ରସାୟନ ପ୍ରୟୋଗ ସମୟରେ ପ୍ରତ୍ୟକ୍ଷ ଭାବେ ଏହାର ସଂସ୍ପର୍ଶରେ ଆସୁଛନ୍ତି। ଫଳରେ ସେମାନେ ଶ୍ୱାସକ୍ରିୟା ଜନିତ ଓ କର୍କଟ ରୋଗ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି। ଖାଉଟିମାନେ ଅଧିକ କୀଟନାଶକ ଅବଶେଷ ଥିବା ଖାଦ୍ୟ ଖାଉଛନ୍ତି। ମୃତ୍ତିକା, ଜଳ, ଉଦ୍ଭିଦ ଓ ଜୀବଜନ୍ତୁ ଅତ୍ୟଧିକ ଓ ନିର୍ବିଚାର କୀଟନାଶକ ପ୍ରୟୋଗ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଡ୍ରୋନ୍ ବ୍ୟବସ୍ଥା ସଠିକ୍ କୃଷି ବା ପ୍ରିସିସନ୍ ଫାର୍ମିଂ ପାଇଁ ନୂତନ ଯୁଗର ପଥପ୍ରଦର୍ଶକ। ଏହା ବାୟୁମଣ୍ଡଳର ତଥ୍ୟ ସଂଗ୍ରହ କରି କୃଷି କ୍ଷେତ୍ରକୁ ନୂତନ ରୂପ ପ୍ରଦାନ କରୁଛି। ଏହାଦ୍ୱାରା କୃଷି କ୍ଷେତ୍ରର ଦକ୍ଷତା ଅଧିକ ହେଉଛି। କୃଷିରେ ପୋଷ୍ୟମାନତା ଓ ଉତ୍ପାଦକତା ମଧ୍ୟ ବୃଦ୍ଧି ପାଉଛି। ଏହାଦ୍ୱାରା କୃଷକ ଓ କୃଷି ପରିବେଶ କୃଷି ରସାୟନର ପ୍ରତ୍ୟକ୍ଷ ସଂସ୍ପର୍ଶକୁ ପ୍ରତିହତ କରିବା ସହିତ ପର୍ଯ୍ୟାବରଣ ସର୍ବନିମ୍ନ ପ୍ରଦୂଷିତ ହେଉଛି। ଡ୍ରୋନ୍ ପ୍ରଯୁକ୍ତିର ପ୍ରୟୋଗ ଦ୍ୱାରା କୃଷକ ଆଗୁଆ ଫସଲ ହାନି ସମ୍ବନ୍ଧରେ ଅବଗତ ହୋଇପାରିବେ। ପାଣିପାଗର ଅନିୟମିତତା ପରିପ୍ରେକ୍ଷୀରେ ଫସଲ ସୁରକ୍ଷା କରିବା ପାଇଁ ସତର୍କ ହୋଇପାରିବେ। ରୋଗ ଓ ପୋକ ଫସଲକୁ କ୍ଷତି କରିବା ପୂର୍ବରୁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇ ପାରିବ। ଉଦାହରଣ ସ୍ୱରୂପ କୌଣସି ଏକ କୀଟ ହଜାରେ ଏକରକୁ ମାଡ଼ିଯିବା ଫଳରେ ହଜାରେ ଲିଟର କୀଟନାଶକ ସିଞ୍ଚନ ନ କରି କୃତ୍ରିମ ବୁଦ୍ଧିମତ୍ତା ବିନିଯୋଗ କରୁଥିବା ଡ୍ରୋନ୍ କୀଟ ଆକ୍ରମଣର ଆରମ୍ଭ ଚକଡ଼ା ଚିହ୍ନଟ କରିପାରିବ। ଏହାଦ୍ୱାରା ରୋଗ ପୋକ ବିସ୍ତାରକୁ ପ୍ରତିହତ କରାଯାଇପାରିବ। ଫଳରେ ସମ୍ବଳ ସୁରକ୍ଷା ହେବା ସହିତ କୃଷି ପରିବେଶରେ ସୃଷ୍ଟି ହେବାକୁ ଥିବା ବିପଦ ଆଶଙ୍କାକୁ ଯଥାସମ୍ଭବ କମ୍ କରାଯାଇପାରିବ।

କୃତ୍ରିମ ବୁଦ୍ଧିମତ୍ତାଯୁକ୍ତ ଡ୍ରୋନ୍ ରୋଗ ପୋକ ଚାପ, ଜଳ ଚାପ ଓ ଖାଦ୍ୟସାର ଚାପ ଆଗୁଆ ଚିହ୍ନଟ କରିପାରିବ ଏବଂ ଉପଯୁକ୍ତ ସମୟରେ ଏମାନଙ୍କର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇପାରିବ। ଏ ସମସ୍ୟା ଜାଣିସାରିବା ପରେ କ୍ଷେତରେ ସବୁଆଡ଼େ ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ ନ କରି ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇଥାଏ। ଏହାଦ୍ୱାରା ଫସଲ ଅମଳ ଅଧିକ ହୁଏ ଏବଂ କୃଷକ ଅଧିକ ଅର୍ଥ ପାଇବା ସହିତ କୃଷି ପରିବେଶ ସନ୍ତୁଳିତ ରହେ। ସୁତରାଂ ଡ୍ରୋନ୍ ପ୍ରଯୁକ୍ତି ସଠିକ୍ କୃଷି ପଦ୍ଧତି ଅବଲମ୍ବନ ମାଧ୍ୟମରେ କୃଷିକୁ ପୁନର୍ବିନ୍ୟାସ କରିଥାଏ। କୃଷି କ୍ଷେତ୍ରରେ ଡ୍ରୋନ୍ ଫସଲ ପଦ୍ଧତି ପରିଚାଳନା ସହିତ, ଫସଲ ହାନି ନ ହେବା ପାଇଁ ପାଣିପାଗ ସତର୍କତା, ସାର ସିଞ୍ଚନ, ମୃତ୍ତିକା ଓ କ୍ଷେତ ବିଶ୍ଳେଷଣ, ଆବଶ୍ୟକୀୟ ପରିମାଣରେ ରାସାୟନିକ ବ୍ୟବହାର କାର୍ଯ୍ୟ କରିଥାଏ। ଏହା ସହିତ ଡ୍ରୋନ୍ ମଧ୍ୟ ପ୍ରାଣୀ ଧନର ଗତି ଓ ଗଣନା କରିପାରୁଛି। ଜଳସେଚନ ପରିଚାଳନା ସହିତ ମୃତ୍ତିକା ଓ ଜଳ ନମୁନା ସଂଗ୍ରହ ଓ ସମସ୍ୟାର ଲକ୍ଷଣ ଜାଣିବାରେ ବିନିଯୋଗ ହୋଇପାରୁଛି। ଆମ ଦେଶରେ କୃଷକମାନଙ୍କ ପାଇଁ ଡ୍ରୋନ୍ ବ୍ୟବହାରର ଏ ସମସ୍ତ ସୁଯୋଗ ସୃଷ୍ଟି କରିବା ନିମନ୍ତେ ବହୁ ସରକାରୀ ସଂସ୍ଥା ଓ କଂପାନୀ ନିଜକୁ ସାମିଲ କରିଛନ୍ତି। ସମ୍ପ୍ରତି ଦେଶ ଓ ରାଜ୍ୟରେ ବହୁସଂଖ୍ୟକ ଯୁବକଯୁବତୀ କର୍ପୋରେଟ୍ ସଂସ୍ଥାନ ଛାଡ଼ି ବ୍ୟବସାୟିକ କୃଷି କ୍ଷେତ୍ର ପ୍ରତି ଆକୃଷ୍ଟ ହେଉଛନ୍ତି। ସେମାନେ ଏହି ପ୍ରଯୁକ୍ତିକୁ ଉତ୍ତମ ଭାବେ କୃଷି କ୍ଷେତ୍ରରେ ବିନିଯୋଗ କରିବାର ଉଜ୍ଜ୍ୱଳ ଭବିଷ୍ୟତ ଦୃଶ୍ୟମାନ ହେଉଛି। ଭବିଷ୍ୟତରେ ବିବିଧ ପ୍ରଯୁକ୍ତି ଯୁକ୍ତ ଡ୍ରୋନ୍ ନିର୍ମାଣ କରାଯିବା ଉପରେ ଗୁରୁତ୍ୱ ଦିଆଯାଉଛି। ଡ୍ରୋନ୍‌ର ବ୍ୟବହାର କୃଷକଙ୍କୁ ଉତ୍ତମ ଭାବେ ସୁହାଇବା ଆବଶ୍ୟକ। ଏସବୁ ଆହ୍ୱାନର ସମାଧାନ ଉଦ୍ଦେଶ୍ୟରେ ଗବେଷକ ଓ କଂପାନୀମାନେ ଉଚ୍ଚସ୍ତରୀୟ ଡ୍ରୋନ୍ ପ୍ରଯୁକ୍ତିର ବିକାଶ ନିମନ୍ତେ କାର୍ଯ୍ୟରତ ଅଛନ୍ତି। ଏହା ସଫଳ ହେଲେ ଡ୍ରୋନ୍ ଅଧିକ ସମୟ ଉଡ଼ିପାରିବ, ବିଶେଷ ଭାବେ ପାଣିପାଗ ପ୍ରତିରୋଧୀ ହେବ ଏବଂ କୃଷକଙ୍କ ବ୍ୟବହାର ଉପଯୋଗୀ ହୋଇପାରିବ। ଏହି ପ୍ରଯୁକ୍ତି ନିରନ୍ତର ବିକାଶଲାଭ କରୁଥିବାରୁ ଡ୍ରୋନ୍ ସହାୟକ କୃଷି ସମୃଦ୍ଧ ହେବ ଏବଂ ଅଧିକ ସଂଖ୍ୟକ କୃଷକ କୃଷି କ୍ଷେତ୍ରରେ ଡ୍ରୋନ୍ ବ୍ୟବହାର କରିପାରିବେ। କେନ୍ଦ୍ର ସରକାରଙ୍କ ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ ଯୋଜନାରେ ଡ୍ରୋନ୍ ନିର୍ମାଣକୁ ଉତ୍ସାହିତ କରାଯାଉଛି। ଭାରତୀୟ କୃଷି ଗବେଷଣା ପରିଷଦ ଓ ଅନ୍ୟ ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ ପାଇଁ କେନ୍ଦ୍ର ସରକାର କୃଷି ଗବେଷଣା କାର୍ଯ୍ୟ ନିମନ୍ତେ ଡ୍ରୋନ୍ ବ୍ୟବହାରକୁ ଅନୁମୋଦନ ମଧ୍ୟ କରିଛନ୍ତି। ଗବେଷକ ଓ ଉଦ୍ୟୋଗୀମାନେ କୃଷକଙ୍କ ବଜେଟ୍‌କୁ ସୁହାଇଲା ଭଳି ଡ୍ରୋନ୍ ନିର୍ମାଣ କରି ଦେଶରେ ୬.୬ଲକ୍ଷ ଗ୍ରାମକୁ ଡ୍ରୋନ୍ ସୁବିଧା ଯୋଗାଇ ଦେବାକୁ ସରକାର ଆଶା ପୋଷଣ କରିଛନ୍ତି। ଏହାଦ୍ୱାରା ଦୁର୍ଗମ ଅଞ୍ଚଳର କୃଷକ ମଧ୍ୟ ଡ୍ରୋନ୍ ପ୍ରଯୁକ୍ତିର ବ୍ୟବହାର କରିପାରିବେ।

୨୦୨୨ମସିହା ମେ ମାସରେ 'ଭାରତ ଡ୍ରୋନ୍‌ମହୋତ୍ସବ' ଆୟୋଜିତ ହୋଇଥିଲା। ସମ୍ପ୍ରତି ଭାରତୀୟ କୃଷିରେ ଡ୍ରୋନ୍ ବ୍ୟବହାରକୁ ଏକ ଆଧାରଶିଳା ଭାବେ ବିବେଚନା କରାଯାଉଛି; କାରଣ ଏହା କୃଷି କ୍ଷେତ୍ରରେ ଅଧିକ ସୁଯୋଗ ସୃଷ୍ଟି କରିବାର ଅପାର ସମ୍ଭାବନା ରହିଛି। ଭାରତ ସରକାର ଡ୍ରୋନ୍ ପ୍ରଯୁକ୍ତିକୁ ପ୍ରସାର କରିବା ପାଇଁ କୃଷିକ୍ଷେତ୍ର ସହିତ ଜଡ଼ିତ ପରାମର୍ଶଦାତା, କୃଷକ ଉତ୍ପାଦକ ସଂଘ ଓ କଷ୍ଟମ୍ ହାୟାରିଂ ସେଣ୍ଟର ପାଇଁ କୃଷି ଯାନ୍ତ୍ରିକୀକରଣର ଉପଯୋଜନାରେ ୪୦% ରୁ ୧୦୦% ରିହାତି ପ୍ରଦାନର ବ୍ୟବସ୍ଥା କରିଛନ୍ତି। ଏହି ସଂସ୍ଥାଗୁଡ଼ିକ ଡ୍ରୋନ୍ କ୍ରୟ କରି କୃଷକଙ୍କ ମଧ୍ୟରେ ପ୍ରସାର କରାଇବେ। ଡ୍ରୋନ୍ ମଧ୍ୟ ସରକାରୀ ସଂସ୍ଥାଗୁଡ଼ିକ ଦ୍ୱାରା ବ୍ୟବହାର କରାଯାଇପାରିବ। ଫସଲ ଉତ୍ପାଦନ ଆକଳନ, ଫାର୍ମ ବୀମା ପ୍ରକ୍ରିୟାକରଣ, ଜମି ରେକର୍ଡର ଡିଜିଟାଲାଇଜେସନ୍‌ରେ ଡ୍ରୋନ୍‌ର ଉପଯୋଗ ହୋଇପାରିବ। ଏହାଦ୍ୱାରା କୃଷକଙ୍କ ପ୍ରାପ୍ୟ ରାଶି ପ୍ରକ୍ରିୟାକରଣରେ ସ୍ୱଚ୍ଛତା ଅବଲମ୍ବନ କରାଯାଇପାରିବ। ୨୦୨୨ ମସିହା ଜାନୁୟାରୀ ୨୬ ତାରିଖରେ ଭାରତ ସରକାର କୃଷି ଡ୍ରୋନ୍ ପାଇଁ ଏକ ପ୍ରମାଣକ ଯୋଜନାର ମଧ୍ୟ ଶୁଭାରମ୍ଭ କରିଛନ୍ତି। ଡ୍ରୋନ୍ ପ୍ରଯୁକ୍ତି ଉପଯୋଗ ଦ୍ୱାରା କୃଷିକ୍ଷେତ୍ର ପରିଚାଳନା ପଦ୍ଧତିର ବ୍ୟାପକ ବିକାଶ ହୋଇପାରିବ। କୃଷକ ମଧ୍ୟ ଅମଳ ବୃଦ୍ଧି କରିବାକୁ ସକ୍ଷମ ହେବେ। କୃଷି ଶ୍ରମିକଙ୍କ ନିଯୁକ୍ତି ହରାଇବା ଆଶଙ୍କା, ଡ୍ରୋନ୍ ପ୍ରଯୁକ୍ତି ସମ୍ବନ୍ଧୀୟ ଜ୍ଞାନ ଓ ପ୍ରଶିକ୍ଷଣର ଅଭାବ ଆଦି ସମସ୍ୟା ରହିଥିଲେ ହେଁ ଡ୍ରୋନ୍ ଉପଯୋଗ କରିବା ପାଇଁ ଆଗ୍ରହୀ କୃଷକଙ୍କୁ ବ୍ୟବହାର ସମ୍ବନ୍ଧୀୟ ପ୍ରୋତ୍ସାହନ ଯୋଗାଇ ଦିଆଯିବା ଆବଶ୍ୟକ। ନୀତି ନିର୍ଦ୍ଧାରକମାନେ ସୁନିଶ୍ଚିତ ହେବା ଆବଶ୍ୟକ ଯେ କେତେକ ସମସ୍ୟା ସତ୍ତ୍ୱେ ଡ୍ରୋନ୍ ପ୍ରଯୁକ୍ତିର ସୁବିଧା କୃଷକଙ୍କ ନିକଟରେ ପହଞ୍ଚିବା ଦରକାର। ଏହାଦ୍ୱାରା ସଠିକ୍ କୃଷି ପଦ୍ଧତିକୁ ଅବଲମ୍ବନ କରି ଚିରପୋଷ୍ୟମାନ ଓ ଉତ୍ପାଦନକ୍ଷମ କୃଷି ମାଧ୍ୟମରେ ଉଭୟ କୃଷକ ଓ ଖାଉଟି ଉପକୃତ ହୋଇପାରିବେ।

ଅରୁଣ କୁମାର ପାତ୍ର
ଭଦ୍ରକ, ମୋ: ୯୩୩୭୬୭୯୦୧୮୧

# ଈଶ୍ୱରଙ୍କ ସୃଷ୍ଟିରେ ଜନ୍ମ ମୃତ୍ୟୁର ଚକ୍ର

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଆମ ସଭିଙ୍କ ମନରେ ଏକ ପ୍ରଶ୍ନ ଆସେ ଯେ ଏ ଯେଉଁ ଭଗବତ୍ ପ୍ରାପ୍ତି କଥା ଅଛି ତାହା କଣ ଅର୍ଥାତ୍ ଭଗବତ୍ ପ୍ରାପ୍ତିର ଫଳ କ'ଣ ? ତାହାର ସାଧାରଣ ଉତ୍ତର ହେଉଛି, ଯେଉଁମାନେ ଭଗବତ୍ ପ୍ରାପ୍ତି କରନ୍ତି, ସେମାନେ ଜନ୍ମ ମୃତ୍ୟୁର ଚକ୍ରରୁ ମୁକ୍ତ ହୋଇ ଭଗବାନଙ୍କର ଦିବ୍ୟ ଲୋକରେ ସ୍ଥାନ ପାଆନ୍ତି । ସେମାନଙ୍କୁ ପୁଣି ଏହି ସଂସାରରେ ଜନ୍ମନେବାକୁ ପଡ଼େ ନାହିଁ, ଯାହାକି ଦୁଃଖ ଭୋଗର ଏକ ସ୍ଥାନ ଅଟେ । ଆମେ ଜନ୍ମ ହେବାର କଷ୍ଟପ୍ରଦ ପ୍ରକ୍ରିୟା ଭୋଗ କରୁ ଏବଂ ଅସହାୟ ଭାବେ କ୍ରନ୍ଦନ କରେ । ଗୋଟିଏ ଛୋଟ ଶିଶୁ ଭାବରେ ଆମର ଅନେକ ଆବଶ୍ୟକତା ରହିଥାଏ ଯାହା ପ୍ରକାଶ କରି ନ ପାରି ଆମେ କାନ୍ଦିଥାଏ । କିଶୋର ଅବସ୍ଥାରେ ଆମେ ନିଜର ଶାରୀରିକ କାମନାକୁ ନେଇ ସଂଘର୍ଷରେ ମାନସିକ ଅଶାନ୍ତି ଭୋଗ କରେ । ବୈବାହିକ ଜୀବନରେ ସ୍ୱାମୀ/ସ୍ତ୍ରୀଙ୍କର ମନମୁଖୀ ସ୍ୱଭାବକୁ ସହ୍ୟ କରିବାକୁ ପଡିଥାଏ । ବୃଦ୍ଧାବସ୍ଥାରେ ଶାରୀରିକ କଷ୍ଟ ଭୋଗ କରେ । ଏହିପରି ସାରା ଜୀବନ ଆମେ ଶାରୀରିକ ଓ ମାନସିକ କଷ୍ଟ ସହିତ ଅନ୍ୟର ବ୍ୟବହାର ଏବଂ ପରିବେଶ ଜନିତ କ୍ଲେଶ ଭୋଗକରିଥାଏ । ଶେଷରେ ଆମେ ମୃତ୍ୟୁର କଷ୍ଟ ଅନୁଭବ କରିଥାଏ । ଏହି ସବୁ ଯାତନା ଅର୍ଥହୀନ ନୁହେଁ, ଭଗବାନଙ୍କର ବୃହତ୍ ଯୋଜନାରେ ଏହାର ଗୋଟିଏ ଉଦ୍ଦେଶ୍ୟ ରହିଛି । ଏହା ଆମର ହୃଦ୍ ?ବୋଧ କରାଇଥାଏ ଯେ ଭୌତିକ ଜଗତ ଆମର ସ୍ଥାୟୀ ନିବାସ ନୁହେଁ । ଆତ୍ମମାନଙ୍କ ପରି ଭଗବତ୍ ବିମୁଖ ଜୀବାତ୍ମାମାନଙ୍କ ପାଇଁ ଏହା ଏକ ସୁଧାର ଗୃହ ସଦୃଶ ଅଟେ । ଦୁଃଖ କଷ୍ଟ ଭୋଗ ନ କଲେ ଆମେ କେବେ ବି ଭଗବାନଙ୍କର କାମନା କରନ୍ତେ ନାହିଁ । ଉଦାହରଣ ସ୍ୱରୂପ, ଯଦି ଆମେ ଅଗ୍ନିକୁ ସ୍ପର୍ଶ କରିବା ତେବେ ଦୁଇଟି କଥା ହେବ – ହାତ ପୋଡିଯିବ ଏବଂ ଆମେ ଯନ୍ତ୍ରଣା ଅନୁଭବ କରିବା । ହାତ ପୋଡିଯିବା ଖରାପ କଥା କିନ୍ତୁ ଯନ୍ତ୍ରଣା ଅନୁଭବ କରିବା ଆମ ପାଇଁ ଲାଭଦାୟକ ଅଟେ । ଆମେ ଯଦି ଯନ୍ତ୍ରଣା ଅନୁଭବ କରି ନଥାନ୍ତେ, ତାହେଲେ ଆମେ ହାତକୁ ନିଆଁଠାରୁ ଦୂରେଇ ନେଇ ନ ଥାନ୍ତେ ଏବଂ ତଦ୍ୱାରା ଆମର ବହୁତ କ୍ଷତି ହୋଇଥାଆନ୍ତା । ତେଣୁ ଯନ୍ତ୍ରଣାଟି ଏକ ସୂଚନା ଯେ କେଉଁଠି କିଛି ଭୁଲ ରହିଯାଇଛି ଏବଂ ତାକୁ ସୁଧାରିବା ଆବଶ୍ୟକ । ସେହିପରି ମାୟିକ୍ ଜଗତରେ ଅନୁଭବ କରୁଥିବା ଦୁଃଖ କଷ୍ଟ ମାଧ୍ୟମରେ ଭଗବାନ ଆମକୁ ସତର୍କ କରାଇ ଥାଆନ୍ତି ଯେ ଆମର ଚେତନା ଦୋଷଯୁକ୍ତ ଅଟେ । ସଂସାରିକ ଚେତନାରୁ ଆମେ ଭଗବତ୍ ଚେତନାଯୁକ୍ତ ହେବା ନିମନ୍ତେ ଅଗ୍ରସର ହେବା ଆବଶ୍ୟକ ।

ବ୍ୟକ୍ତିର ଜୀବନବ୍ୟାପୀ ଅଭ୍ୟାସ ଏବଂ ସଙ୍ଗର ପରିଣାମ ସ୍ୱରୂପ ଯାହାର ଚିନ୍ତନ ଏବଂ ଅନୁଧ୍ୟାନ ସେ ନିରନ୍ତର କରିଥାଏ, ତାହା ହିଁ ତା'ର ଅନ୍ତିମ ବିଚାର ନିର୍ଦ୍ଧାରଣ କରିବା ସ୍ୱାଭାବିକ । ପୁରାଣରେ ମହାରାଜ ଭରତଙ୍କର ଆଖ୍ୟାନ ବର୍ଣ୍ଣନା କରାଯାଇଛି । ସେ ଜଣେ ରାଜା ଥିଲେ । କିନ୍ତୁ ଭଗବତ୍ ପ୍ରାପ୍ତି କରିବା ଉଦ୍ଦେଶ୍ୟରେ ସେ ରାଜ୍ୟ ତ୍ୟାଗ କରି, ବନରେ ସନ୍ନ୍ୟାସୀ ଭାବରେ ଜୀବନଯାପନ କରୁଥିଲେ । ଦିନେ ସେ ଗୋଟିଏ ହରିଣକୁ ବାଘର ଗର୍ଜନ ଶୁଣି ପାଣି ମଧ୍ୟକୁ ଡ଼େଇଁ ପଡ଼ିବାର ଦେଖିଲେ । ଅତିଶୟ ଭୟ ଯୋଗୁଁ ଗର୍ଭିଣୀ ମୃଗଟି ଗର୍ଭରୁ ଗୋଟିଏ ଶାବକ ଜନ୍ମ ଲାଭ କରି ପାଣିରେ ଭାସିବାରେ ଲାଗିଲା । ଶାବକଟି ପ୍ରତି ଭରତଙ୍କ ମନରେ ଦୟା ଉତ୍ପନ୍ନ ହେଲା ଏବଂ ସେ ତାକୁ ପାଣିରୁ ଉଦ୍ଧାର କରି ତାଙ୍କ କୁଟୀରକୁ ଆଣି ତା'ର ଲାଳନ ପାଳନ କରିବାକୁ ଲାଗିଲେ । ଅତି ଆଗ୍ରହର ସହିତ ସେ ତାର ଚପଳତାପୂର୍ଣ୍ଣ ଚାଲିକୁ ନିରୀକ୍ଷଣ କରିବାରେ ଲାଗିଲେ । ସେ ଖାଇବା ପାଇଁ ଘାସ ସଂଗ୍ରହ କରୁଥିଲେ ଏବଂ ତାକୁ ଉଷ୍ମତା ପ୍ରଦାନ ପାଇଁ କୋଳାଗ୍ରତ କରୁଥିଲେ । ଧୀରେ ଧୀରେ ତାଙ୍କର ମନ ଭଗବାନଙ୍କ ଠାରୁ ହଟିଯାଇ ସେହି ହରିଣ ଠାରେ କେନ୍ଦ୍ରିତ ହେବାକୁ ଲାଗିଲା । କ୍ରମଶଃ ସେହି ତନ୍ମୟତା ଏତେ ଗଭୀର ହେଲା ଯେ ଦିନସାରା ତାଙ୍କର ମନ ସେହି ହରିଣର ହିଁ ଚିନ୍ତନ କଲା । ଯେତେବେଳେ ସେ ମୃତ୍ୟୁବରଣ କରିବାକୁ ଯାଉଥିଲେ, ହରିଣଟି ପ୍ରତି ତାଙ୍କର ମମତା ଏବଂ ଚିନ୍ତା ଯୋଗୁଁ, ସେ ତାକୁ ପାଖକୁ ଡ଼ାକିଲେ । ପରିଣାମ ସ୍ୱରୂପ, ପରବର୍ତ୍ତୀ ଜନ୍ମରେ ସେ ମୃଗ ଯୋନିରେ ଜନ୍ମ ଗ୍ରହଣ କଲେ । କିନ୍ତୁ ଯେହେତୁ ସେ ଭଗବତ ସାଧନା କରିଥିଲେ, ପୂର୍ବଜନ୍ମର ସମସ୍ତ ତ୍ରୁଟି ସଂପର୍କରେ ସେ ସଚେତନ ଥିଲେ । ସେଥିପାଇଁ ହରିଣ ହେଲେ ମଧ୍ୟ ସେ ଜଙ୍ଗଲରେ ସାଧୁମାନଙ୍କ ଆଶ୍ରମ ପାଖରେ ରହୁଥିଲେ । ହରିଣ ଶରୀର ତ୍ୟାଗ କରିବା ପରେ ପୁନର୍ବାର ସେ ମନୁଷ୍ୟ ଜନ୍ମ ପ୍ରାପ୍ତ କରିଥିଲେ । ଏଥର ସେ ବିଖ୍ୟାତ ସନ୍ଥ ଜଡ଼ଭରତ ହେଲେ ଏବଂ ସାଧନା ସମାପ୍ତ କରି ଭଗବତ ପ୍ରାପ୍ତି କଲେ ।

ଏ ସଂସାରରେ ଯେଉଁମାନେ ଭଗବାନଙ୍କୁ ପ୍ରାପ୍ତ କରିବାକୁ ଇଚ୍ଛା କରନ୍ତି, ସେମାନେ ଭୌତିକ ଲାଭ ଉଦ୍ଦେଶ୍ୟରେ କର୍ମ କରନ୍ତି ନାହିଁ । ତେବେ ସେମାନେ ସାଂସାରିକ କର୍ମ କରନ୍ତି କାହିଁକି ? ତା'ର କାରଣ ଏହା ଯେ ସେମାନେ ଭଗବାନଙ୍କର ସେବା କରିବାକୁ ଚାହାଁନ୍ତି ଏବଂ ତାଙ୍କ ଖୁସି ପାଇଁ ସେମାନେ କର୍ମ କରିବାକୁ ପ୍ରେରିତ ହୁଅନ୍ତି। ଭଗବାନଙ୍କ ପ୍ରତି ବିମୁଖ ହୋଇ ଭୌତିକ ଜଗତରେ କଷ୍ଟଭୋଗ କରୁଥିବା ଜୀବାତ୍ମା ମାନଙ୍କୁ ଦେଖି ତାଙ୍କର ହୃଦୟ ତରଳି ଯାଏ ଏବଂ ସେମାନଙ୍କର ଆଧାତ୍ମିକ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ସେମାନେ ପ୍ରେରିତ ହୋଇଥାନ୍ତି । ଏକଦା ବୁଦ୍ଧଦେବ କହିଥିଲେ, "ଭଗବତ ପ୍ରାପ୍ତି ପରେ ତୁମ ସମ୍ମୁଖରେ ଦୁଇଟି ବିକଳ୍ପ ଥାଏ- ତୁମେ କିଛି କରି ନ ପାର, ବା ଅନ୍ୟର ଭଗବତ୍ ପ୍ରାପ୍ତି କରାଇବାରେ ସାହାଯ୍ୟ କରିପାର ।" ତେଣୁ ଯେଉଁ ମାନଙ୍କର ନିଜର ସ୍ୱାର୍ଥପୂର୍ତ୍ତି ଉଦ୍ଦେଶ୍ୟରେ କୌଣସି କାର୍ଯ୍ୟ କରିବାର ନ ଥାଏ, ସେମାନେ ଭଗବତ୍ ପ୍ରୀତ୍ୟର୍ଥ କର୍ମରେ ପ୍ରବୃତ୍ତ ହୁଅନ୍ତି । ଭକ୍ତି ଯୁକ୍ତ କର୍ମ ଭଗବାନଙ୍କର କୃପା ଆକର୍ଷିତ କରିଥାଏ ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୮୨୪୯୫୦୨୭୭୬

# ବିଜୁ ବାବୁ ଓ ପଞ୍ଚାୟତିରାଜ

ପଞ୍ଚାୟତିରାଜ ହେଉଛି ଭାରତ ମହାଦେଶର ସର୍ବପୁରାତନ ସ୍ଥାନୀୟ ଶାସନ ବ୍ୟବସ୍ଥା। ମନୁସ୍ମୃତି, ଅର୍ଥଶାସ୍ତ୍ର ଏବଂ ମହାଭାରତରେ ପଞ୍ଚାୟତ ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି। ମୁସଲମାନ ଶାସନ ସମୟରେ ମଧ୍ୟ ଏହି ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥଲେ ହେଁ କାର୍ଯ୍ୟ ଜାରି ରଖିଥିଲା। ଇଂରେଜମାନେ କ୍ଷମତା ଗ୍ରହଣ ଏବଂ ବିକେନ୍ଦ୍ରୀକରଣ ନୀତି ଗ୍ରହଣ କରିବା ପରେ ପଞ୍ଚାୟତଗୁଡ଼ିକ ଅସ୍ଥାୟୀ ଭାବେ ବ୍ୟାଘାତର ସମ୍ମୁଖୀନ ହୋଇଥିଲା। ସ୍ୱାଧୀନତା ପୂର୍ବରୁ ଜାତିର ପିତା ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ (ସ୍ୱୟଂଶାସିତ) ଉପରେ ଗୁରୁତ୍ୱ ଦେଇ କହିଥିଲେ, ''ସ୍ୱାଧୀନତା ନିଶ୍ଚିତ ଭାବେ ତଳସ୍ତରରୁ ଆରମ୍ଭ ହେବା ଆବଶ୍ୟକ। ପ୍ରତ୍ୟେକ ଗ୍ରାମ, ଏକ ଗଣତନ୍ତ୍ର କିମ୍ବା ପୂର୍ଣ୍ଣ କ୍ଷମତାପୂର୍ଣ୍ଣ ପଞ୍ଚାୟତ ହେବା ଆବଶ୍ୟକ।'' ଗ୍ରାମୀଣ ଭାରତର ସଶକ୍ତୀକରଣ ଗାନ୍ଧିଜୀଙ୍କ ଦୂରଦୃଷ୍ଟି ଥିଲା। ସମ୍ବିଧାନର ଚିଠା ପ୍ରସ୍ତୁତ କରିବା ସମୟରେ, ସମ୍ବିଧାନ ସଭାର ସଦସ୍ୟମାନେ ଗାନ୍ଧିଜୀଙ୍କ ସ୍ୱପ୍ନକୁ ଫଳପ୍ରଦ କରିବା ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନର ପ୍ରବର୍ତ୍ତନ ସପକ୍ଷରେ ଯୁକ୍ତି ବାଢ଼ି ଥିଲେ। ଭାରତୀୟ ସମ୍ବିଧାନର ଧାରା ୪୦ ଅନୁଯାୟୀ ରାଜ୍ୟ ରାଜନୀତିର ପ୍ରତିପକ୍ଷ ନୀତି ମଧ୍ୟରୁ ଗୋଟିଏକୁ ଅନ୍ତର୍ଭୁକ୍ତ କରାଯାଇଛି। ସେଥିରେ କୁହାଯାଇଛି ଯେ, ରାଜ୍ୟ ଗ୍ରାମ ପଞ୍ଚାୟତଗୁଡ଼ିକୁ ସଂଗଠିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବ ଏବଂ ସେମାନଙ୍କୁ ଏକକ କିମ୍ବା ସ୍ୱାୟତ୍ତ ଶାସନ ଭାବରେ କାର୍ଯ୍ୟ କରିବାକୁ ସକ୍ଷମ କରିବା ପାଇଁ ଆବଶ୍ୟକ କ୍ଷମତା ଏବଂ କର୍ତ୍ତୃତ୍ୱ ପ୍ରଦାନ କରିବ। ବଲୱନ୍ତ ରାୟ ମେହେଟ୍ଟା କମିଟି (୧୯୫୭)ର ସୁପାରିଶ ଅନୁଯାୟୀ ସରକାର ଗ୍ରାମ ପଞ୍ଚାୟତକୁ ବିକାଶମୂଳକ କାର୍ଯ୍ୟକ୍ରମର ଯୋଜନାରେ ଅନ୍ତର୍ଭୁକ୍ତ କରିବା ଏବଂ କାର୍ଯ୍ୟକାରିତା ପାଇଁ ଅଧିକ କ୍ଷମତା, ଦାୟିତ୍ୱ ଏବଂ ଅର୍ଥ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଭାରତରେ ଗ୍ରାମ ପଞ୍ଚାୟତ ପରି ଆଞ୍ଚଳିକ ଗ୍ରାମୀଣ ସଂସ୍ଥାଗୁଡ଼ିକ ପ୍ରତିଷ୍ଠା କରିବାର ମୁଖ୍ୟ ଉଦ୍ଦେଶ୍ୟ ଗଣତାନ୍ତ୍ରିକ ନୀତି ଉପରେ ଆଧାରିତ। ତ୍ରିସ୍ତରୀୟ ବ୍ୟବସ୍ଥାରେ ଗ୍ରାମ ପଞ୍ଚାୟତ ସବୁଠାରୁ ତଳେ ରହିଛି। ଗ୍ରାମ ହେଉଛି ଏକ ସମନ୍ୱିତ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଏବଂ ରାଜନୈତିକ ଏକତା। ଏହା ହେଉଛି ଜନଶକ୍ତିର ଏକମାତ୍ର ପ୍ରଭାବଶାଳୀ ଅଙ୍ଗ। ବି. ଆି. ମେହେଟ୍ଟା କମିଟିର ସୁପାରିଶକୁ ଓଡ଼ିଶାରୁ ହିଁ କାର୍ଯ୍ୟକାରୀ କରାଯାଇଥିଲା। ୧୯୫୯ ମସିହାରେ ଓଡ଼ିଶା ବିଧାନସଭା ଦ୍ୱାରା ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ ଅଧିନିୟମ ପାରିତ ହୋଇଥିଲା। ଏହି ଆଇନ ୨୬ ଜାନୁଆରୀ ୧୯୬୧ ମସିହାରେ କାର୍ଯ୍ୟକାରୀ ହୋଇଥିଲା। ତେବେ, ଷାଠିଏ ଦଶକରେ ପ୍ରଥମ ଶାସନ ଦାୟିତ୍ୱ ଗ୍ରହଣ କରିବା ପରେ ବିଜୁ ପଟ୍ଟନାୟକ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଉତ୍ସାହର ସହିତ ପ୍ରୟାସ ଆରମ୍ଭ କରିଥିଲେ। ତାଙ୍କ ମତରେ ପଞ୍ଚାୟତିରାଜ ବ୍ୟବସ୍ଥା ହେଉଛି ଭାରତୀୟ ଗଣତନ୍ତ୍ରର ଆଧାର। ସେ ପ୍ରତ୍ୟେକ ସରପଞ୍ଚଙ୍କୁ ତାଙ୍କ ପଞ୍ଚାୟତର ମୁଖ୍ୟମନ୍ତ୍ରୀ ଭାବରେ ବର୍ଣ୍ଣନା କରିଥିଲେ। ତାଙ୍କ ନୀତି ଥିଲା, କ୍ରମଶଃ ଅଧିକରୁ ଅଧିକ କାର୍ଯ୍ୟ ସମ୍ପାଦନ କରିବା, ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ଯୋଜନାକୁ କାର୍ଯ୍ୟକାରିତା କରିବା। ୨୦ ନଭେମ୍ବର ୧୯୬୧ ମସିହାରେ ବିଜୁ ବାବୁ ଓଡ଼ିଶା ବିଧାନସଭାରେ ପଞ୍ଚାୟତିରାଜ ଉପରେ ଏକ ଐତିହାସିକ ଭାଷଣ ଦେଇଥିଲେ, ଯାହାକୁ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ବହୁତ ପ୍ରଶଂସା କରିଥିଲେ। ନିଜର ସ୍ମରଣୀୟ ଭାଷଣରେ ସେ କହିଥିଲେ, ''ଏହା ପ୍ରାୟତଃ ଏକ ଜନଆନ୍ଦୋଳନ, ଆମେ କେବଳ ଏହାକୁ ଅନ୍ୟ କୌଣସି ଦିଗରେ କିମ୍ବା କୌଣସି କର୍ତ୍ତୃପକ୍ଷଙ୍କୁ କିଛି ଆଶା ଦେବାକୁ ଚେଷ୍ଟା କରୁଛୁ। କିନ୍ତୁ ଏହି ଆନ୍ଦୋଳନ କେବଳ ସେତେବେଳେ ସଫଳ ହୋଇପାରିବ, ଯେତେବେଳେ ଆମେ ସେହି ଅଧିକାର ଆମ ସାମାଜିକ ସୋପାନର ତଳସ୍ତରରୁ ଲୋକଙ୍କୁ ଦେଇପାରିବା, ଯେଉଁମାନେ ପ୍ରଭାବଶାଳୀ ନେତୃତ୍ୱ ପ୍ରୟୋଗ କରିପାରିବେ। ଏହା ଏକ ବଡ଼ ପ୍ରଶ୍ନ ଏବଂ ଏହି ଗୃହରେ ଆମକୁ ଅଧିକ ସହାନୁଭୂତି ଏବଂ ସମ୍ଭାବନାର ସହିତ ଏକ ସୁଦୂର ଭବିଷ୍ୟତକୁ ଦେଖି ଚିନ୍ତା କରିବାକୁ ପଡ଼ିବ। ବର୍ତ୍ତମାନଠାରୁ ଆପଣ କିପରି ଭବିଷ୍ୟତ ନିର୍ମାଣ କରିବାକୁ ଚାହୁଁଛନ୍ତି, ତାହା ଯୋଜନା କରିବାକୁ ପଡ଼ିବ।''

୧୯୬୧ ମସିହାରେ ଓଡ଼ିଶାରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଆରମ୍ଭ କରାଯାଇଥିଲା। ୧୯୬୧ ମସିହା ଶେଷ ସୁଦ୍ଧା, ୧୩ଟି ଜିଲ୍ଲା ପରିଷଦ ଏବଂ ୩୧୪ଟି ପଞ୍ଚାୟତ ସମିତି କାର୍ଯ୍ୟ ଆରମ୍ଭ କରିଥିଲା। ଏହି ପ୍ରତିନିଧି ଅନୁଷ୍ଠାନଗୁଡ଼ିକର ବିକାଶମୂଳକ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରାଯାଇଥିଲା। ୧୯୬୦ ଦଶକରେ ଜଣେ ପ୍ରଗତିଶୀଳ ଏବଂ ସକ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ବିଜୁ ବାବୁ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସମସ୍ୟା ଏବଂ ଏହାର ନିରାକରଣ ଉପରେ ଗମ୍ଭୀରତାର ସହ ବିଚାର କରିଥିଲେ। ଏଥିପାଇଁ ବିଭିନ୍ନ ପଞ୍ଚାୟତ ଅଧୀନରେ ଥିବା ଗ୍ରାମାଞ୍ଚଳରେ କୃଷି ଆଧାରିତ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରିବାର ପରିକଳ୍ପନା କରାଯାଇଛି। ଏହି ପରିକଳ୍ପନାରୁ ହିଁ ପଞ୍ଚାୟତ ଶିଳ୍ପ ଯୋଜନାର ଜନ୍ମ ହୋଇଥିଲା। ଏହା ବିଜୁ ବାବୁଙ୍କ ମାନସିକ ସନ୍ତାନ ଥିଲା, ଯାହା ତାଙ୍କ ଗତିଶୀଳତା ଏବଂ ଦୃଷ୍ଟିଶକ୍ତିର ପ୍ରତୀକ। ତାଙ୍କର ଅଭିନବ ଯୋଜନା ଅଧୀନରେ ଗୋଟିଏ ବର୍ଷରେ ୭ଟି ଚିନି ମିଲ୍, ୨୦ଟି ଟାଇଲ୍ ତିଆରି ୟୁନିଟ୍, ୧୦ଟି ବଢ଼େଇ କାମ ୟୁନିଟ୍, ଦଶଟି ଢଳେଇ ୟୁନିଟ୍, ଗୋଟିଏ ପେପର୍ ମିଲ୍ ଏବଂ କୃଷି ଉତ୍ପାଦ ଆଧାରିତ ଉତ୍ପାଦ ପ୍ରତିଷ୍ଠା କରାଯାଇଥିଲା।

ବ୍ଲକ୍ ? ସ୍ତରରେ ଶିଳ୍ପାୟନ ଯୋଜନାକୁ ପ୍ରୋତ୍ସାହିତ କରିବାକୁ ପ୍ରତ୍ୟେକ ଜିଲ୍ଲା ନିମନ୍ତେ ଗୋଟିଏ ପୁରସ୍କାର ଘୋଷଣା କରାଯାଇଥିଲା। ପଞ୍ଚାୟତଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ବିକାଶ କାର୍ଯ୍ୟକ୍ରମର କାର୍ଯ୍ୟକାରିତାରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆହ୍ୱାନ କରାଯାଇଥିଲା। ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ପଞ୍ଚାୟତ ଏବଂ ପଞ୍ଚାୟତ ସମିତିଗୁଡ଼ିକକୁ ୨୫୦୦୦ ଟଙ୍କାରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହି ସମୟରେ ଏହି ପୁରସ୍କାର ରାଶି କୌଣସି ଛୋଟ ପରିମାଣ ନଥିଲା। ଯେଉଁ ପଞ୍ଚାୟତ ଏବଂ ପଞ୍ଚାୟତ ସମିତିଗୁଡ଼ିକ ପୁରସ୍କାର ଜିତିଥିଲେ, ସେହି ଅନୁଷ୍ଠାନଗୁଡ଼ିକୁ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ସମବାୟ ବ୍ୟାଙ୍କଗୁଡ଼ିକରୁ ଋଣ ନେଇ ପାରିବାର ସୁବିଧା ଥିଲା। ଏହା ବ୍ୟତୀତ ଓଡ଼ିଶାର ତିନୋଟି ରାଜସ୍ୱ ଡିଭିଜନ ବିକାଶ ଏବଂ ଶିଳ୍ପାୟନ କ୍ଷେତ୍ରରେ ସଫଳତା ପାଇଁ ଶ୍ରେଷ୍ଠ ପଞ୍ଚାୟତ ସମିତି ପାଇଁ ୧ କୋଟି ଲେଖାଏଁ ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ୧୯୬୦ ଦଶକରେ ଶିଳ୍ପ ଯୋଜନାର ପରିକଳ୍ପନା କରି ବିଜୁ ବାବୁ ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ଗରିବୀ ହଟାଓ' କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହା ବହୁତ ବଡ଼ ଯୋଜନା ଥିଲା। ଭାରତର ଯୋଜନା ଆୟୋଗଙ୍କ ଦ୍ୱାରା ପ୍ରଶଂସିତ ଏବଂ ଅନ୍ୟ ରାଜ୍ୟଗୁଡ଼ିକ ଏହି ଯୋଜନାକୁ ଏକ ମଡେଲ ଭାବରେ ଅନୁସରଣ କରିବାକୁ ସୁପାରିଶ କରାଯାଇଥିଲା। ଅର୍ଥନୀତି ବିଭାଗର ଅନେକ ଅଧ୍ୟାପକ ଏହାକୁ ପି.ଏଚ୍ ?.ଡି ଡିଗ୍ରୀ ପାଇଁ ଏକ ଗବେଷଣା ପ୍ରକଳ୍ପ ଭାବରେ ଗ୍ରହଣ କରିଥିଲେ। ବିଜୁ ବାବୁ ମୁଖ୍ୟମନ୍ତ୍ରୀ ଭାବେ ନିଜର ଦ୍ୱିତୀୟ କାର୍ଯ୍ୟକାଳରେ ଅଧିକ ସଂକଳ୍ପବଦ୍ଧ ଥିଲେ। ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ଏବଂ ନିରନ୍ତର ପ୍ରଦର୍ଶନ କରି ପଞ୍ଚାୟତିରାଜକୁ ସୁବ୍ୟବସ୍ଥିତ କରିଥିଲେ। ମହିଳାମାନେ ବିକାଶ ସମ୍ବନ୍ଧୀୟ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାର ଅଂଶବିଶେଷ ହୁଅନ୍ତୁ ବୋଲି ସେ ଚାହୁଁଥିଲେ। ଏଥିପାଇଁ ସେ ଓଡ଼ିଶାକୁ ତାଙ୍କ ନୂତନ ପରୀକ୍ଷଣର ଏକ ପରୀକ୍ଷାଗାରରେ ପରିଣତ କରିଥିଲେ।

ବଳଭଦ୍ର ଘଡ଼ାଇ :
ଅବସରପ୍ରାପ୍ତ ଅଧ୍ୟକ୍ଷ, ଏମ୍.କେ. କଲେଜ
ଖିଚିଂ, ମୟୂରଭଞ୍ଜ



# 'ଚର୍ଚ୍ଚାର କୌଣସି ଅନ୍ତ ନାହିଁ'

ବଲିଉଡ୍ ଅଭିନେତ୍ରୀ କିଆରା ଆଡଭାନୀ ଏବଂ ଅଭିନେତା ସିଦ୍ଧାର୍ଥ ମଲହୋତ୍ରା ଫିଲ୍ମ 'ଶେର୍ସା'ରେ ଏକାଠି କାମ କରିଥିଲେ। ଫିଲ୍ମର ସୁଟିଂ ସମୟରେ ଉଭୟ ପ୍ରେମ କରୁଥିବା ଚର୍ଚ୍ଚା ହେଉଥିଲା। ଫିଲ୍ମର ସୁଟିଂ ସମାପ୍ତ ହେବା ପରେ ସେମାନଙ୍କୁ ଅନେକ ଥର ଏକାଠି ଦେଖାଯାଇଥିଲା। ଅବଶ୍ୟ, କିଛି ସମୟ ପୂର୍ବରୁ ସେମାନଙ୍କ ବ୍ରେକଅପ୍ ଖବର ଫ୍ୟାନ୍ସଙ୍କ ହୃଦୟ ଭାଙ୍ଗି ଦେଇଥିଲା। ଏବେ ଏହାକୁ ନେଇ ଅଭିନେତ୍ରୀ ମୁହଁ ଖୋଲିଛନ୍ତି। ଏକ ଇଣ୍ଟରଭ୍ୟୁରେ କିଆରା କହିଛନ୍ତି, ମୁଁ ଏହା ସହିତ ସମ୍ପୂର୍ଣ୍ଣ ସୁରକ୍ଷିତ ଅନୁଭବ କରେ ନାହିଁ। ବିଶେଷ କରି ଯେବେ ଏହା ମୋ ଏବଂ ମୋ ପରିବାର ବିଷୟରେ ହୋଇଥାଏ। ଖୁସିର କଥା, ମୋର ପ୍ରଫେସନାଲ ଲାଇଫରେ, ମୁଁ ଏହି ଗୁଜବର ସାମ୍ନା କରି ନାହିଁ, ଯାହା ହୁଏତ ମୋତେ କିମ୍ବା ମୋ ପରିବାରକୁ ପ୍ରଭାବିତ କରିପାରେ । ଯେତେବେଳେ ଦୁଇଜଣ ବ୍ୟକ୍ତି ପର୍ସନାଲ୍ ଲାଇଫରେ ଜଡିତ ହୁଅନ୍ତି, ମୁଁ ଆଶ୍ଚର୍ଯ୍ୟ ହୋଇଯାଏ ଏବଂ ଭାବେ, ଏହି ସବୁ (ଗୁଜବ) କେଉଁଠୁ ଆସୁଛି। କେବଳ ଏତିକି ନୁହେଁ, କିଆରା ମଧ୍ୟ ସିଦ୍ଧାର୍ଥ ମାଲହୋତ୍ରାଙ୍କ ସହ ତାଙ୍କ ବ୍ରେକଅପ୍ ଉପରେ କମେଣ୍ଟ ଦେଇ କହିଛନ୍ତି, "ଯଦି ଏହି ଗୁଜବଗୁଡ଼ିକ ଭଲ ହୋଇଯାଏ, ତେବେ ସ୍ୱାଭାବିକ ଭାବେ ପରିବାର ଏହାକୁ ପ୍ରଶଂସା କରନ୍ତି ନାହିଁ। ମୋତେ କଷ୍ଟ ଦେଉଥିବା କଥା ହେଉଛି, ଯେତେବେଳେ ତୁମେ କାମ କର, ଦିନର ଶେଷରେ ତୁମର କାମ ଅନ୍ୟ ଜିନିଷ ନୁହେଁ ସ୍ପୋକଲାଇଟରେ ଆସିବା ଉଚିତ। କିନ୍ତୁ ଆପଣ ଏହା ବିଷୟରେ କିଛି କରିପାରିବେ ନାହିଁ। ମୁଁ ଅନୁମାନ କରୁଛି, ମୋତେ ନିଜ ଉପରେ ଏକ ମୋଟା ଚର୍ମ ବଢାଇବାକୁ ପଡିବ ଏବଂ ଆଖି ବନ୍ଦ କରିବାକୁ ପଡିବ, କାରଣ ଏହାର କୌଣସି ଅନ୍ତ ନାହିଁ। ମୁଁ ଜାଣିବାକୁ ଚାହେଁ, ଏହି ଚିଲି ମସାଲାର ଉତ୍ସ କିଏ।

# ଜୋତା ବିକୁଛନ୍ତି ପାକିସ୍ତାନ ଅମ୍ପାୟାର ଅସଦ୍ ରୌଫ୍






୧୭୦ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚରେ ଅମ୍ପାରିଂ ସହ ୪୯ ଟେଷ୍ଟ, ୯୮ ଏକ ଦିବସୀୟ ଆଉ ୨୩ ଟି-୨୦ ମ୍ୟାଚ୍‌ରେ ଅମ୍ପାୟାରିଂ କରିଛନ୍ତି।। ଆଇସିସି ଏମ୍ପାୟାର୍ସ ଏଲିଟ୍ ପ୍ୟାନେଲରେ ସେ ଜଣେ ସଦସ୍ୟ । ୨୦୦୦ରୁ ୨୦୧୩ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରିକେଟରେ ଅମ୍ପାରିଂ କରିଥିବା ପାକିସ୍ତାନୀ ଅମ୍ପାୟାର ଅସଦ୍ ରୌଫ୍ ଏବେ ଦୋକାନରେ ବସି ଜୋତା ବିକୁଛନ୍ତି । ଦେଖନ୍ତୁ ଏହି ଚେହେରାକୁ, ଟିଭି ପରଦାରେ କ୍ରିକେଟ୍ ଫିଲ୍ଡରେ ନିଶ୍ଚୟ ତାଙ୍କୁ ଦେଖିଥିବେ । ହେଲେ କେବେ ଭାବି ନଥିବେ ତାଙ୍କୁ ଏମିତି ଦୋକାନରେ ଜୋତା ବିକ୍ରି କରୁଥିବା ଅବସ୍ଥାରେ ଦେଖିବାକୁ । ବିଶ୍ୱାସ ଲାଗୁନଥିଲେ ମଧ୍ୟ ଏହା ସତ । ପରିସ୍ଥିତି ତାଙ୍କୁ ଏଭଳି କରିବାକୁ ବାଧ୍ୟ କରିଛି । ଲାହୋରର ଲାଣ୍ଡା ବଜାରରେ ଏକ ଦୋକାନ ଖୋଲିଛନ୍ତି ଅସଦ୍ ରୌଫ । ୬୬ ବର୍ଷିୟ ଅସଦ୍ ୨୦୧୩ ମସିହାରୁ କ୍ରିକେଟ୍ ଜଗତରୁ ସମ୍ପୂର୍ଣ୍ଣ ଦୂରେଇ ଯାଇଛନ୍ତି । ୨୦୧୩ରେ ଅସଦଙ୍କ ବିରୋଧରେ ସ୍ପଟ୍ ଫିକ୍ସିଂ ଅଭିଯୋଗ ଆସିଥିଲା । ଆଇପିଏଲ୍ ରେ ଅମ୍ପାୟାରିଂ କରୁଥିବା ବେଳେ ଅସଦ୍ ବୁକିଙ୍କଠାରୁ ମୋଟା ରକମର ଗିଫ୍ଟ ନେଇଥିବାର ଅଭିଯୋଗ ହୋଇଥିଲା । ଏହି ଅଭିଯୋଗର ତଦନ୍ତ କରିଥିଲା ଡିସିପ୍ଲିନାରି କମିଟି । ୨୦୧୬ରେ କମିଟି ରିପୋର୍ଟରେ ଅସଦ୍ ଦୋଷୀ ସାବ୍ୟସ୍ତ ହେବା ପରେ ବିସିସିଆଇ ତାଙ୍କୁ ୫ ବର୍ଷ ପାଇଁ ବ୍ୟାନ୍ କରିଥିଲା । ୨୦୧୨ରେ ଅସଦଙ୍କ ବିରୋଧରେ ଯୌନ ଶୋଷଣ ଓ ପ୍ରତାରଣା ଅଭିଯୋଗ ଆସିଥିଲା । ବିବାହ କରିବାର ପ୍ରତିଶ୍ରୁତି ଦେଇ ଅସଦ ଶାରୀରିକ ସମ୍ପର୍କ ରଖିଥିଲେ, ଏବଂ ପରେ ପ୍ରତାରଣା କରିଥିଲେ ବୋଲି ମୁମ୍ବାଇର ଜଣେ ମଡେଲ୍ ଅଭିଯୋଗ କରିଥିଲେ । ତେବେ ମ୍ୟାଚ୍ ଫିକ୍ସିଂ ଏବଂ ଯୌନ ଶୋଷଣ ଅଭିଯୋଗକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିଛନ୍ତି ଅସଦ୍ । କେବଳ ରୋଗିଣା ପୁଅକୁ ଅଧିକ ସମୟ ଦେବା ପାଇଁ ସେ କ୍ରିକେଟ୍ ଜଗତଠାରୁ ଦୂରେଇ ଯାଇଛନ୍ତି ବୋଲି ଅସଦ୍ ରୌଫ୍ କହିଛନ୍ତି ।

# ଝିଅ ବାହାଘରରେ ଯୌତୁକ ଦିଆଯାଏ ସାପ

ଏମିତିରେ ତ ଭାରତରେ ଯୌତୁକ ନେବା ଏକ ଦଣ୍ଡନୀୟ ଅପରାଧ ଅଟେ। ତଥାପି କେଉଁଠି ନା କେଉଁଠି ଯୌତୁକଜନିତ ଅପରାଧ ସ୍ପଷ୍ଟ କରୁଛି ଯେ,ଏବେ ବି ସମାଜରେ ଯୌତୁକକୁ ପ୍ରଶୟ ଦେଇଛନ୍ତି ଲୋକେ। ସାଧାରଣତଃ ଯୌତୁକରେ ଝିଅର ବାପା କିଛି ଟଙ୍କା ବା ଦାମୀ ଉପହାର ଝିଅର ଶାଶୂଘରକୁ ଦିଅନ୍ତି, କିନ୍ତୁ ଆପଣ ଶୁଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଭାରତରେ ଏମିତି କିଛି ଅଞ୍ଚଳ ରହିଛି, ଯେଉଁଠି ଝିଅ ବାହାଘରରେ ଯୌତୁକରେ ଦିଆଯାଏ ସାପ, ତା ପୁଣି ବିଷାକ୍ତ ସାପ। ଏହି କଥା ଶୁଣିବା ପରେ ଅବଶ୍ୟ ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଥାଇପାରେ କିନ୍ତୁ ଏହ ସତ। ଏବଂ ଏହାକୁ ଏକ ପରମ୍ପରା ବୋଲି ମାନନ୍ତି ଲୋକମାନେ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ମଧ୍ୟପ୍ରଦେଶର ଗୌରିଆ ଜନଜାତିର ଲୋକଙ୍କ ମଧ୍ୟରେ ଏହି ଅଦ୍ଭୁତ ପରମ୍ପରା ଶତାବ୍ଦୀ ଧରି ଚାଲିଆସୁଛି। ଗୌରିଆ ଜନଜାତିର ଲୋକମାନେ ନିଜ ଝିଅକୁ ବିବାହ କରିବା ପରେ ଜ୍ୱାଇଁକୁ ୨୧ ଟି ବିଷାକ୍ତ ସାପ ଯୌତୁକରେ ଦିଅନ୍ତି। ଏହି ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଏକ ବିଶ୍ୱାସ ଅଛି ଯେ ଗୋଟିଏ ଝିଅର ବିବାହରେ ସାପ ଦେବା ଦ୍ୱାରା ସ୍ୱାମୀ-ସ୍ତ୍ରୀ ମଧ୍ୟରେ ସମ୍ପର୍କକୁ ମଜବୁତ କରିଥାଏ। ସେହି ସମୟରେ, ଯଦି ଆପଣ ଏହା ନକରନ୍ତି ଅର୍ଥାତ୍ ଯଦି ଯୌତୁକରେ ବିଷାକ୍ତ ସାପ ନଦିଅନ୍ତି, ତେବେ ବର-କନ୍ୟାଙ୍କ ମଧ୍ୟରେ ଭାଙ୍ଗିଯାଏ। ସ୍ଥାନୀୟ ଲୋକ କୁହନ୍ତି ଯେ ଝିଅର ବିବାହ ସ୍ଥିର ହେବା ପରେ ସମ୍ପ୍ରଦାୟରେ ଝିଅର ପିତା ଯୌତୁକ ଦେବା ପାଇଁ ସାପ ଧରିବା ଆରମ୍ଭ କରନ୍ତି। ଆପଣ ମଧ୍ୟ ଗୌରିଆ ଜନଜାତିର ଲୋକଙ୍କ ଘରେ ବିଷାକ୍ତ ସାପ ସହିତ ଖେଳୁଥିବା ପିଲାମାନଙ୍କୁ ଦେଖିବାକୁ ପାଇବେ। ସୂଚନା ଥାଉକି, ଗୌରିଆ ସମ୍ପ୍ରଦାୟର ଲୋକମାନଙ୍କର ମୁଖ୍ୟ ବୃତ୍ତି ହେଉଛି ସାପ ପୋଷିବା ସହିତ ଖେଳ ପ୍ରଦର୍ଶନ କରି ପରିବାର ପ୍ରତିପୋଷଣ କରିବା। କୁହାଯାଏ ଯେ ଯଦି ସାପଟି ସେମାନଙ୍କ ବାକ୍ସରେ ମରିଯାଏ, ତେବେ ସମଗ୍ର ପରିବାରକୁ କେଶ ଉପାଡ଼ିବାକୁ ପଡ଼ିବ। ଏହା ସହିତ, ଏହି ସମ୍ପ୍ରଦାୟର ସମସ୍ତ ଲୋକଙ୍କୁ ଏକ ଭୋଜି ଦେବାକୁ ପଡ଼ିବ। ତେବେ ଏ ଘଟଣା ଏବେ ନୁହେଁ କାହିଁ କେଉଁ ଦିନରୁ ଏହି ପରମ୍ପରା ମଧ୍ୟପ୍ରଦେଶର ଗୌରିଆ ଦମ୍ପ୍ରଦାୟରେ ଚାଲି ଆସିଛି।




# ଫେସ୍‌ବୁକ୍‌ରେ ୧.୮ କୋଟି ଟଙ୍କାର ଚାକିରି ଅଫର



କୋଲକାତାର ଯାଦବପୁର ୟୁନିଭରସିଟିର ଜଣେ ଛାତ୍ର ଫେସ୍‌ବୁକ୍‌ରେ ବାର୍ଷିକ ପ୍ୟାକେଜ୍ ୧.୮ କୋଟି ଟଙ୍କାର ଚାକିରି ଅଫର ପାଇ ଏବେ ଚର୍ଚ୍ଚା ପାଲଟିଛନ୍ତି। ଫେସ୍‌ବୁକ୍ ପୂର୍ବରୁ ତାଙ୍କୁ ଗୁଗୁଲ୍ ଓ ଆମାଜନ୍‌ରୁ ଚାକିରି ଅଫର ମିଳିଥିଲେ ବି ସେ ତାହାକୁ ଗ୍ରହଣ ନକରି ଫେସ୍‌ବୁକ୍‌ରେ ଚାକିରି କରିବାର ନିଷ୍ପତ୍ତି ନେଇଥିଲେ। ୟୁନିଭରସିଟିରେ ଚଳିତବର୍ଷ ଯେତେ ଜଣ ଛାତ୍ର ପଢୁଥିଲେ ସମସ୍ତଙ୍କଠାରୁ ଅଧିକ ଦରମାରେ ଚାକିରି ଅଫର ପାଇଛନ୍ତି ଏହି ଯୁବକ। ଏହି ଯୁବକଙ୍କ ନାମ ବିଶାଖ ମୋଣ୍ଡଲ୍। ତାଙ୍କୁ ଗୁଗୁଲ୍ ଓ ଆମାଜନ୍‌ରୁ ଚାକିରି ଅଫର ମିଳିଥିଲେ ବି ଅଧିକ ଦରମା ହେତୁ ସେ ଫେସ୍‌ବୁକ୍‌କୁ ଚୟନ କରିଥିବା ଜାଣିବାକୁ ମିଳିଛି। ସେ ଆସନ୍ତା ସେପ୍ଟେମ୍ବର ମାସରୁ ବିଧିବଦ୍ଧ ଭାବେ ଫେସ୍‌ବୁକ୍‌ରେ ଜଣେ କର୍ମଚାରୀ ଭାବେ ଯୋଗ ଦେବେ। ବିଶାଖ ହେଉଛନ୍ତି ୟୁନିଭରସିଟିର କମ୍ପ୍ୟୁଟର ସାଇନ୍ସ ଆଣ୍ଡ୍ ଇଞ୍ଜିନିୟରିଂର ଚତୁର୍ଥ ବର୍ଷର ଛାତ୍ର। ବିଶାଖ ଲଣ୍ଡନରେ ଚାକିରି କରିବେ। ଆସନ୍ତା ସେପ୍ଟେମ୍ବରରେ ସେ ଲଣ୍ଡନ ଯିବେ ବୋଲି ସ୍ଥିର ହୋଇଛି। ସେ ସାକ୍ଷାତ୍‌କାର ଦେଇ କହିଛନ୍ତି, 'ମଙ୍ଗଳବାର ରାତିରେ ମୋତେ ଏହି ଚାକିରି ଅଫର ମିଳିଛି। ୨ ବର୍ଷ ହେଲା କରୋନା ପାଇଁ ଲାଗୁ ହୋଇଥିବା ଲକ୍‌ଡାଉନ୍ ସମୟରେ ମୁଁ ବିଭିନ୍ନ ସଂସ୍ଥାରେ ଇଣ୍ଟର୍ଣ୍ଣ ଭାବେ କାମ କରିଛି। ତାହାହିଁ ମୋତେ ଇଣ୍ଟରଭିୟୁ ପାସ୍ କରିବାକୁ ସାହାଯ୍ୟ କଲା।' ତାଙ୍କ ମାଆ ଜଣେ ଅଙ୍ଗନବାଡ଼ୀ କର୍ମୀ ହୋଇଥିବା ବେଳେ ସେ କହିଛନ୍ତି କି, ବିଶାଖ ପିଲାଟି ଦିନରୁ ହିଁ ପାଠ ପଢ଼ାରେ ଖୁବ୍ ଭଲ।

# ମୃତ ବ୍ୟକ୍ତିଙ୍କ ସ୍ୱରରେ କଥା ହେବ ଆଲେକ୍ସା



ଟେକ୍ନୋଲୋଜି ଦିନକୁ ଦିନ ଉତ୍ତମ ହେଉଛି। ଗୁଗଲ ଭଏସ୍ ଆସିଷ୍ଟାଣ୍ଟ ଏବଂ ଆଲେକ୍ସା ଏହାର ଜ୍ୱଳନ୍ତ ଉଦାହରଣ। ଅନେକ ବର୍ଷ ପୂର୍ବରୁ ଫିଲ୍ମରେ ଏହିଭଳି ଏହାର ଉଲ୍ଲେଖ ରହିଛି। ସେବେ ଲୋକମାନେ ଚିନ୍ତା କରୁଥିଲେ କି ରିୟଲ ଲାଇଫରେ ଏମିତି ଟେକ୍ନୋଲୋଜି କଣ ସତରେ ଆସିବ? କିନ୍ତୁ ଏହିଭଳି ଟେକ୍ନୋଲୋଜି ଏବେ ଆମେ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଛନ୍ତି। ଏମିତି ଏକ ବିକଶିତ ଫିଚର ଆମାଜନ ଆଲେକ୍ସାରେ ଦେଖିବାକୁ ମିଳିବ। ରିପୋର୍ଟ ଅନୁସାରେ କମ୍ପାନୀ ଏକ ନୂଆ ଫିଚର ଉପରେ କାମ କରୁଛି। ଏହି ଫିଚର ସାହାଯ୍ୟରେ ଆଲେକ୍ସା କୌଣସି ମୃତ ବ୍ୟକ୍ତିଙ୍କ ସ୍ୱରରେ ଆପଣଙ୍କ ସହ କଥାବାର୍ତ୍ତା ହେବ। ଯାହାର କୌଣସି ନିଜ ଲୋକ ତାଙ୍କୁ ଛାଡି ଆରପାରିକୁ ଚାଲିଯାଇଛନ୍ତି ସେମାନେ ସେହି ଦୁଃଖ ଜାଣିଛନ୍ତି। ସେମାନଙ୍କ କଥା ସବୁବେଳେ ମନେ ପଡେ। ଆଉ ସେହି ସ୍ୱର ଶୁଣିବାକୁ ମିଳେନି । କିନ୍ତୁ ଏହି ଦୁଃଖ ଏବେ ଦୂର କରିବ ଆଲେକ୍ସା। ଏନେଇ ସୂଚନା ଦେଇଛନ୍ତି କମ୍ପାନୀର ସିନିୟର ଭାଇସ ପ୍ରେସିଡେଣ୍ଟ ରୋହିତ ପ୍ରସାଦ। ରୋହିତ କହିଛନ୍ତି କି ଲୋକଙ୍କ ସ୍ମୃତିକୁ ବଜାୟ ରଖିବା ପାଇଁ ସେ ଏହି ଫିଚର ଉପରେ କାମ କରୁଛନ୍ତି। ଏହା ଲୋକଙ୍କୁ ହରାଇବାର ଦୁଃଖ କମ୍ କରିବ। ସେ ଏହାର ଏକ ଡେମୋ ମଧ୍ୟ ଦେଖାଇଛନ୍ତି। ରୋହିତ ଏକ ଭିଡିଓ ପ୍ଲେ କରିଛନ୍ତି ଯେଉଁଥିରେ ଆଲେକ୍ସା ମଣିଷ ଭଳି କଥା କହୁଛି । ତେବେ ଏହି ଫିଚର କେବେ ରିଲିଜ ହେବ ସେନେଇ କିଛି ସୂଚନା ମିଳିନି। ତେବେ ଏଥିରେ ସିକ୍ୟୋରିଟି ସୁବିଧା ମଧ୍ୟ ରହିବ। ଅର୍ଥାତ୍ କୌଣସି ସେଲିବ୍ରିଟିଙ୍କ ସ୍ୱର ବ୍ୟବହାର କରିବା ପାଇଁ ତାଙ୍କ ଅନୁମତି ଦରକାର ପଡିପାରେ।

# ଅନ୍‌ଲାଇନ୍ ବ୍ଲଗିଂ କରି କୋଟିପତି



ବିହାରର ଛାପ୍ରା ଜିଲ୍ଲାର ବନସୋହି ଗ୍ରାମର ଜଣେ ଯୁବକଙ୍କ କହିବାନୁଯାୟୀ ସେ ଅନ୍‌ଲାଇନ୍ ବ୍ଲଗିଂ କରି କୋଟିପତି ବନି ପାରିଛନ୍ତି। ଯୁବକ ଜଣକ ହେଉଛନ୍ତି ବିକାଶ କୁମାର। ନିକଟରେ ଏକ ସାକ୍ଷାତ୍‌କାରରେ ବିକାଶ କହିଛନ୍ତି ଯେ ସେ ଏକ ବ୍ଲଗିଂ ୱେବ୍‌ସାଇଟ୍ ତିଆରି କରି ତାହାକୁ ବିକ୍ରି କରିବା ପରେ କୋଟିପତି ହୋଇପାରିଛନ୍ତି। ତାଙ୍କ କହିବା କଥା ହେଉଛି ୨୫ ବର୍ଷ ବୟସ ହେବା ପୂର୍ବରୁ ହିଁ ସେ ଜଣେ କୋଟିପତି ବନି ପାରିଛନ୍ତି। ଏବେ ବି ସେ କିଛି ବ୍ଲଗ୍ ଉପରେ କାମ କରୁଛନ୍ତି। ଏହାଛଡ଼ା ସେ ଆପ୍ ଡେଭ୍‌ଲପ୍ ବି କରୁଛନ୍ତି। ବିଟେକ୍ କରିବା ପରେ ଆଜି ପର୍ଯ୍ୟନ୍ତ ସେ କୌଣସି ପ୍ରକାରର ଚାକିରି କରିନାହାନ୍ତି। ହେଲେ ବି ଖୁବ୍ କମ୍ ବୟସ ମଧ୍ୟରେ ସେ ଜଣେ କୋଟିପତି ବନି ନିଜ ଦକ୍ଷତାର ପରିଚୟ ଦେଇ ସାରିଛନ୍ତି। ସେ ଆଗକୁ ଚାକିରି କରିବେ ବୋଲି ତାଙ୍କ ସାକ୍ଷାତ୍‌କାରରେ କହିଛନ୍ତି। ତାଙ୍କ ପରିବାରର ଆର୍ଥିକ ସ୍ଥିତି ସେତେ ଭଲ ନଥିଲା। ମାତ୍ର ତାଙ୍କ ବ୍ଲଗିଂ କରିବା ଦକ୍ଷତା ତାଙ୍କ ଅବସ୍ଥାକୁ ସୁଧାରିବାରେ ସହାୟକ ହୋଇଛି। ସେ ଏବେ ତାଙ୍କ ଗାଁରେ ଏକ ସୁନ୍ଦର ଘରଟିଏ ବି କରି ସାରିଛନ୍ତି। ବିଟେକ୍ ତୃତୀୟ ସେମିଷ୍ଟାରରୁ ହିଁ ସେ ଆର୍ଟିକିଲ୍ ଲେଖି ଟଙ୍କା ରୋଜଗାର କରିବା ଆରମ୍ଭ କରି ଦେଇଥିଲେ। ଯେଉଁଥିରେ ତାଙ୍କ ହାତ ଖର୍ଚ୍ଚ ଉଠି ଯାଉଥିଲା। ସେ ପାଠ ପଢ଼ିବା ପାଇଁ ଋଣ କରିଥିଲେ। ପାଠ ପଢ଼ିବା ବେଳେ ଋଣ ଚିନ୍ତା ସବୁବେଳେ ତାଙ୍କ ମୁଣ୍ଡରେ ରହୁଥିଲା। ମାତ୍ର ତାଙ୍କର ଏହି ଅନ୍‌ଲାଇନ୍ କାର୍ଯ୍ୟ ସେ ସବୁ ଚିନ୍ତାକୁ ଦୂର କରିଦେଲା।

# ଖୁବ୍ ଶୀଘ୍ର ଡେଲାଙ୍ଗ ଜଳାଭାବ ଜନିତ କୃଷି ସମସ୍ୟାର ସମାଧାନ, ନିର୍ମାଣ ହେବ ଚେକ୍ ଡ୍ୟାମ

ପିପିଲି,୧୭/୪: ପୁରୀ ଜିଲାର ଡେଲାଙ୍ଗ ବ୍ଲକ ଅଞ୍ଚଳରେ ଜଳାଭାବ ଜନିତ କୃଷି ସମସ୍ୟାର ସମାଧାନ ହେବାକୁ ଯାଉଛି । ଏଥିପାଇଁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ ଭୁବନେଶ୍ୱର ସ୍ଥିତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ଆଇଆଇଡବ୍ଲ୍ୟୁଏମ୍) ପକ୍ଷରୁ ବ୍ୟାପକ ଯୋଜନା ପ୍ରସ୍ତୁତ କରାଯାଇଛି । ଡେଲାଙ୍ଗ ଦେଇ ପ୍ରବାହିତ ଲୁଣା ନଦୀ ଓ ତାକୁ ସଂଯୋଗ କରୁଥିବା ଡ୍ରେନେଜ୍‌ରେ ୪ଟି ରବର ଚେକ୍ ଡ୍ୟାମ୍ ନିର୍ମାଣ କରାଯିବ । ଫଳରେ ସେଠାରେ ଏକ ନିର୍ଦ୍ଦିଷ୍ଟ ଉଚ୍ଚତାରେ ଜଳକୁ ଅଟକାଇ ରଖାଯାଇ ତାହାକୁ କୃଷି କାର୍ଯ୍ୟରେ ବିନିଯୋଗ କରାଯିବ । ଏଥିଯୋଗୁଁ ୫ହଜାରରୁ ଉର୍ଦ୍ଧ୍ୱ ଏକର ଜମି ଜଳସେଚିତ ହେବା ସହ ଶସ୍ୟଶ୍ୟାମଳ ହୋଇପାରିବ । ବିଶେଷକରି ଖରାଟିଆ ଚାଷରେ ଏହି ଜଳକୁ ବ୍ୟବହାର କରାଯିବା ସହ ଜଳକୃଷିରେ ମଧ ବ୍ୟବହାର କରାଯିବ । ଫଳରେ ଡେଲାଙ୍ଗ ଅଞ୍ଚଳର କୃଷକଙ୍କ ଜୀବିକାରେ ଉନ୍ନତି ଘଟିବ । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆଇଆଇଡବ୍ଲ୍ୟୁଏମ୍ ର ବୈଜ୍ଞାନିକ ଓ ବିଶେଷଜ୍ଞଙ୍କ ସମେତ ଆଇ.ସି.ଆଇ.ସି.ଆଇ ଫାଉଣ୍ଡେସନର କର୍ମକର୍ତ୍ତାମାନେ ଡେଲାଙ୍ଗ ଅଞ୍ଚଳ ପରିଦର୍ଶନ କରିବା ପରେ ଏହି ଆଶା ଏବେ ଉଜ୍ଜ୍ୱଳ ହୋଇଛି । ପୁରୀ ଜିଲାର ପିପିଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେଲାଙ୍ଗ ଅଞ୍ଚଳର ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଭୁବନେଶ୍ୱର ସ୍ଥିତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ଆଇଆଇଡବ୍ଲ୍ୟୁଏମ୍) ଠାରେ ଗତବର୍ଷ ନଭେମ୍ବର ୨୩ ତାରିଖରେ ଅନୁଷ୍ଠିତ କର୍ମଶାଳାରେ ଆଇଆଇଡବ୍ଲ୍ୟୁଏମ ପକ୍ଷରୁ ଷ୍ଟାଟସ ରିପୋର୍ଟ ପ୍ରକାଶ କରାଯାଇଥିଲା । ଯେଉଁଥିରେ ଦୟାନଦୀର ମାଧିପୁର ନିର୍ଗତ ବନ୍ୟାଜଳ ଯୋଗୁଁ ପିପିଲି ଓ ଡେଲାଙ୍ଗ ବ୍ଲକର ବନ୍ୟା ପ୍ରଭାବିତ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନର ସୂତ୍ର, ଗ୍ରୀଷ୍ମଋତୁରେ ଜଳାଭାବ ଜନିତ କୃଷି ସମସ୍ୟାର ସମାଧାନ, ଡେଲାଙ୍ଗ ଅଞ୍ଚଳର କୃଷକଙ୍କ ଜୀବିକାର ଉନ୍ନତି, ବନ୍ୟାଜଳ ନିୟନ୍ତ୍ରଣ ପାଇଁ ବିଭିନ୍ନ ପଦକ୍ଷେପ ସଂପର୍କରେ ଆଲୋକପାତ କରାଯାଇଥିଲା । ଦୟାନଦୀର ମାଧିପୁର କାଜରୁ ନିଷ୍କାସିତ ହେଉଥିବା ବନ୍ୟାଜଳର ସୁପରିଚାଳନା ହେଉନଥିବାରୁ ଡେଲାଙ୍ଗ ଓ ପିପିଲି ଅଞ୍ଚଳରେ ମୁଖ୍ୟତଃ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଡେଲାଙ୍ଗ ବ୍ଲକର ୧୫ଟି ପଞ୍ଚାୟତ ଜଳବନ୍ଦୀ ହୋଇ ପ୍ରାୟ ଅଢେଇ ଲକ୍ଷ ଲୋକ ପ୍ରଭାବିତ ହେଉଛନ୍ତି । ଜଳ ନିଷ୍କାସନ ଅଭାବରୁ ଅଧିକାଂଶ ଧାନ ଜମିରେ ରାଜକଇଁ ଫୁଟୁଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର ପରାମର୍ଶ ଦେବାସହ ବନ୍ୟାଜଳ ନିୟନ୍ତ୍ରଣ ପାଇଁ ଦୟାନଦୀର ମାଧିପୁର ଓ କାଜର ସୁଦୃଢିକରଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଆଇଆଇଡବ୍ଲ୍ୟୁଏମ ପକ୍ଷରୁ ପ୍ରକାଶିତ ଷ୍ଟାଟସ ରିପୋର୍ଟ ଉପରେ ଡିପିଆର ପ୍ରସ୍ତୁତ କରି ତାହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ସହ ଗ୍ରୀଷ୍ମଋତୁରେ ଡେଲାଙ୍ଗ ଅଞ୍ଚଳରେ ଜଳାଭାବ ଜନିତ କୃଷି ସମସ୍ୟାର ସମାଧାନ କରିବାକୁ ପିପିଲି ବିଧାୟକ ଆଶ୍ରୀତ ପଟ୍ଟନାୟକ ବିଭାଗୀୟ ଅଧିକାରୀଙ୍କୁ ସେଠାରେ ପ୍ରସ୍ତାବ ଦେଇଥିଲେ । ବର୍ଷାଦିନେ ଡେଲାଙ୍ଗ ଅଞ୍ଚଳରେ ବନ୍ୟାଯୋଗୁଁ ଜଳବନ୍ଦୀ ଅଞ୍ଚଳରେ ଯେଭଳି ଭାବେ ଭୟଙ୍କର କୃଷି ସମସ୍ୟା ସୃଷ୍ଟି ହେଉଛି ଗ୍ରୀଷ୍ମଋତୁରେ ମଧ



ଜଳ ଅଭାବରୁ କୃଷିକାର୍ଯ୍ୟ ସମ୍ଭବ ହୋଇପାରୁନାହିଁ । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ଆଇଆଇଡବ୍ଲ୍ୟୁଏମ୍) ପକ୍ଷରୁ ବ୍ୟାପକ ଯୋଜନା ପ୍ରସ୍ତୁତ କରାଯାଇଛି । ଇତିମଧ୍ୟରେ ପିପିଲି ସାଂସ୍କୃତିକ ପରିଷଦ ସହଯୋଗରେ ଆଇଆଇଡବ୍ଲ୍ୟୁଏମ ର ପ୍ରମୁଖ ବୈଜ୍ଞାନିକ ଡ଼ଃ ସଚ୍ଚିନକାନ୍ତ ରାଉତରାୟଙ୍କ ନେତୃତ୍ୱରେ ସଂସ୍ଥାର ବିଶେଷଜ୍ଞଙ୍କ ସମେତ ଆଇ.ସି.ଆଇ.ସି.ଆଇ ଫାଉଣ୍ଡେସନର ପ୍ରୋଜେକ୍ଟ ମ୍ୟାନେଜର ଗୌରୀଶଙ୍କର ପାଢୀ, ରାଜୀବ କୁମାର ମହାନ୍ତ ପ୍ରମୁଖ ଡେଲାଙ୍ଗ ଅଞ୍ଚଳ ପରିଦର୍ଶନ କରିବା ସହ ସେଠାକାର ଜଳାଭାବ ଜନିତ କୃଷି ସମସ୍ୟାକୁ ଅନୁଧ୍ୟାନ କରିଥିଲେ । ହସନପୁର ଠାରୁ ଡେଲାଙ୍ଗ ଲୁଣାନଦୀରେ ମିଶିଥିବା ଡ୍ରେନେଜ୍ ଉପରେ ୩ଟି ରବର ଚେକ୍ ଡ୍ୟାମ ନିର୍ମାଣ କରାଯିବାକୁ ପ୍ରାଥମିକ ସ୍ତରରେ ନିଷ୍ପତ୍ତି ନିଆଯାଇଥିଲା । ଗଞ୍ଜେଇଗୋରଡି ଠାରୁ ପଟନପୁର ଯାଇଥିବା ଡ୍ରେନେଜ୍ ଉପରେ ସୃଜନପୁର ପଞ୍ଚାୟତର ପଟନପୁର ଠାରେ ଗୋଟିଏ, ରତନପୁର ଠାରେ ଗୋଟିଏ ଓ ହସନପୁର ଠାରୁ ଡେଲାଙ୍ଗ ଯାଇଥିବା ଡ୍ରେନେଜ୍ ଉପରେ ଅରିଶଲ ପଞ୍ଚାୟତର ନାରପୁର ଠାରେ ଆଉ ଗୋଟିଏ ରବର ଚେକ୍ ଡ୍ୟାମ୍ ନିର୍ମାଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏହା ଫଳରେ ବର୍ଷାଋତୁ ପରେ ସେଠାରେ ଜଳକୁ ସଂରକ୍ଷଣ କରି ରଖାଯିବା ସହ ଖରାଦିନେ ତାହାକୁ କୃଷି କାର୍ଯ୍ୟରେ ବିନିଯୋଗ କରାଯିବ । ଯାହାଫଳରେ ୧ହଜାରରୁ ଉର୍ଦ୍ଧ୍ୱ ଏକର ଜମିରେ ଖରାଟିଆ ଧାନଚାଷ ଓ ପନିପରିବା ଚାଷ କରାଯାଇପାରିବ ବୋଲି ସୂଚନା ମିଳିଛି । ଏଥିସହ ଉକ୍ତ ଡ୍ରେନେଜ୍ ତଟବର୍ତ୍ତୀ ଅଞ୍ଚଳରେ ଥିବା ସରକାରୀ ଜମିରେ ଏକାଧିକ ବୃହତ ପୁଷ୍କରିଣୀ ଖନନ କରାଯାଇ ସେଠାରେ ଅଞ୍ଚଳବାସୀଙ୍କ ସହଯୋଗରେ ଜଳକୃଷି ସମେତ ସମନ୍ୱିତ କୃଷି କରାଯିବ । ଯାହାଫଳରେ ସେଠାକାର ଚାଷୀଙ୍କର ଆର୍ଥୀକ ଉନ୍ନତି ଘଟିବ । ଆଗ୍ରହୀ ଥିବା ଚାଷୀଙ୍କ ଜମିରେ ମଧ ପୁଷ୍କରିଣୀ ଖନନ କରାଯାଇ ସେଠାରେ ଜଳକୃଷି ସହ ସମନ୍ୱିତ କୃଷି କରାଯିବ । ଏଥିସହ ଲୁଣାନଦୀର ନିମ୍ନ ଅବବାହିକାରେ ମଧ ଏକ ରବର ଚେକ୍ ଡ୍ୟାମ ନିର୍ମାଣ କରାଯିବା ପାଇଁ ପ୍ରସ୍ତାବ ରହିଛି । ଯାହାଫଳରେ ୪ହଜାରରୁ ଉର୍ଦ୍ଧ୍ୱ ଏକର ଚାଷଜମିରେ ଖରାଦିନେ କୃଷିକାର୍ଯ୍ୟ ସମ୍ଭବ ହୋଇପାରିବ । ବିଭିନ୍ନ ପର୍ଯ୍ୟାୟରେ ଏହିସବୁ ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ଡ଼ଃ ରାଉତରାୟ ସୂଚନା ଦେଇଛନ୍ତି । ଏଥିପାଇଁ ୫କୋଟିରୁ ଉର୍ଦ୍ଧ୍ୱ ଅର୍ଥ ବ୍ୟୟ ହେବ ବୋଲି ସୂଚନା ମିଳିଛି । ଆଇଆଇଡବ୍ଲ୍ୟୁଏମ୍ ପକ୍ଷରୁ ପ୍ରୋଜେକ୍ଟ ରିପୋର୍ଟ ପ୍ରଦାନ କରାଯିବା ପରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ଉପରେ ନିଷ୍ପତ୍ତି ନିଆଯିବ ବୋଲି ଆଇ.ସି.ଆଇ.ସି.ଆଇ ଫାଉଣ୍ଡେସନର ପ୍ରୋଜେକ୍ଟ ମ୍ୟାନେଜର ଶ୍ରୀପାଢୀ ସୂଚନା ଦେଇଛନ୍ତି । ଏହି ପରିଦର୍ଶନ ସମୟରେ ଡ୍ରେନେଜ୍ ବିଭାଗର ଯନ୍ତ୍ରୀ ବିଜୟ କୁମାର ସିଂହ, ପିପିଲି ସାଂସ୍କୃତିକ ପରିଷଦର ସାଧାରଣ ସଂପାଦକ ତଥା ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ରମେଶ ଚନ୍ଦ୍ର ମହାପାତ୍ର, ଉପସଭାପତି ଦୀନବନ୍ଧୁ ବେହୁରା, ଅବସରପ୍ରାପ୍ତ ଶିକ୍ଷାବିତ୍ ଶତ୍ରୁଘ୍ନ ପ୍ରଧାନଙ୍କ ସମେତ ସ୍ଥାନୀୟ ଅଞ୍ଚଳର କୃଷକମାନେ ଉପସ୍ଥିତ ଥିଲେ ।

## କାହା ସ୍ୱାର୍ଥରେ ଭଙ୍ଗା ଦଦରା ପାଚେରୀ କାନ୍ଥରେ ଅତାବିରା ମଡେଲ ମାର୍କେଟ ନିର୍ମାଣ

ବରଗଡ଼ **୧୭/୪(ନି.ପ୍ର):** ଓଡ଼ିଶାର ଭାତହାଣ୍ଡି ଭାବେ ବେଶ୍ ପରିଚିତ ବରଗଡ଼ ଜିଲ୍ଲା ।ଏହି ଜିଲ୍ଲା ଦେଇ ୫୩ନଂ ମୁଖ୍ୟ ଜାତୀୟ ରାଜପଥ ଭେଦ କରି ଯାଇଥିବା ବେଳେ ରାଜରାସ୍ତା ଉପରେ ରହିଥିବା ଅତାବିରା ଆର୍ ଏମ ସି ମୁଖ୍ୟ କାର୍ଯ୍ୟାଳୟ ଅଧୀନରେ ରହିଥିବା ମଣ୍ଡି ତଥା ଧାନ ବିକ୍ରୟ କେନ୍ଦ୍ର ମାନଙ୍କରେ ଚାଷ ଓ ଚାଷୀଙ୍କ ନାଁ ରେ ମଣ୍ଡି ବ୍ୟବସ୍ଥା ସହ ମଣ୍ଡି ର ଭିତ୍ତି ଭୂମି ସଜାଡିବାକୁ ଯାଇ କୋଟି କୋଟି ଟଙ୍କା ଅନୁଦାନ ରେ କୋଠାବାଡ଼ି,ଅଫିସ୍ ଗୃହ,ଦୋକାନ ଗୃହ,ଶୌଚା ଳୟ ଭଳି ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ହାତକୁ ନେଇ ବଡ ବଡ ଦକ୍ଷ ଅଧିକାରୀ ମାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ଜାରି ରହିଥିବା ବେଳେ ଦୁର୍ନୀତି ର ଗନ୍ତାଘର ସାଜିଥିବା ଆରଏମସି କେଉଁଠି ଦୀର୍ଘ ବର୍ଷ ଧରି ଭୁଶୁଡ଼ି ଯାଇ ଅସ୍ତିତ୍ୱ ହରାଇ ବସିଥିବା କାନ୍ଥ ଓ ଗୋଦାମ ଗୃହ ର ଚୋପା ଛଡ଼ାଇ ସେଥିରେ ନୂଆଁ ପ୍ଲାଷ୍ଟର ଦେଇ କାର୍ଯ୍ୟ ହୋଇଥିବା ବେଳେ କିଛି ସ୍ଥାନରେ ପୁରୁଣା ନାଲି ଇଟା,ବାଲି,ଗୋଡ଼ି ତଥା ଅଳିଆ ଆବର୍ଜନା ରେ ମଡେଲ ମାର୍କେଟ ର ରୂପ ରଙ୍ଗ ବଦଳି କରଣ ହେଉଛି ।ଯାହାର କିଞ୍ଚିତ ଉଦାହରଣ ସ୍ୱରୂପ କଲେଜ୍ କୁ ଲାଗି ରହିଥିବା ଅତାବିରା ଆରଏମସି ମୁଖ୍ୟ କାର୍ଯ୍ୟାଳୟ ର ମୁଖ୍ୟ ଫାଟକ ଦେଇ ପ୍ରବେଶ ସମୟ ରେ ବାମ ପାର୍ଶ୍ୱରେ କଲେଜ୍ ଛାତ୍ରୀ ନିବାସ(ହଷ୍ଟେଲ) ଓ ଆରଏମସି ମଝିରେ ଆବାହମ କାଳରୁ ବିପଦ କୁ ଆମନ୍ତ୍ରଣ କରୁଥିବା ବିନା ପିଲର ରେ ତିଆରି ଉଚ୍ଚତମ ଭଙ୍ଗା ଦଦରା କାନ୍ଥ ଉପରେ ସମବାୟ ମନ୍ତ୍ରୀ ଙ୍କ କମ୍ପ୍ଲେକ୍ସ ଉଦଘାଟନ ଆଳରେ ଗେରୁ ରଙ୍ଗ ମାରି ଦେଇ ତାରି ଉପରେ ପୁଣି କାନ୍ଥ ଯୋଡ଼ି ଛାତ ପକାଇ ଶୌଚାଳୟ ତିଆରି ଚାଲିଥିବା ବେଳେ କଲେଜ୍ ଛାତ୍ରୀ ନିବାସ ରେ ରହି ଆସୁ ଥିବା ଛାତ୍ରୀ ମାନେ ସୁରକ୍ଷିତ ମଣୁ ନାହାନ୍ତି ।ଯାହା ପୂର୍ବରୁ ମଧ ଏହି କାନ୍ଥ କଲେଜ୍ ଛାତ୍ରୀ ନିବାସ ଉପରେ ପଡ଼ି ଛାତ୍ରୀ ନିବାସ ର ଝରକା ଗ୍ଲାସ୍ ଭାଙ୍ଗି ଯାଇ ଛାତ୍ରୀ ମାନେ ଅଳ୍ପକେ ବର୍ତ୍ତି ଯାଇ ଥୋକେ ଛାତ୍ରୀ ନିବାସ ଛାଡ଼ି ଦେଇଥିଲେ ।ଅନ୍ୟ ପଟେ ବହୁ ପୁରୁଣା ପାଚେରୀ କାନ୍ଥରେ କିଭଳି ଭାବେ ରଙ୍ଗ ବୋଲି ଭଙ୍ଗା ଦଦରା କାନ୍ଥ କୁ ସଜାଡି ମଡେଲ ମାର୍କେଟ ର ରୂପ ଦିଆଯାଉଛି ତାହା କେବଳ ଦାୟିତ୍ୱରେ ଥିବା ଅଧିକାରୀ ଓ ସରକାରୀଆ ବାବୁ ମାନଙ୍କୁ ଜଣା ।ଏନେଇ ଦାୟିତ୍ୱରେ ଥିବା ଜେଇ ମାନସ ସାମଲ ଙ୍କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରି ପ୍ରତି ଉତ୍ତର ସ୍ୱରୂପ ନାଁ ନାଁ ସେଇ କାନ୍ଥ ଭାଙ୍ଗି ତାକୁ ନୂଆଁ କରାଯିବ ଓ ଛାତ୍ରୀ ନିବାସ ପଟକୁ ଲୁହା ତାର ଜାଲି ଦିଆଯିବ ବୋଲି କହିଥିଲେ ।ତେବେ ଏଠି ପ୍ରଶ୍ନ ଉଠୁଛି ଯେ ଯଦି ଖୋଦ୍ ବରଗଡ଼ ଉପ ଜିଲ୍ଲାପାଳ ତଥା ଆର୍ ଏମସି ଚେୟାର ମେନ୍ ପ୍ରସନ୍ନ ପାଣ୍ଡେ ଙ୍କ ମୁଖ୍ୟ ମଡେଲ ମଣ୍ଡି ରେ ଯଦି ଏଇ ଅବସ୍ଥା ତେବେ କାର୍ଯ୍ୟାଳୟ ରୁ ଦୂର ଦୁରନ୍ତରେ ଥିବା ମଣ୍ଡି ତଥା ଧାନ ବିକ୍ରୟ କେନ୍ଦ୍ର ମାନଙ୍କ ରେ କିଭଳି କାର୍ଯ୍ୟ ହେଉଥିବା ତାହା ବେଶ୍ ଅନୁମେୟ ।ତୁରନ୍ତ ଏଦିଗରେ ଜିଲ୍ଲା ପ୍ରଶାସନ ତଥା ସରକାର ବାହାଦୁର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନଗଲେ ଦୁର୍ଘଟଣା ରୁ ଏଡାଇ ହେବ ନାହିଁ ବୋଲି ସାଧାରଣ ରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି ।



## ଅଙ୍ଗନବାଡ଼ି କର୍ମୀଙ୍କୁ ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ

କଣାସ **୧୭/୪(ନି.ପ୍ର):** ପୁରୀ ଜିଲ୍ଲା କଣାସ ବ୍ଲକ୍ ମହିଳା ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଦୋକନ୍ଦା ପଞ୍ଚାୟତ କଲ୍ୟାଣ ମଣ୍ଡପ ଠାରେ ପୋଷଣ ଭି ପଢ଼ାଇ ଭି ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଛି ।କଣାସ ବ୍ଲକ୍ ଶିଶୁ ବିକାଶ ଅଧିକାରିଣୀ ସ୍ମିତା ମହାନ୍ତି ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଏଥିରେ ମୁଖ୍ୟ ଅତିଥିଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର,ବ୍ଲକ୍ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ସ୍ୱାଇଁ ଓ ଥାନା ଅଧିକାରୀ ପ୍ରଦୀପ କୁମାର ଜୁଝାରସିଂହ ପ୍ରମୁଖ ଉପସ୍ଥିତ ଥିଲେ ।ବିଧାୟକ ଶ୍ରୀ ମିଶ୍ର ରାଷ୍ଟ୍ରୀୟ ପୋଷଣ ପକ୍ଷ ପାଳନ ଅବସରରେ ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମା' କିଶୋରୀ ବାଳିକା ଏବଂ ୬ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ପୋଷଣ ଯୁକ୍ତ ଖାଦ୍ୟର ବ୍ୟବହାର ଉପକାରିତା ଓ କୁ ପୋଷଣକୁ ରୋକିବା ସମ୍ପର୍କରେ ବିଶେଷଭାବେ ଆଲୋଚନା କରିଥିଲେ ।ବିଡ଼ିଓ ଶ୍ରୀ ସ୍ୱାଇଁ କହିଥିଲେ ବାଡ଼ି ବଗିଚାରେ ମିଳୁଥିବା ସବୁଜ ପନିପରିବା, ଶାଗ,ସଜନା ଛୁଇଁ,ଅମୃତଭଣ୍ଡା, ମାଣ୍ଡିଆ, ଗହମ ଓ ଚୁନା ମାଛ ଆଦି ପୃଷ୍ଟିକର ଓ ପୋଷଣ ଯୁକ୍ତ ଖାଦ୍ୟ ସମ୍ପର୍କରେ ଅଙ୍ଗନବାଡ଼ି କର୍ମୀଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ ।ଏହି କାର୍ଯ୍ୟକ୍ରମରେ କିଶୋରୀ ବାଳିକା ଅଙ୍ଗନବାଡ଼ି କର୍ମୀ,କ୍ଷେତ୍ର ପରିଦର୍ଷିକା ପ୍ରମୁଖ ଉପସ୍ଥିତ ରହିଥିଲେ ।



## ଠିକାଦାର ଙ୍କ ଦାଦାଗିରି ରେ ଚାଲିଚି ବରୀ ବିଦ୍ରୁପା ରାସ୍ତାକାର୍ଯ୍ୟ
## କୁମ୍ଭକର୍ଣ୍ଣ ନିଦ୍ରାରେ ପୂର୍ତ୍ତ ବିଭାଗ

ଯାଜପୁର**୧୭/୪(ନି.ପ୍ର):**ବରୀ ବ୍ଲକ ର ବରୀ ମାଉଣ୍ଡ ରୁ ବିଦ୍ରୁପା କୁ ସଂଯୋଗ କରୁଥିବା ନଦୀ ବନ୍ଧ ହେଉଚି ଏକ ପ୍ରମୁଖ ନଦୀବନ୍ଧ ।ବରୀ ରୁ କେନ୍ଦ୍ରାପଡା କୁ ଗମନା ଗମନ କ୍ଷେତ୍ରରେ ଏହି ନଦୀବନ୍ଧ ଅନେକ ଗୁରୁତ୍ୱ ବହନ କରେ ।ଆଉ ଯାହାର ପ୍ରଶସ୍ତି କରଣ କାର୍ଯ୍ୟ ପାଇଁ ସରକାର ଏବେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ।କିନ୍ତୁ ଏହି ରାସ୍ତା କାର୍ଯ୍ୟ ଆରମ୍ଭରୁ ହିଁ ଠିକାଦାର ଙ୍କ ମନମାନି ଓ ଦାଦାଗିରି ରେ ଚାଲୁଥିବାର ଦେଖିବାକୁ ମିଳୁଚି । ଆଉ କାର୍ଯ୍ୟ ଦାଇତ୍ୱ ରେ ଥିବା ପୂର୍ତ୍ତବିଭାଗ ସବୁ ଜାଣି ଶୁଣି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଚି ।ଏମିତିକି ସ୍ଥାନିଅ ଲୋକେ ଅଭିଯୋଗ କଲେ ଠିକାଦାର ଜୋର ଜବରଦସ୍ତ ଗୁଣ୍ଡା ଲଗାଇ ସେମାନଙ୍କ ମୁହଁ ବନ୍ଦ କରିବାକୁ ଚେଷ୍ଟା କରୁଚି ।ଏହି ନଦୀବନ୍ଧ ଟି ବାଲିବିଲି, ରାଜାତୋଟା, ଅନ୍ୟାସପୁର, ଭବାନୀପୁର ପ୍ରଭୃତି ଗାଁ ଦେଇ ଯାଇଥିବା ବେଳେ ବହୁ ଲୋକଙ୍କ ବ୍ୟକ୍ତିଗତ ଜମି କୁ ମାଡ଼ିବସିଛି ।ରାସ୍ତା କାର୍ଯ୍ୟ ଅଧା ରୁ ଅଧିକ ସାରିଥିଲେ ମଧ ଏ ପଯ୍ୟନ୍ତ ଜମି ଅଧିଗ୍ରହଣ ହୋଇ ନାହିଁ କି ଏ ବିଷୟରେ ଜମି ମାଲିକ ମାନଙ୍କ ସହ କୌଣସି ଆଲୋଚନା ମଧ ହୋଇନାହିଁ ।ବରଂ ରାତି ଅଧିଆ କିଛି ଭଡାଟିଆ ଗୁଣ୍ଡାଙ୍କୁ ଧରୀ ଜୋର ଜବରଦସ୍ତ ରାସ୍ତା କାର୍ଯ୍ୟ କରାଯାଉଅଛି ।କାର୍ଯ୍ୟଟି ଅତି ନିମ୍ନ ମାନର ହେଉଥିବା ବେଳେ ଏ ପଯ୍ୟନ୍ତ କୌଣସି ଜାଗାରେ ସୂଚନା ଫଳକ ମଧ ଲଗା ଜାଇ ନାହିଁ ।ଏଥି ସହିତ ନନ ଟ୍ରେଡ ସିମେଣ୍ଟ ରେ ମଧ ଢ଼ଳେଇ କାର୍ଯ୍ୟ କରାଯାଉ ଅଛି ।ଯାହାକୁ ନେଇ ଗତକାଲି ସ୍ଥାନିଅ ଲୋକେ ଠିକାଦାରଙ୍କୁ ପଚାରିବାରୁ ଉଭୟ ଙ୍କ ମଧରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା ।ଯାହାକୁ ନେଇ ଘଟଣା ବରୀ ରାମଚନ୍ଦ୍ରପୁର ଥାନାକୁ ଯାଇଥିଲା ।ଥାନା ଅଧିକାରିଣୀ ଙ୍କ ହସ୍ତକ୍ଷେପ ପରେ ଉଭୟ ପକ୍ଷକୁ ନେଇ ଏକ ଜମାନବନ୍ଦୀ ଲେଖାଯାଇଥିଲା ଯେଉଁଥିରେ ଜମି ଅଧିଗ୍ରହଣ ନହେବା ଯାଏଁ ରାସ୍ତା କାର୍ଯ୍ୟ ବନ୍ଦ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିଲା ।ତେବେ ପୂର୍ବରୁ ଏ ସମ୍ବନ୍ଧରେ ଜିଲ୍ଲାପାଳ ଙ୍କୁ ଅଭିଯୋଗ ହୋଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା ।ତେଣୁ ଠିକାଦାର ଓ ସପୂର୍ତ୍ତବିଭାଗ ର ଏଭଳି କାର୍ଯ୍ୟ କୁ ନେଇ ସ୍ଥାନିଅ ଲୋକେ ଅସନ୍ତୋଷ ଥିବାବେଳେ ଏହାର ଏକ ସ୍ଥାଇ ସମାଧାନ ପାଇଁ ପାଇଁ ଦାବୀ କରିଛନ୍ତି ।



## ଦୁର୍ଘଟଣାରେ ୩ ଆହତ

ହିଞ୍ଜିଳିକାଟୁ **୧୭/୪(ନି.ପ୍ର):** ଲି ୮୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ଜଳସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ଦୁର୍ଘଟଣା ଘଟି ୩ ଜଣ ଆହତ ହୋଇଛନ୍ତି। ଆହତ ମାନେ ହେଲେ ଅଟୋ ଚାଳକ ହିଞ୍ଜିଳି ଥାନା ପୋଚିଲିମା ଗ୍ରାମର ସନ୍ତୋଷ ଦାସ (୨୬), ସାଥି ରଞ୍ଜନ ଦାସ (୨୯) ଓ ସ୍କୁଟି ଚାଳକ ଗୋଳନ୍ଥରା ଗ୍ରାମର ଟୁନା ମହାନ୍ତି (୩୨) । ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସନ୍ତୋଷ ଓ ରଞ୍ଜନଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ଜବତ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି। ଖବର ଲେଖା ହେବା ସୁଦ୍ଧା ଘଟଣା ନେଇ ହିଞ୍ଜିଳି ଥାନାରେ ଅଭିଯୋଗ ହୋଇନଥିବା ଥାନା ସୂତ୍ରରୁ ପ୍ରକାଶ। ବୁଧବାର ଅପରାହ୍ଣରେ ପୋଚିଲିମା ଠାରୁ ଏକ ମାଲ ପରିବହନକାରୀ ଅଟୋ ହିଞ୍ଜିଳିକାଟୁ ଅଭିମୁଖେ ଆସୁଥିଲା। ଅଟୋ ପଛପଟୁ ଆସୁଥିବା ଏକ ସ୍କୁଟି () ଅଟୋକୁ ଅତିକ୍ରମ କରୁଥିବା ବେଳେ ହଠାତ୍ ଅଟୋଟି ଦକ୍ଷିଣ ଭାଗକୁ ବୁଲା ଦେବାରୁ ଅଟୋ ପ୍ରାର୍ଶ ସହ ସ୍କୁଟି ଧକ୍କା ଘଟିଥିଲା।

## ଭୁବନେଶ୍ୱରରେ ବ୍ୟାପିଛି ଝାଡ଼ାବାନ୍ତି ଆକ୍ରାନ୍ତ ସଂଖ୍ୟା ୧୪୦ରୁ ଅଧିକ

ଭୁବନେଶ୍ୱର: ଭୁବନେଶ୍ୱରରେ ବ୍ୟାପିଛି ଝାଡ଼ାବାନ୍ତି । ଆକ୍ରାନ୍ତ ସଂଖ୍ୟା ୧୪୦ ରୁ ଅଧିକ ହେଲାଣି । ଦୂଷିତ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି ସାଧାରଣ ଲୋକ । ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଏବେ ହସ୍ପିଟାଲରେ ହେଉଛନ୍ତି ଚିକିତ୍ସିତ । ଭୁବନେଶ୍ୱର ସ୍ଥିତ ଚନ୍ଦ୍ରଶେଖରପୁର ୧୩ ନମ୍ବର ୱାର୍ଡରୁ ଆସିଛି ଏମିତି ଏକ ଖବର ଯାହା ରାଜଧାନୀ ବାସିନ୍ଦାଙ୍କ ଚିନ୍ତା ବଢ଼ାଇ ଦେଇଛି । ଗତ ଶନିବାରଠାରୁ ଭୁବନେଶ୍ୱର ସ୍ଥିତ ନୀଳମାଧବ ନିବାସରେ ବ୍ୟାପିବାରେ ଲାଗିଛି ଝାଡ଼ାବାନ୍ତି । ଏଥିରେ ପ୍ରାୟ ଦେଢ଼ ଶହ ଲୋକ ଏବେ ସୁଦ୍ଧା ଆକ୍ରାନ୍ତ ହେଲେଣି । ତେବେ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏହା ସହ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଏଠାରେ ରୋଗୀଙ୍କ ସାମ୍ପୁଲ କଲେକ୍ସନ କରି ଆବଶ୍ୟକୀୟ ଚିକିତ୍ସା ପ୍ରଦାନ କରୁଛନ୍ତି ।

## ଜେଲ ରୁ ମୁକୁଳିଲେ ଦାରା ସିଂ ଙ୍କ ସହଯୋଗୀ ମହେନ୍ଦ୍ର , ଢେଙ୍କିକୋଟ ରେ ବିପୁଳ ସ୍ୱାଗତ

ପାଟଣା **୧୭/୪(ନି.ପ୍ର):** ବହୁ ଚର୍ଚ୍ଚିତ ମନୋହରପୁର ଗ୍ରାହାମ ଷ୍ଟେନ୍ସ ପୋଡ଼ି ମାମଲା ରେ କେନ୍ଦୁଝର ଜିଲ୍ଲା କାରାଗାର ରେ ବନ୍ଦୀ ଥିବା ଦାରା ସିଂ ଙ୍କ ଅନ୍ୟତମ ସହଯୋଗୀ ମହେନ୍ଦ୍ର ହେମ୍ବ୍ରମ ଆଜି ଜେଲ ରୁ ମୁକୁଳିଛନ୍ତି । ଦାରା ସିଂ ଙ୍କ ଅନ୍ୟତମ ସହଯୋଗୀ ଶ୍ରୀ ହେମ୍ବ୍ରମ ଜେଲ ରୁ ବାହାରିବା ପରେ ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି ।୨୫ ବର୍ଷ ବୟସରେ ଜେଲ ଯାଇଥିବା ମହେନ୍ଦ୍ର ଜେଲ ରେ ମଧ ୨୫ ବର୍ଷ କଟାଇଛନ୍ତି। ଢେଙ୍କିକୋଟ ବଜାର ରେ ମଧ ହିନ୍ଦୁ ସମାଜ ପକ୍ଷରୁ ବିର ଅମର ସିଂ , ମମତା ସିଂ , ଜୟଦେବ ଗିରି , ରତ୍ନାକର ଘଣା , ଜିତେନ୍ଦ୍ର ପଲେଇ , ଅର୍ଜୁନ ବାରିକ, ରାଧାକାନ୍ତ ବେହେରା , ଅଜୟ କୁମାର ସାହୁ , ରାଜକିଶୋର ସାହୁ , କ୍ରିଷ୍ଣା ମଣ୍ଡଳ, ଜଗବନ୍ଧୁ ସାମଲ , ନବକିଶୋର ବେହେରା, ସୁରେଶ କୁମାର ସାହୁ ପ୍ରମୁଖ ଶ୍ରୀ ହେମ୍ବ୍ରମ ଙ୍କୁ ଆଜି ସ୍ୱାଗତ ଜଣାଇଥିଲେ ।

## ଜିଲ୍ଲା ସ୍ତରୀୟ ଡଃ ଭୀମରାଓ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ୨୦୨୫ ପାଳିତ

ଯାଜପୁର, **୧୭/୪(ନି.ପ୍ର):**ଆଜି ପୂର୍ବାହ୍ନରେ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ଶିବାନନ୍ଦ ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ପ୍ରଣେତା ଜନନାୟକ ଭାରତରତ୍ନ ଡଃ ଭୀମରାଓ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଅଛି । ଆଜିର ଏହି ପବିତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ ସମସ୍ତଙ୍କୁ ଭାରତୀୟ ଗଣତନ୍ତ୍ରର ସମ୍ବିଧାନ ପ୍ରଣେତା ଜନନାୟକ ଭାରତରତ୍ନ ଡଃ ଭୀମରାଓ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ର ଶୁଭେଚ୍ଛା ଜଣାଇଥିଲେ ।କିପରି ତାଙ୍କ ଆଦର୍ଶ ମାନି ତାଙ୍କ ଆଚରଣ କୁ ଅନୁସରଣ କରି ଆମେ ବାଧା ବିଘ୍ନ ସତ୍ତ୍ୱେ ବି ଡରି ନଯାଇ ତାଙ୍କ ପରି ଜଣେ ମହାନ୍ ମଣିଷ ଟେ ହୋଇ ଦେଶକୁ ଗୌରବାନ୍ୱିତ କରିପାରିବା ଏବଂ ନିଜକୁ ପ୍ରସ୍ଫୁଟିତ କରିପାରିବା ସେ ସମ୍ପର୍କରେ ଛାତ୍ର ଛାତ୍ରୀ ଙ୍କୁ ପରାମର୍ଶ ଦେଇଥିଲେ ।ଦେଶର ହିତ ସାଧନରେ ସଦା ସର୍ବଦା କର୍ମ ତତ୍ପର ହୋଇ ରହିବା ଏବଂ ଅନ୍ୟକୁ ଏହାର ମହତ୍ତ୍ୱ ବୁଝାଇ ପ୍ରେରଣା ଦେଇପାରିବା ଏ ଦିଗରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ। ମହାନ ଜନନାୟକ ଭାରତରତ୍ନ ଡଃ ଭୀମରାଓ ଆମ୍ବେଦକର ତାଙ୍କ ଜୀବନ କାଳ ମଧ୍ୟରେ କିପରି ଜାତିଆଣ ଭେଦ ଭାବର ସମ୍ମୁଖୀନ ହୋଇଥିଲେ ଏବଂ ବାଧା ବିଘ୍ନ,ସଂଘର୍ଷ ସତ୍ତ୍ୱେ ନିଜକୁ ବିଶ୍ୱ ବିଜେତା କରି ପାରିଥିଲେ ସେ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥଲେ । ସମାଜରେ କେବଳ ଜାତି, ଧର୍ମ, ବର୍ଣ୍ଣ ନୁହେଁ ସାମାଜିକ ଓ ଅର୍ଥନୈତିକ ସ୍ତରରେ ମଧ ଯେପରି ସମସ୍ତଙ୍କୁ ସମାନତା ମିଳିପାରିବ ଏବଂ କାହାକୁ ଜାତିଆଣ କିମ୍ବା ସାମାଜିକ, ଅର୍ଥନୈତିକ ଭେଦଭାବ ର ଶିକାର ହେବାକୁ ପଡ଼ିବନି ସେ ଦିଗରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ,। ଉକ୍ତ ଦିବସରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ଶିବାନନ୍ଦ ସ୍ୱାଇଁ ଡଃ ଭୀମରାଓ ଆମ୍ବେଦକରଙ୍କ ବିଦ୍ୟାଳୟ ଜୀବନ ଠୁ ଆରମ୍ଭ କରି ଡିଗ୍ରୀ ହାସଲ କରିବା ପର୍ଯ୍ୟନ୍ତ ସମ୍ମୁଖୀନ



ହୋଇଥିବା ବିଭିନ୍ନ ବାଧା ବିଘ୍ନ ଏବଂ ସକାରାତ୍ମକ ଭାବେ ତାଙ୍କୁ ଆଗକୁ ଯିବା ପାଇଁ ପ୍ରେରଣା ଯୋଗାଇଥିବା ଏବଂ ସାହାଯ୍ୟର ହାତ ବଢ଼ାଇଥିବା ଡଃ ଭୀମରାଓ ଆମ୍ବେଦକରଙ୍କ ବିଦ୍ୟାଳୟର ଶିକ୍ଷକ ଯିଏକି ଜଣେ ବ୍ରାହ୍ମଣ ପରିବାରର ଥିଲେ ସେ ପ୍ରସଙ୍ଗରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହି ଦିବସରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆରକ୍ଷୀ ନିରୀକ୍ଷକ, ଟାଉନ ଥାନା ଶ୍ରୀ ଶରତ ଚନ୍ଦ୍ର ପାତ୍ର କହିଲେ ଭାରତୀୟ ବୃହତ ଗଣତନ୍ତ୍ରର ସମ୍ବିଧାନ ପ୍ରଣେତା ତଥା ଡ୍ରାଫ୍ଟିଂ କମିଟିର ଅଧ୍ୟକ୍ଷ ଭାରତରତ୍ନ ଡଃ ଭୀମରାଓ ଆମ୍ବେଦକରଙ୍କ ଜନ୍ମ ୧୪ ଏପ୍ରିଲ ୧୮୯୧ ମସିହାରେ ହୋଇଥିଲା। ୧୮୯୧ ମସିହାରୁ ୧୯୫୬ ମସିହା ତାଙ୍କ ପାଇଁ ବୈଶାଖୀ ର ଝାଞ୍ଜି ପରି ଥିଲା ଯାହା ଥିଲା ବହୁ ସଂଘର୍ଷ ପୂର୍ଣ୍ଣ । ସେ ତାଙ୍କ ପିତା ମାତାଙ୍କର ୧୪ ତମ ସନ୍ତାନ ଥିଲେ । ବହୁ ବାଧାବିଘ୍ନ, ଜାତିଆଣ ଭେଦଭାବର ଶିକାର ହେବାକୁ ପଡ଼ିଥିଲା ତାଙ୍କୁ। ସଂଘର୍ଷର ଚରମ ଶୀର୍ଷ ପର୍ଯ୍ୟନ୍ତ ଯାଇ ମଧ ସେ ହାରି ଯାଇ ନଥିଲେ କିପରି ଜାତିଆଣ ଭେଦଭାବ କୁ ଦୂର କରିବେ କିପରି ଲୋକମାନଙ୍କ ମନରେ ସଚେତନତା ସୃଷ୍ଟି କରି ପାରିବେ ସେଥି ପ୍ରତି ସେ ବହୁ ତତ୍ପର ଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରାଧ୍ୟାପକ ଶ୍ରୀ ଦାମୋଦର ବେହେରା ଡଃ ଭୀମରାଓ ଆମ୍ବେଦକରଙ୍କ ଜୀବନୀ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିବା ସହ ଜାତିଆଣ ଭେଦଭାବ ଓ ଅସ୍ପୃଶ୍ୟତା ର କୁପ୍ରଭାବ ଦୂରୀକରଣ କରିବା ନିମନ୍ତେ ଉପସ୍ଥିତ ସମସ୍ତଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଜିଲ୍ଲାସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନେ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଉପ ଜିଲ୍ଲାପାଳ, ଯାଜପୁର ଶ୍ରୀ ତାପସ ରଞ୍ଜନ ଦେହୁରି, ଅତିରିକ୍ତ ତହସିଲଦାର, ଯାଜପୁର ଶ୍ରୀ ଅଶୋକ କୁମାର ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ କର ଯୋଗଦେଇ ଭୀମରାଓ ଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅତିଥି ମାନେ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଥିବା ଆମ୍ବେଦକର ଓ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ। ଉକ୍ତ ଦିବସରେ ବିଭାଗୀୟ ଅଧିକାରୀ, ବୁଦ୍ଧିଜୀବୀ, ବିଦ୍ୟାଳୟର ଛାତ୍ର ଛାତ୍ରୀ,ଶିକ୍ଷକ, ଶିକ୍ଷୟତ୍ରୀ, ଅଭିଭାବକ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଧାମରାରେ ୯ କୋଟି ଟଙ୍କାର ବସଷ୍ଟାଣ୍ଡ, ଲୋକାର୍ପଣ କେବେ



ଧାମରା : ଧାମରାରେ ୨୦୨୪ ମସିହାରେ ନିର୍ମାଣ ହୋଇଥିବା ବସଷ୍ଟାଣ୍ଡ ଲୋକାର୍ପଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବହୁ ବାଦାନୁବାଦ ପରେ ଧାମରାରେ ଥିବା ୩୩୪ ଏବଂ ୩୩୬ ପ୍ଲଟରେ ୫ଏକର ପରିମିତ ସ୍ଥାନରେ ଏହି ବସଷ୍ଟାଣ୍ଡ ନିର୍ମାଣ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ୪.୫ କୋଟି ପରେ ଦ୍ୱିତୀୟ ପର୍ଯ୍ୟାୟରେ ୫କୋଟି ବ୍ୟୟ ବରାଦରେ ଏହା ନିର୍ମାଣ କରାଯାଇଥିଲା । ଦୀର୍ଘ ୧ବର୍ଷ ହେବ ଏହି ବସଷ୍ଟାଣ୍ଡ ନିର୍ମାଣ ହୋଇ ସାରିଥିଲେ ମଧ ସଂପୃକ୍ତ ଠିକାଦାରଙ୍କ ମନୋମୁଖୀ କାର୍ଯ୍ୟ ପାଇଁ ଏହାକୁ ଓଏସଆରଟିସିକୁ ହସ୍ତାନ୍ତର କରିବାରେ ବିଳମ୍ବ ହୋଇଥିଲା । ହସ୍ତାନ୍ତର ପୂର୍ବରୁ ବସଷ୍ଟାଣ୍ଡ ପାଇଁ ନିର୍ମାଣ ହୋଇଥିବା ପାଚେରୀରେ ବହୁ ସ୍ଥାନରେ ଫାଟ ଦେଖା ଯାଇଥିଲା । ମାତ୍ର ସଂପୃକ୍ତ ଠିକାଦାର ଏହାକୁ ରାତି ଅଧିଆ ଯେନତେନ ପ୍ରକାର ପ୍ୟାଚ ପକାଇ ରଙ୍ଗ ମାଖି ଦେଇଥିଲେ । ପୁନଶ୍ଚ ରାଜ୍ୟରେ ବିଜେଡି ସରକାରର ପତନ ଘଟିବା ପରେ ବିଜେପି ରାଜ୍ୟରେ ସରକାର ଗଢିଥିଲା । ସମସ୍ତ ଆଶା ରଖିଥିଲେ ବିଜେପି ସରକାର ଆସିବା ପରେ ଧାମରାରେ ବସଷ୍ଟାଣ୍ଡ ଲୋକାର୍ପିତ ହେବ ବୋଲି ମାତ୍ର ଏହି ବସଷ୍ଟାଣ୍ଡର ରଙ୍ଗ ବିଜେଡି ସମୟରେ ସବୁଜ ହୋଇଥିବା ବେଳେ ବିଜେପି ସରକାର ଆସିବା ପରେ ଏହା ଗେରୁଆ ରଙ୍ଗରେ ରଙ୍ଗେଇ ହେଲା । ମାତ୍ର କଥା ଏଇଠି ସରିଲା ନାହିଁ ପୁନଶ୍ଚ ଅଂଚଳବାସୀ ଏହି ବସଷ୍ଟାଣ୍ଡ କାର୍ଯ୍ୟ ନିମ୍ନ ମାନର ବୋଲି ଅଭିଯୋଗ ଆଣିଲେ ଏବଂ ଏହା ପୁଣି ବାଣିଜ୍ୟ ବିଭାଗ ସଚିବଙ୍କ ନିକଟରେ ମାତ୍ର ବାଣିଜ୍ୟ ବିଭାଗ ସଚିବଙ୍କ ନିର୍ଦ୍ଦେଶରେ ଏହାର ତଦନ୍ତ ହେବ ବୋଲି ଅଭିଯୋଗକାରୀମାନଙ୍କୁ ଅବଗତ କରାଯାଇଥିଲା । ଦୀର୍ଘ ୧ବର୍ଷ ବିତିଯାଇଥିଲେ ମଧ ଏହାର ତଦନ୍ତ ନାଲିଫିତା ତଳେ ରହିଯାଇଛି । ଅନ୍ୟ ପକ୍ଷରେ ସଂପୃକ୍ତ ଠିକାଦାର ଓଏସଆରଟିସି କୁ ଏହି ବସଷ୍ଟାଣ୍ଡ ହସ୍ତାନ୍ତର କରିସାରିଛି । ଦୀର୍ଘ ୮ମାସ ହେବ ଏହି ବସଷ୍ଟାଣ୍ଡ ହସ୍ତାନ୍ତର ହୋଇଥିଲେ ମଧ ସଂପୃକ୍ତ ବସଷ୍ଟାଣ୍ଡଟି ଲୋକାର୍ପିତ ହୋଇପାରୁନାହିଁ । ଧାମରାରୁ ଦୈନନ୍ଦିନ ଶହ ଶହ ସଂଖାରେ ଯାତ୍ରୀ ଭଦ୍ରକ, କଟକ ,ଭୁବନେଶ୍ୱର, ରାଉରକେଲା, ବାଲେଶ୍ୱର କୋଲକାତା ,କାନ୍ଥି ଆଦି ସ୍ଥାନକୁ ଯାତାୟତ କରୁଥିବା ବେଳେ ବହୁ ଆନ୍ତରାଜ୍ୟ ବସ ମଧ ଯାତାୟତ କରୁଛି । ଏହି ବସ ଗୁଡିକର ସଂଖ୍ୟା ୨୫ରୁ ଉର୍ଦ୍ଧ ହୋଇଥିବା ବେଳେ କିଛି ବସ ଧାମରା ରାସ୍ତା ପାଖରେ ଏବଂ କିଛି ବସ ଆଦାନୀ ବନ୍ଦର ଗେଟ ପାଖରେ ତ ଆଉ କିଛି ବସ ଗୁଡିକ ରାତ୍ରି ସମୟରେ ଚନ୍ଦନୀପାଳ ପ୍ରତିରକ୍ଷା ଘାଟି ନିକଟରେ ରହୁଥିବା ଦୃଷ୍ଟି ଗୋଚର ହେଉଛି । ତୁରନ୍ତ ଏହି ବସଷ୍ଟାଣ୍ଡ ଲୋକାର୍ପିତ ହୋଇ ପାରିଲେ ସମସ୍ତ ସମସ୍ୟାର ସମାଧାନ ହେବା ସହ ଧାମରା ବସଷ୍ଟାଣ୍ଡରୁ ସମସ୍ତ ବସ ଆତଯାତ ହେବା ସହ ସମସ୍ତ ଯାତ୍ରୀ ମାନଙ୍କର ଯାତାୟତ ସମସ୍ୟା ଦୂରୀଭୂତ ହୋଇ ପାରନ୍ତା ।

## ଶାବଳରେ ବାପା, ପୁଅକୁ ଆକ୍ରମଣ ଘଟଣା: ଆକ୍ରମଣକାରୀ ବାପା ଓ ପୁଅ ଗିରଫ , ଶାବଳ ଜବତ

ହିଞ୍ଜିଳିକାଟୁ **୧୭/୪(ନି.ପ୍ର):** ହିଞ୍ଜିଳି ଥାନା ରାଳବ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨ ପଡୋଶୀଙ୍କ ମଧ୍ୟରେ ବଚସା ଓ ପରେ ଆକ୍ରମଣ ଘଟଣା ଘଟିଥିଲା। ଗୋଟିଏ ପରିବାରର ବାପା ଓ ପୁଅଙ୍କ ମିଳିତ ଆକ୍ରମଣରେ ଅନ୍ୟ ଏକ ପରିବାରର ବାପା ଓ ପୁଅ ଗୁରୁତର ଆହତ ହୋଇଥିଲେ। ସଂପୃକ୍ତ ଘଟଣାରେ ହିଞ୍ଜିଳି ପୁଲିସ ଆକ୍ରମଣକାରୀ ବାପା ଓ ପୁଅଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ଗିରଫ କରିଛି। ଗିରଫ ମାନେ ହେଲେ ହିଞ୍ଜିଳି ଥାନା ରାଳବ ଗ୍ରାମ ଦେଉଳ ସାହିର ରାମଚନ୍ଦ୍ର ମୁନି (୫୨) ଓ ତାଙ୍କ ପୁଅ ଅରୁଣ ମୁନି (୨୫) । ମଙ୍ଗଳବାର ରାତି ପ୍ରାୟ ସାଢ଼େ ୯ ଘଣ୍ଟା ସମୟରେ ହିଞ୍ଜିଳି ଥାନା ରାଳବ ଗ୍ରାମ ଦେଉଳ ସାହିର ୨ ପଡୋଶୀ ପୁର୍ଣ୍ଣଚନ୍ଦ୍ର ମୁନି ଓ ରାମଚନ୍ଦ୍ର ମୁନିଙ୍କ ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବଚସା ହୋଇଥିଲା। ପରେ ଉଭୟ ପରିବାରର ୨ ପୁଅ ଘଟଣାରେ ସଂପୃକ୍ତ ହୋଇଥିଲେ। ବଚସା ଉଗ୍ରରୂପ ଧାରଣ କରିବା ପରେ ରାମଚନ୍ଦ୍ର ଓ ତାଙ୍କ ପୁଅ ଅରୁଣ ଘରୁ ଏକ ଶାବଳ ଆଣି ପୁର୍ଣ୍ଣଚନ୍ଦ୍ର ମୁନି (୪୦) ଓ ତାଙ୍କ ପୁଅ ଅମରନାଥ ମୁନି (୧୭)ଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଉଭୟ ବାପା ଓ ପୁଅ ଗୁରୁତର ଆହତ ହୋଇଥିଲେ। ସାହି ପଡୋଶୀ ଆହତ ବାପା ଓ ପୁଅଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଉଭୟ ବାପା ଓ ପୁଅଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଖବର ପାଇ ହିଞ୍ଜିଳି ପୁଲିସ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ପରେ ଘଟଣା ସ୍ଥଳରେ ପହଞ୍ଚି ଆକ୍ରମଣକାରୀ ବାପା ଓ ପୁଅଙ୍କୁ ଗିରଫ କରିବା ସହ ଆକ୍ରମଣରେ ବ୍ୟବହୃତ ଶାବଳକୁ ଜବତ କରିଥିଲା। ଘଟଣା ନେଇ ଗୁରୁତର ଆହତ ପୁର୍ଣ୍ଣଚନ୍ଦ୍ରଙ୍କ ଝିଅ ପୁଜା ମୁନି ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନଂ-୩୦୦/୨୫ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଥିଲା।

## କ୍ଷିତିଜ୍ୟୋତିଃ ଆଶ୍ରମ ତରଫରୁ ଭାଗବତ ବଣ୍ଟନ



ପାଟଣା ,୧୭/୪(ନି.ପ୍ର): ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ କ୍ଷିତିଜ୍ୟୋତିଃ ଆଶ୍ରମ ଓ ଭାଗବତ ଟୁଙ୍ଗି ପ୍ରଚାର ସମିତି ଘଟଗାଁ ବ୍ଲକର ମିଳିତ ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକ ଅନ୍ତର୍ଗତ ହାଟଡିହି ଗ୍ରାମ ପଞ୍ଚାୟତ ର ଛେନାପଦିସ୍ଥିତ ବିଷ୍ଣୁପ୍ରିୟା ବାଳାଶ୍ରମରେ ଆଜି ଅନୁଷ୍ଠିତ ଏକ ରାଜ୍ୟ ସ୍ତରୀୟ ଭାଗବତ ଧର୍ମସଭାରେ ହାଟଡିହି ବ୍ଲକରେ ଥିବା ନୂତନ ଓ ପୁରାତନ ଭାଗବତ ଟୁଙ୍ଗି ମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଭାଗବତ ପୁସ୍ତକ ବଣ୍ଟନ କରାଯାଇଛି ।ଏହି ଭାଗବତ ସଭାରେ ମୁଖ୍ୟ ଅତିଥି ଭାବେ ଭାଗବତ ଟୁଙ୍ଗି ପ୍ରଚାର ସମିତି ଓଡିଶାର ସଭାପତି ବାବାଜୀ ସ୍ୱାଇଁ ଓରଫ ନଙ୍ଗୁଳି ବାବା ମୁଖ୍ୟ ବକ୍ତା ରୂପେ ଉପ ସଭାପତି ମନୋଜ କୁମାର ଦାଶ , ସମ୍ମାନିତ ଅତିଥି ଭାବରେ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ଜିଲ୍ଲା ସମ୍ପାଦକ ଭାଗବତ ଟୁଙ୍ଗି ପ୍ରଚାର ସମିତି କେନ୍ଦୁଝର, ଓ ଚରମାନନ୍ଦ ଦାସ ପ୍ରତାପ ଜିଲ୍ଲା ସଂଯୋଜକ ଭାଗବତ ଟୁଙ୍ଗି ପ୍ରଚାର ସମିତି କେନ୍ଦୁଝର ତଥା କ୍ଷିତିଜ୍ୟୋତିଃ ଆଶ୍ରମ ଘଟଗାଁ କେନ୍ଦ୍ର ସଂଗଠକ ଯୋଗ ଦେଇ ସନାତନ ଧର୍ମର ଭଗବତ କଥା ସରଳ ଭାଷାରେ ଅବତାରଣା କରିଥିଲେ ।ଏଥିରେ ସଭାପତିତ୍ୱ କରିଥିଲେ ବାମଦେବ ନାୟକ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଦୁନ୍ଦୁଭି ପତ୍ରିକାର ସମ୍ପାଦକ ମୁରଲୀଧର ବେହେରା । ଉକ୍ତ ସଭାରେ ବଡ଼ ରମ୍ପାସ, ଓରାଳୀ, ତରଭା, ସାରୁକୋଣା, ସମଣା, ବାହାରିପୁର, ମଣବାଜ, କାଠିଆସରା ଓ ମଧୁପୁର ଏବଂ ଏଲକଣା ଆଦି ଗ୍ରାମର ଶତାଧିକ ଭାଗବତ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବଉଳା ସାହିତ୍ୟ ପତ୍ରିକାର ମୁଖ୍ୟ ସମ୍ପାଦକ ତଥା ଭାଗବତ ଟୁଙ୍ଗି ପ୍ରଚାର ସମିତି ହାଟଡିହି ବ୍ଲକର ସମ୍ପାଦକ ସୁରେନ୍ଦ୍ର ପରିଡା ଓ ସଭାପତି ରବି ନାରାୟଣ ପଟ୍ଟନାୟକ ଏବଂ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ କବୟିତ୍ରୀ ବିଦ୍ୟୁତପ୍ରଭା ଦେଓ, ସରଳା ମହାପାତ୍ର, ସୁଭଦ୍ରା ସ୍ୱାଇଁ, ପଦ୍ମିନୀ ନାୟକ, ଶାନ୍ତିଲତା ପୁହାଣ, କାମିନୀ ପଣ୍ଡା, ମୃତ୍ୟୁଞ୍ଜୟ ନନ୍ଦ, ଶକୁନ୍ତଳା ଭୁତିଆ ଓ ସୁକାନ୍ତି ଜେନା । ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଶାନ୍ତ କୁମାର କର ।

## ପୋଲ ତଳକୁ ସାଇକେଲ ଖସି ଯୁବକ ମୃତ

ପାଟଣା ୧୭/୪(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆ ପଞ୍ଚାୟତ ତଣ୍ଡୋ ଗ୍ରାମର ପ୍ରଭାକର ନାଏକ ଙ୍କ ପୁଅ ବଂଶୀଧର ନାଏକ ଓରଫ କାଳା(୨୭) ଗତ ସନ୍ଧ୍ୟାରେ ଡୁମୁରିଆ ସାପ୍ତାହିକ ହାଟକୁ ଆସି ରାତି ରେ ଘରକୁ ଫେରୁଥିବା ବେଳେ ଭୀମକୁଣ୍ଡ ରାସ୍ତାର ମନ୍ଦିର ପୋଲ ତଳକୁ ଖସି ପ୍ରାଣ ହରାଇଛନ୍ତି ।ହାଟରୁ କୁକୁଡ଼ା ଗୋଡ଼ ଆଦି ରାନ୍ଧିବା ପାଇଁ ସେ ସାଙ୍ଗରେ ନେଇ ଘରକୁ ଫେରୁଥିବା ବେଳେ ଅନ୍ଧାରରେ ପୋଲ ତଳକୁ ସାଇକେଲ ସହ ଖସିପଡି ମୃତ୍ୟୁ ବରଣ କରିଛନ୍ତି ।ଆଜି ମଧ୍ୟାହ୍ନ ରେ ଏହି ଖବର ଜଣା ପଡିବା ପରେ ଘଟଗାଁ ଥାନାକୁ ଖବର ଦିଆ ଯାଇଥିଲା ।ଘଟଗାଁ ଥାନା ଅପମୃତ୍ୟୁ ମାମଲା ୧୧/୨୦୨୫ ମୂଳେ ଏ ଏସ ଆଇ ଶ୍ରୀ ମିର୍ଦ୍ଧା ପାଟଣା ରେ ମୃତକର ଶବ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର କୁ ମର ଶରୀର ହସ୍ତାନ୍ତର କରିଥିବା ଘଟଗାଁ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ଙ୍କ ଠାରୁ ପ୍ରକାଶ ।

## ନିମାପଡା ରେ ଗୋଧନ ବାହୁଡ଼ା ଯାତ୍ରା

ନିମାପଡା ୧୭/୪(ନି.ପ୍ର): ନିମାପଡା ଥାନା ଓ ଗିରି ଗୋବର୍ଦ୍ଧନ କମିଟି ପକ୍ଷ ରୁ ବୈଶାଖ କୃଷ୍ଣ ପକ୍ଷ ତିଥିରେ ଗୋଧନ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ନିମାପଡା ବଡ ବଜାର ର ଥାନ ପତି ପ୍ରଭୁ ଶ୍ରୀ ଗୋପୀନାଥ ଦେବ, ମାତା ଶ୍ରୀ ରାଧା ରାସ ବାଡ଼ି ମଠ ର ଠାକୁର ରାଧା କାନ୍ତ ଦେବ, ରାସ ବାଡ଼ି ମଠ କୁଞ୍ଜରୁ ଦୁଇଟି ସୁ ସଜ୍ଜିତ ବିମାନ ରେ ଆସି ବିଭିନ୍ନ ସ୍ଥାନରେ ଭୋଗ ଖାଇ ଜଇନାବାଦ ଗ୍ରାମ ଠାରେ ଥିବା ପୂଜା ମଣ୍ଡପ ରେ ଅବସ୍ଥାନ କରିଥିଲେ । ତାପରେ କୁଶଭଦ୍ରା ନଦୀରେ ଯମୁନା ସ୍ନାନ କରି ଥିଲେ. ସେଠାରେ ଯଥାବିଧି ଠାକୁରଙ୍କ ନିତୀ କାନ୍ତି, ପୂଜା ଚର୍ଚ୍ଚା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ପରେ ଥାନା ପକ୍ଷ ରୁ ନିମନ୍ତ୍ରଣ କରାଯାଇ ଠାକୁରଙ୍କୁ ଜଇନା ବାଦ ଗ୍ରାମରୁ ସୁ ସଜ୍ଜିତ ବିମାନ ରେ ଥାନା ସମ୍ମୁଖ ଗୋଧନ ବାହୁଡ଼ା ମଣ୍ଡପ ରେ ବିଜେ କରାଯାଇଥାଏ ।ନିମାପଡା ପୋଲିସ ଏସ ଡି ପି ଓ ଜନାର୍ଦ୍ଦନ ପାଢ଼ୀ. ଥାନା ଅଧିକାରୀ ବାମଦେବ ସ୍ୱାଇଁ ଙ୍କ ତତ୍ତ୍ୱାବଧାନରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା ।ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ଅତିରିକ୍ତ ଏସ ପି ବିଷ୍ଣୁ ପ୍ରସାଦ ପତି ଯୋଗ ଦେଇଥିଲେ ।

# 'ଦୁର୍ନୀତି ର ଗନ୍ତାଘର ପୂର୍ତ୍ତ ବିଭାଗ'

## ନିମ୍ନ ମାନର YIIO ରଡ଼ ଲଗାଇ (ପିଡବ୍ଲୁଡି)ପୂର୍ତ୍ତ ବିଭାଗ କରୁଛି କୋଟି କୋଟି ଟଙ୍କା ର ଭୋଇପୁରା ରାସ୍ତା କାମ

ବରଗଡ଼ ୧୭/୪(ନି.ପ୍ର): ବରଗଡ଼ ଜିଲ୍ଲାରେ ଅଞ୍ଚଳ ର ବିକାଶ ତଥା ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକୁ ବିଭିନ୍ନ ସ୍ତରରେ ଅନେକ ଦକ୍ଷତା ସମ୍ପର୍ଣ୍ଣ ବିଭାଗ କୁ ସରକାର ଦାୟିତ୍ୱ ଦେଇ ଜିଲ୍ଲା ଠାରୁ ବ୍ଲକ୍ ପଞ୍ଚାୟତ ର ଗାଆଁ ଗଣ୍ଡା ପୁର ପଲ୍ଲୀ ପର୍ଯ୍ୟନ୍ତ ରାସ୍ତା ଘାଟ,ଡ୍ରେନ,ପାନୀୟ ଜଳ, ଶୌଚାଳୟ ଭଳି ବହୁ ବିଧ ସମସ୍ୟା ର ସମାଧାନ ନିମନ୍ତେ କାର୍ଯ୍ୟ ସଠିକ୍ ଭାବରେ କାର୍ଯ୍ୟ ଜାରି ରହିବାକୁ ଥିବାବେଳେ ଚାରି ଆଡ଼େ ଦୁର୍ନୀତି ର ଗନ୍ଧ ବାରି ହୋଇ ପଡୁଛି ।ସେଥି ମଧ୍ୟରୁ ପୂର୍ତ୍ତ ବିଭାଗ କୁ ଗୁରୁ ଦାୟୀତ୍ୱ ଦେଇ ବିଭିନ୍ନ ସ୍ଥାନରେ କାର୍ଯ୍ୟ ଜାରି ରହିଛି ସତ,ହେଲେ ଦୁର୍ନୀତି ର ଗନ୍ତାଘର ସାଜି ଅତାବିରା ଅଞ୍ଚଳରେ ବିପଦମୁଖା ଗୋଡଭଗା- ତୁରୁମ ୫୪ ନଂ ରାଜ୍ୟ ରାଜପାଥ ଠାରୁ ଆରମ୍ଭ କରି ଆଦର୍ଶ ସ୍କୁଲ,ଇଣ୍ଡୋର୍ ଷ୍ଟାଡିୟମ୍ ପର୍ଯ୍ୟନ୍ତ କିଭଳି ଭାବେ ତିଆରି ହୋଇଛି ଅଞ୍ଚଳରେ ତାହା ବେଶ୍ ଅନୁମେୟ ।ବର୍ଷ ଟିଏ ନ ପୁରୁଣୁ ନବ ନିର୍ମିତ କୋଠଘର ରୁ ଫାଟ ସୃଷ୍ଟି ହୋଇ ଅତଡା ଖସି,ପାଣି ମଧ ଝରି ପୂର୍ତ୍ତ ବିଭଗ ର ନିମ୍ନ ମାନ କାର୍ଯ୍ୟ ପଦାକୁ ଆସିଥିଲା ।ଯାହାର କିଞ୍ଚିତ ଉଦା ହରଣ ସ୍ୱରୂପ ଅତାବିରା ଅଞ୍ଚଳରେ ଦୀର୍ଘ ବର୍ଷ ହେବ ବିକାଶ ତଥା ଉନ୍ନୟନ ମୂଳକ କାର୍ଯ୍ୟ କରିବାକୁ ଯାଇ ପୂର୍ତ୍ତ ବିଭାଗ (ପିଡବ୍ଲୁଡି)ରାଜ୍ୟ ରାଜପଥ ଠାରୁ ଆରମ୍ଭ କରି ରାସ୍ତା ଘାଟ, ସରକାରୀ ଅଫିସ ସ୍କୁଲ କଲେଜ୍ କୋଠଘର ଭଳି ବହୁ ଉନ୍ନୟନ ମୂଳକ କାର୍ଯ୍ୟ ର ଗୁରୁ ଦାୟିତ୍ୱ ବହନ କରି ବଡବଡ ଦକ୍ଷ ସରକାରଙ୍କ ଦରମା ଖିଆ ବାବୁ ମାନଙ୍କ ଆଢୁଆଳରେ ଅତି ନିମ୍ନ ମାନର କାର୍ଯ୍ୟ କରାଇ ଅର୍ଥ ହରିଲୁଟ ହେଉଥିବା ବେଶ୍ ଚର୍ଚ୍ଚା ର ବିଷୟ ହୋଇଛି ।ଯାହାର କିଞ୍ଚିତ ଉଦାହରଣ ସ୍ୱରୂପ ୫୩ନଂ ମୁଖ୍ୟଜାତୀୟ ରାଜପଥ ରୁ ଅତାବିରା ଏନ୍ଏସି ୱାର୍ଡ ନଂ-୫ ଭୋଇ ପୁରା କୁ ଯିବା ନବନିର୍ମିତ ରାସ୍ତା,ଗାଡ଼ ୱାଲ୍ ପିଲର ଓ ଡ୍ରେନ ରେ ଅଧିକାରୀ ମାନଙ୍କ ମୁହଁରୁ ଜିନ୍ଦଲ ପେନ୍ଥର ଶୁଣିବାକୁ ମିଳିଥିବା ବେଳେ ଏପ୍ରକ ନଥିବା ନିମ୍ନ ମାନର YIIO TKM ନାମକ(ଲୁହା ଛଡ)ରଡ଼ ଲଗାଇ ଅତି ନିମ୍ନ ମାନର କାର୍ଯ୍ୟ ହେଉଥିବା ବେଳେ ଏସଡିଓ ଶତୃଘ୍ନ କାଲୋ ଓ ଜେଇ ଉମେଶ ଭୋଇ ଫେବୃୟାରୀ ୧୭ ତାରିଖ ଦିନ ପହଞ୍ଚି ଏଭଳି ନିମ୍ନ ମାନର ରଡ଼ କାହିଁକି ଲଗାଯାଇଛି ବୋଲି କହି କାମ ବନ୍ଦ୍ କରିବା ପାଇଁ ତାଗିଦ୍ କରି ନିଜ ଦୋଷ ଝାଡି ଚାଲିଯାଇଥିଲେ ।ଯାହା ପୂର୍ବରୁ ମଧ ଭାଇ ବ୍ରେଟର ନମାରି ଡ୍ରେନ କଂକ୍ରିଟ କାମ କରି ଜାଲି ମାରି ମେଟାଲ ଦେଖାଯାଉ ଥିବା ଦେଖି ନିମ୍ନ ମାନର କାର୍ଯ୍ୟ ହୋଇଛି ଭାଙ୍ଗି ନୂଆଁ କରିବା ପାଇଁ କହି ଚାଲି ଯାଇ ଥିଲେ ସତ,ହେଲେ କାର୍ଯ୍ୟ ଯଥା ପୂର୍ବମ୍ ତଥା ପରମ୍ ।ତେବେ ଏଠି ପ୍ରଶ୍ନ ଉଠୁଛି ଯେ ପେଟି ଠିକାଦାର ଭରସାରେ ନିମ୍ନ ମାନର କାର୍ଯ୍ୟକୁ କେତେ ଭାଗ ବଣ୍ଟା ରେ ପ୍ରଶ୍ରୟ ଦିଆଯାଉଛି ତାହା କେବଳ ସେଇ ବିଭାଗୀୟ ଅଧିକାରୀ ମାନଙ୍କୁ ଜଣା ।ତେବେ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଜଣାପଡ଼ିବା ସହ ଭଦ୍ର ମୁଖା ତଳେ ଦୁର୍ନୀତି ଖୋର ଅଭଦ୍ର ମୁଖା ସାମ୍ନା କୁ ଆସିବ ବୋଲି ସାଧାରଣ ରେ ବେଶ୍ ଚର୍ଚ୍ଚା ର ବିଷୟ ହୋଇଛି ।







## ଯୁବକଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ହିଞ୍ଜିଳିକାଟୁ ୧୭/୪(ନି.ପ୍ର): ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ଘୋଡାହାଡ ନଦୀ ନିକଟସ୍ଥ ଶଶ୍ମାନ ପରିସର ଏକ ବରଗଛ ଶାଖାରେ କପଡା ରଶି ଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି । ମୃତକ ଜଣଙ୍କ ହେଲେ ହିଞ୍ଜିଳିକାଟୁ ପୌରାଞ୍ଚଳ ଜୟମଙ୍ଗଳ ସାହିର ମଣ୍ଟୁ ଅ ମୁଷା ବେହେରା (୨୦) । ଖବର ପାଇ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଝୁଲନ୍ତା ମୃତଦେହକୁ ଉଦ୍ଧାର କରିଥିଲେ । ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି । ଏ ନେଇ ହିଞ୍ଜିଳି ଥାନାରେ କେସ ନଂ- ୬/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ରଖିଛି । ଗୁରୁବାର ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଯିବ ବୋଲି ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି । ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି ।

## କୁଟାରୀ ଉଦ୍ଧାର କଲା ବନବିଭାଗ

ପାଟଣା ୧୭/୪(ନି.ପ୍ର): ପାଟଣା ବନାଞ୍ଚଳ ଅନ୍ତର୍ଗତ ସାହାରପଡା ବ୍ଲକ ରାଇଡିହା ଗ୍ରାମରୁ ଆଜି ସକାଳ ୭ଟା ସମୟରେ ବନପାଳ ଭୂପତି ସେଠୀ ଏକ ୨ ବର୍ଷର ଅଣ୍ଡିରା କୁଟାରୀ ଉଦ୍ଧାର କରିଛନ୍ତି ।ଗତରାତି ଗ୍ରାମ କୁ ପଶି ଆସିଥିବା କୁଟାରୀ ଟି ପନିପରିବା ଚାଷ ପାଇଁ ଘେରା ଯାଇଥିବା ପ୍ଲାଷ୍ଟିକ ଜାଲରେ ଛନ୍ଦି ହୋଇ ଯାଇଥିଲା ।ଗ୍ରାମ ବାସୀ ଏହାକୁ ଉଦ୍ଧାର କରି ବନବିଭାଗ କୁ ଖବର ଦେଇଥିଲେ ।ଖବର ପାଇ ବନପାଳ ଭୂପତି ସେଠୀ,ବନରକ୍ଷୀ ଦୀପକ ରଣା ଓ ପାରା କର୍ମଚାରୀ ମାନେ ରାଇଡିହା ଯାଇ କୁଟାରୀ ଟିକୁ ଉଦ୍ଧାର କରି ପାଟଣା ପ୍ରାଣୀ ଚିକିତ୍ସାଳୟ ରେ ଚିକିତ୍ସା କରାଇଛନ୍ତି ।ସେ ସୁସ୍ଥ ହେଲେ ତାକୁ ଜଙ୍ଗଲରେ ଛାଡି ଦିଆଯିବ ବୋଲି ସୂଚନା ଦିଆଯାଇଛି ।

## ଘର ଭାଙ୍ଗିଲା ଗୋଠ ଛଡା ଦନ୍ତା

ପାଟଣା ୧୭/୪(ନି.ପ୍ର): ଘଟଗାଁ ବନାଞ୍ଚଳ ଅନ୍ତର୍ଗତ ମନୋହରପୁର ପଞ୍ଚାୟତ ଗଣ୍ଡଶିଳା ଗ୍ରାମର ମୁଣ୍ଡା ସାହିର ବିଧବା ମହିଳା ନମିତା ମୁଣ୍ଡା ଙ୍କ ଘରକୁ ଏକ ଗୋଠ ଛଡା ଦନ୍ତା ଭାଙ୍ଗି ଖିନଭିନ କରିଦେଇଛି ।ଘରର ଗୋଟିଏ ପାଖ ଦନ୍ତା ଟି ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛି ।ଘରର ଅନ୍ୟ ପାର୍ଶ୍ୱରେ ସୋଇଥିବା ନମିତା ଓ ତାଙ୍କ ପିଲାମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।ଖବର ପାଇ ବନବିଭାଗ ପକ୍ଷରୁ ଆଜି ବନପାଳ ଘଟଣା ସ୍ଥଳକୁ ଯାଇ କ୍ଷୟ କ୍ଷତି ର ତଦନ୍ତ କରିଛନ୍ତି ।ନମିତା କୁ ସରକାରୀ ଯୋଜନାରେ ଘର ଯୋଗାଇ ଦିଆ ଯିବାକୁ ସେ ଦାବି କରିଛନ୍ତି ।

# ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ





କଣାସ ୧୭/୪(ନି.ପ୍ର): ପୁରୀ ଜିଲ୍ଲା କଣାସ ପଞ୍ଚାୟତ ସମିତି ସଭା ଗୃହରେ ଦଶମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି ବୈଠକରେ ବ୍ଲକ୍ ଅଧକ୍ଷା ପ୍ରଭାତୀ ରାଉତ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇଥିଲେ । ବୈଠକ ଆରମ୍ଭରୁ ହୋହାଲ୍ଲା ମଧ୍ୟରେ ଦେଇପୁର ସମିତିସଭ୍ୟ ମନୋରଞ୍ଜନ ପାଇକରାୟ,ଦୋକନ୍ଦା ସମିତି ସଭ୍ୟା କସ୍ତୁରୀ ହରିଚନ୍ଦନ ଓ ଆଳିବାଡ ସମିତିସଭ୍ୟ ସୁବାସ ପ୍ରଧାନ ସମିତିସଭ୍ୟ ସେୟାର ପଞ୍ଚାୟତରେ ବିନିଯୋଗ ହେଉନଥିବାରୁ ଉଦବେଗ୍ ପ୍ରକାଶ କରିଥିଲେ ।ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ବିଧାୟକ ଓମ୍ ପ୍ରକାଶ ମିଶ୍ର ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ପରେ ପାନୀୟ ଜଳ ସମ୍ପର୍କରେ ଖରାଦିନେ ବିଭିନ୍ନ ପଞ୍ଚାୟତରେ କିଭଳି ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଣ ଓ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟର ସ୍ଥିତି ଉପରେ ବିଶେଷ ଆଲୋଚନା ହୋଇଥିଲା ।ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ବିଦ୍ୟାଳୟ ନାମରେ ପଟ୍ଟା ବଣ୍ଟନ ସମ୍ପର୍କରେ ବିଭାଗୀୟ ଅଧିକାରୀ ଓ ଅତିରିକ୍ତ ତହସିଲଦାର ଆଲୋଚନା କରିଥିଲେ ।ଶେଷରେ ମିଶନଶକ୍ତି ଓ ମହିଳା ଶିଶୁ ବିକାଶ ବିଭାଗର ପୃଷ୍ଟିକର ଛତୁଆ ବଣ୍ଟନ ଉପରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ସ୍ୱାଇଁ,ବ୍ଲକ୍ ଉପାଧକ୍ଷ ଅଭିମନ୍ୟୁ ଜୟସିଂହ,ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀ, ଏବିଡିଓ ମଙ୍ଗଳସିଂହ ହେମ୍ବ୍ରମ,ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦେବ ,ପ୍ରଣତି ଜେନା,ସିଡ଼ିପିଓ ସ୍ମିତା ମହାନ୍ତି,ଅର୍ ଡବ୍ଲୁ ଏସ ଏସ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟ,କଣାସ ଥାନା ଅଧିକାରୀ ପ୍ରଦୀପ କୁମାର ଜୁଝରସିଂହ ,ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତିସଭ୍ୟ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ଅସନ୍ତୋଷ ପ୍ରକାଶ କରି ବିଜେଡି ରେ ସାମିଲ ହେଲେ ୪୦ରୁ ଉର୍ଦ୍ଧ୍ୱ ବିଜେପି ପରିବାର



ପୋଲସରା ୧୭/୪(ନି.ପ୍ର): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ୧୬/୦୪/୨୫ ତାରିଖ ବୁଧବାର ଦିନ ପୋଲସରା ବ୍ଲକ୍ ଅନ୍ତର୍ଗତ ଗୋଛାବାଡ଼ି ଗ୍ରାମ ପଞ୍ଚାୟତର ୪୦ ରୁ ଉର୍ଦ୍ଧ୍ୱ ବିଜେପି ପରିବାର ବିଜେପି ତ୍ୟାଗ କରି ବିଜୁ ଜନତା ଦଳରେ ସାମିଲ ହୋଇଥିବା ଜଣାପଡିଛି । ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର ନାଥ ପ୍ରଧାନଙ୍କ ସଭାପତିତ୍ୱରେ ଗ୍ରାମରେ ଏକ ସଭାର ଆୟୋଜନ କରାଯାଇ କସିପଡା ସ୍ଥିତ ମାଁ ସିଂହାସନୀଙ୍କ ଶକ୍ତି ପୀଠରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗଦେଇ ବିଜେପି ଛାଡିଥିବା ୪୦ରୁ ଉର୍ଦ୍ଧ୍ୱ ପରିବାରକୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ବିଧିବଦ୍ଧ ଭାବେ ବିଜେଡି ଦଳରେ ସାମିଲ୍ କରାଇଥିଲେ । ଗତଦିନ ତଳେ ବିଜେଡି ଛାଡ଼ି କିଛି ଲୋକ ବିଜେପିରେ ସାମିଲ ହୋଇଥିବା ବେଳେ ଦିର୍ଘ ଦିନ ଧରି ବିଜେପିର ପ୍ରତ୍ୟେକ ସୁବିଧା ଓ ଅସୁବିଧା ସମୟରେ ଛିଡା ହେଇ ଆସୁଥିବା ଆଗଧାଡିର କର୍ମୀ ମାନେ ତାଙ୍କ ପ୍ରତି ଆଣଦେଖା କରି ନିଜ ଫାଇଦା ପାଇଁ ସେମାନଙ୍କୁ ଦଳରେ ନେଇଥିବା ବେଳେ ଅସନ୍ତୋଷ ପ୍ରକାଶ କରି ବିଜେଡିରେ ସାମିଲ ହୋଇଛନ୍ତି ।ଗୋଛାବାଡି ପଞ୍ଚାୟତର ବିଜେଡି ସଭାପତି ଧିରୋଜ କୁମାର ସାହୁ ଙ୍କ ନେତୃତ୍ୱରେ ଟୁନା ବେହେରା, ଗତିକର ସାହୁ, ନାରାୟଣ ସ୍ୱାଇଁ, ପ୍ରଶନ ଗୌଡ଼, କାଳିଆ ଗୌଡ଼, କୃତିବାସ ଗୌଡ଼, କୁନା ବେହେରା ସମେତ ୪୦ ରୁ ଉର୍ଦ୍ଧ୍ୱ ବିଜେପି ପରିବାର ବିଜେଡିରେ ସାମିଲ ହୋଇଥିଲେ । ଜିଲ୍ଲା ପରିଷଦ ମେମ୍ବର ଅଶୋକ ବିଷୋୟୀ ଓ ବିକ୍ରମ ନାୟକଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

## ଭିଜିଲାସନ୍ସ ପଞ୍ଝା ରେ ସହକାରୀ ନିର୍ବାହି ଯନ୍ତ୍ରୀ

ଆଠମଲ୍ଲିକ ୧୭/୪(ନି.ପ୍ର): ଆଠମଲ୍ଲିକ ବ୍ଲକ ଅଫିସ ର ସହକାରୀ ନିର୍ବାହି ଯନ୍ତ୍ରୀ ରାମଚନ୍ଦ୍ର ପଟନାୟକ ଙ୍କ ସରକାରୀ ବାସଭବନ ରେ ଆୟବହିର୍ଭୁତା ସମ୍ପତି ଠୁଳ ଅଭିଯୋଗ ରେ ଭିଜିଲାସନ୍ସ ଚଢ଼ାଉ କରିଥିବା ଜଣା ପଡିଛି ।ତାଙ୍କ ନାମରେ ପୂର୍ବ ରୁ ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗ ହୋଇ ଆସୁଥିଲା । ବିଭିନ୍ନ ବିଇଲ ପାସ୍ କରାଇ ଦେବା ପାଇଁ ମୋଟା ଅଙ୍କ ର ଅର୍ଥ ଦାବି କରୁଥିଲେ ।ଆଠମଲ୍ଲିକ ପଂଚାୟତ ର ସରପଞ୍ଚ ଙ୍କ ଅଭିଯୋଗ କ୍ରମେ ଭିଜିଲାସନ୍ସ ଏହି ଚଢଉ କରିଥିବା ଜଣାପଡିଛି ।ତାଙ୍କର ସରକାରୀ ବାସଭବନ ଏବଂ ଅଫିସ ରେ ଚଢ଼ାଉ କରି ବହୁତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି । ରିପୋର୍ଟ ପ୍ରସ୍ତୁତି କରିବା ପର୍ଯ୍ୟନ୍ତ ଭିଜିଲାନ୍ସ ଟିମ ତାଙ୍କର ସରକାରୀ ବାସଭବନରେ, ପୈତୃକ ବାସଭବନ, ବ୍ଲକ ଅଫିସ, ସହିତ ଏ କକାଳୀନ ୯ସ୍ଥାନ ରେ ଚଢ଼ାଉ ଜାରି ରଖିଥିଲା ।

# କବିଭୂଷଣ ରାଜକିଶୋର ପଟ୍ଟନାୟକଙ୍କ ୧୨୨ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ଓ ବାର୍ଷିକ ଉତ୍ସବ -୨୦୨୫ ମହା ସମାରୋହରେ ପାଳିତ

ଢେଙ୍କାନାଳ୧୭/୪(ନି.ପ୍ର): କବିଭୂଷଣ ରାଜକିଶୋର ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ଏହି ଅବସରରେ ଢେଙ୍କାନାଳ ଗର୍ବ ଗୌରବ,ସମର କବି ବ୍ରଜନାଥଙ୍କୁ ଆଲୋକକୁ ଆଣିଥିବା ମୁଖ୍ୟ ସୂତ୍ରଧର ଏ ମାଟିର ବିଶିଷ୍ଟ କବି ସାହିତ୍ୟିକ ତଥା ଶିକ୍ଷାବିତ୍ କବିଭୂଷଣ ରାଜକିଶୋର ପଟ୍ଟନାୟକଙ୍କର ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ତଥା ସଂସଦର ବାର୍ଷିକ ଉତ୍ସବ -୨୦୨୫ ସ୍ଥାନୀୟ ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ ସଂସ୍କୃତି ଭବନରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟସୂଚୀ ଅନୁସାରେ ଅପରାହ୍ନ ୦୯ ଘଟିକା ସମୟରେ ସ୍ଥାନୀୟ କବିଭୂଷଣ ମାର୍ଗ ସ୍ଥିତ କବିକୁଟୀର ଠାରେ ସଂସଦର ସଭାପତି ଶଙ୍କର୍ଷଣ ଶତପଥୀଙ୍କ ପୌରୋହିତ୍ୟରେ କବିଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ଏହି ଉପଲକ୍ଷେ ଅନୁଷ୍ଠିତ ପ୍ରାତଃ ଆଲୋଚନା ସଭାରେ କବିଭୂଷଣ ସ୍ମୃତି ସଂସଦର ସଭାପତି ଶଙ୍କର୍ଷଣ ଶତପଥୀ ଅଧ୍ୟକ୍ଷତା କରିଥିଲେ । ସମାଜସେବୀ ରାଜୀବ ଲୋଚନ ସିଂଦେଓ,ସୁସାହିତ୍ୟିକ ତପନ କୁମାର ଶତପଥୀ,ଉପସଭାପତି ଡ.ସମିର କୁମାର ସାହୁ,ଉପସଭାପତି ଡ.ପ୍ରମୋଦ କୁମାର ନାୟକ,ସଂପାଦକ,କବିପୁତ୍ର ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ,କବି ଅବନୀ ମିଶ୍ର,ଉପ ସଭାପତି କବି ନିର୍ମଳା ମହାପାତ୍ର,ଡ.କବିତା ମହାନ୍ତି,ଆଲୋକ କୁମାର ଦାସ,ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ,ବିଭୁତି ଭୂଷଣ ପଟ୍ଟନାୟକ, ଆଶିଷ କୁମାର ପାଲ୍,କନ୍ୟା ସୁରମା,ପ୍ରତିମା ଓ ସୁକାନ୍ତି,ବୋହୂ ସୁମିତାରାୟ ପଟ୍ଟନାୟକ,ପୁତ୍ରବଧୂ ଅଞ୍ଜୁ ଅସ୍ମିନ,ନାତି ପି.ପରମଜିତ୍,ନାତୁଣୀ କିରଣମୟୀ ପ୍ରୀତିପୂଜା,ପୁତୁରା ଅବନିଶ ପଟ୍ଟନାୟ,ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ,ପଣ୍ଡିତ ଡା.ରୁଦ୍ରନାରାୟଣ ମିଶ୍ର ସ୍ମୃତି ସଂସଦ,ରେଣୁବାଳା ସ୍ମୃତି ସଂସଦର ଆଜୀବନ ସଭ୍ୟ,ତଥା କବିଭୂଷଣ ସ୍ମୃତି ସଂସଦର ସଙ୍ଗଠନ ସମ୍ପାଦକ ଶିକ୍ଷାବିତ୍ ଡ଼ା.ଦେବୀ ପ୍ରସାଦ ମିଶ୍ର ପ୍ରମୁଖ କବିଙ୍କ ପ୍ରତିମୂର୍ତ୍ତିରେ ଧୂପ,ଦୀପ,ପୁଷ୍ପ ଓ ଚନ୍ଦନ ଅର୍ପଣ କରିଥିଲେ ।ଅପରାହ୍ନ ୦୪ ଘଟିକା ସମୟରେ କବିତା ପାଠୋତ୍ସବ 'କବି ଓ କବିତା 'ରେ ଅନେକ କବି ସ୍ୱରଚିତ କବିତା ପାଠ କରିଥିଲେ ।ସଭାମୁଖ୍ୟ ଭାବରେ ଉପସଭାପତି କବି ନିର୍ମଳା ମହାପାତ୍ର ଓ ଅତିଥି ଭାବରେ ଉପସଭାପତି ଡ.ପ୍ରମୋଦ କୁମାର ନାୟକ,ସଂଯୋଜିକା ଭାବରେ ଡ.କବିତା ମହାନ୍ତି ଓ କାଦମ୍ବରୀ ମହାଖୁଡ଼ କବିତା ସଂଯୋଜନା କରିଥିଲେ ।ଏକଦା କବିଙ୍କର ଚାକିରୀସ୍ଥାନ ଥିବା ସ୍ଥାନୀୟ ଜର୍ଜ ସ୍କୁଲ୍ ପ୍ରାଙ୍ଗଣରେ କବିଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ପାଇଁ ସମୂହ ଭାବରେ ପ୍ରସ୍ତାବ ଆଗତ ହୋଇଥିଲା । ସଂଧ୍ୟା ୬ଟାରେ ସଭାପତି ଶଙ୍କର୍ଷଣ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ସଭାରେ ଉଦ୍ ଘାଟକ ଭାବରେ ମାନ୍ୟବର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ,ବିଶିଷ୍ଟ ଅତିଥି ଭାବରେ ଶିକ୍ଷାବିତ୍ ଆପ୍ତକାମ ମିଶ୍ର ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ତପନ କୁମାର ଶତପଥୀ,ଡିଆଇଇଟିର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ କବିଭୂଷଣଙ୍କ ଜୀବନୀ,ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ ଓ ସମସ୍ତେ ସେଥିରୁ ପ୍ରେରଣା ଲାଭ କରି ନିଜ ନିଜ ଜୀବନକୁ ସାର୍ଥକ କରିବାକୁ ସଂକଳ୍ପ ନେବା ଉଚିତ୍ ବୋଲି ଦୃଢ଼ ଆହ୍ୱାନ ଜଣାଇଥିଲେ ।କବି ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ମଙ୍ଗଳାଚରଣ ଗାନ ସହ ଶାନ୍ତିପାଠ କରିଥିଲେ । ସଂଗଠନର ଉପ ସଭାପତି ଡ.ସମିର କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।ସଂପାଦକ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ସଂପାଦକୀୟ ବିବରଣୀ ପାଠ କରିଥିଲେ । କବିଭୂଷଣଙ୍କର ପୂଣ୍ୟତୀର୍ଥ କପିଳାସ,ଶିଳ୍ପୀ ପରେଶଙ୍କର ବୋଉର କାଠବାକ୍ସ ଗଳ୍ପ ପୁସ୍ତକ,ଶଙ୍କର୍ଷଣ ଶତପଥିଙ୍କର ଲେଖକ ପରିଚିତି,ଡ.କବିତା ମହାନ୍ତିଙ୍କର ଶ୍ରୀମଦ୍ ଭାଗବତରେ ବଂଶାନୁଚରିତ,ସପ୍ତଶଯ୍ୟା ଶ୍ରୀ ଜଗନ୍ନାଥ ମଠର ମଠାଧୀଶ ସୁରମା ପଟ୍ଟନାୟକଙ୍କ ସୌଜନ୍ୟରୁ ହସ୍ତ ତିଆରି ପତ୍ରିକା ଶ୍ରୀ ରଙ୍ଗରାଜକୁ ମଞ୍ଚାସୀନ ଅତିଥିବୃନ୍ଦଙ୍କ କରକମଳରେ ଲୋକାର୍ପଣ କରାଯାଇଥିଲା । ଏହି ଅବସରରେ ଉପଯୁକ୍ତ ଚୟନ ପ୍ରକ୍ରିୟାରେ ରାଜ୍ୟସ୍ତରୀୟ ଗଞ୍ଜାମର ଲକ୍ଷ୍ମୀ ନାରାୟଣ ଦାସଙ୍କୁ ସମର କବି ବ୍ରଜନାଥ ସ୍ମୃତି ସମ୍ମାନ,ଅନୁଗୋଳର ଶିଳ୍ପୀ ଆନନ୍ଦ ଚନ୍ଦ୍ର ମହାପାତ୍ରଙ୍କୁ କବିଭୂଷଣ ସ୍ମୃତି ସମ୍ମାନ, ଢେଙ୍କାନାଳର ଡ.ରଜନୀକାନ୍ତ ତରେଇଙ୍କୁ ଶ୍ରୀରଙ୍ଗରାଜ ସମ୍ମାନ,କରୁଣାକର ବାରିକଙ୍କୁ କବି ପ୍ରତିଭା ସମ୍ମାନ,ବିଭାବନା ଅନୁଷ୍ଠାନକୁ ଶ୍ରେଷ୍ଠ ସଙ୍ଗଠନ ସମ୍ମାନ ଏ୍ଂ ଡ.ଅନୁପମା ମିଶ୍ର ମିଶ୍ର ଓ ଡ଼ା.ଦେବୀ ପ୍ରସାଦ ମିଶ୍ରଙ୍କ ଦ୍ୱାରା ପ୍ରାୟୋଜିତ ଶିକ୍ଷାବିତ୍ ପଣ୍ଡିତ ଡା.ରୁଦ୍ର ନାରାୟଣ ମିଶ୍ର ସ୍ମୃତି ଆଦର୍ଶ ଶିକ୍ଷକ ସମ୍ମାନ ନିହଲପ୍ରସାଦର ନିରଞ୍ଜନ ସାହୁଙ୍କୁ ପ୍ରଦାନ କରାଯାଇଥିଲା । ଡ୍ରଇଂ ପ୍ରତିଯୋଗିତାରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଢେଙ୍କାନାଳର ଗୁରୁଛାତ୍ରୀ ଅଳକା ଭୋଇ ପ୍ରଥମ,ଶୁଭଲକ୍ଷ୍ମୀ ନାୟକ ଦ୍ୱିତୀୟ ଓ ଗୁରୁଛାତ୍ର ଚିତ୍ରସେନ ନାଏକ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ମଞ୍ଚାସୀନ ଅତିଥିବୃନ୍ଦଙ୍କ ଦ୍ୱାରା ପ୍ରଶଂସାପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିସହ କବିଭୂଷଣ ସ୍ମୃତି ସଂସଦ ବଡଜେନା ସାହିତ୍ୟ ସଂସଦ,ଜିଲ୍ଲା ଲେଖକ ସଂସଦ,ଗଁଦିଆ ସ୍ମୃତି ସଂସଦ,ସାଗର ସାହିତ୍ୟ ସଂସଦ,ପଣ୍ଡିତ ଡା. ରୁଦ୍ରନାରାୟଣ ମିଶ୍ର ସ୍ମୃତି ସଂସଦ,ସାଂଖ୍ୟ ମହାବିଦ୍ୟାଳୟ,ପୂଜ୍ୟପୂଜା ପରିଷଦ,ଜନ ଜାଗ୍ରତ ମଂଚ ଭଳି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କର୍ମକର୍ତାମାନେ ଉଦ୍ଘାଟିକା ମୁଖ୍ୟ ଅତିଥି ଓ ମଞ୍ଚାସୀନ ଅତିଥିବୃନ୍ଦଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା । କବିଭୂଷଣଙ୍କ ଅମର କୃତିଗୁଡିକ ମଧ୍ୟରେ 'ଶ୍ରୀମଦ୍ ଭଗବତ୍ ଗୀତା ପଦ୍ୟ ଅନୁବାଦ', 'ଗାୟତ୍ରୀ ରାମାୟଣ', 'ଶ୍ରୀହରି ଜନ୍ମାଷ୍ଟମୀ', 'ଉଦ୍ଧବ ସନ୍ଦେଶ ଓ ଭ୍ରମର ଗୀତ', 'ଶ୍ରୀ ଚୈତନ୍ୟ ଚରିତାମୃତ', 'ଶମ୍ଭୁକ୍ଷେତ୍ର କପିଳାସ ଓ ଶ୍ରୀଧର ସ୍ୱାମୀ', 'ଶ୍ରୀ ଗୀତଗୋବିନ୍ଦର ଭାଷ୍ୟଟୀକା', ପିଲାମାନଙ୍କ ପାଇଁ 'ସଜ ପାଠ', 'ଶିଶୁ ସଖା', 'ଶିଶୁ ସାଥୀ', 'ବର୍ଣ୍ଣବୋଧ', 'ଆଦର୍ଶ ମାନସାଙ୍କ' ସହିତ ଇଂରାଜୀ ଭାଷାରେ 'ଦି ରାମାୟଣ', 'ଦି ମହାଭାରତ ଷ୍ଟୋରି',ପାଠାଗାର ପୁସ୍ତକ ପାଇଁ 'ଜୀବନୀ ପ୍ରବାହ' କାଳିଦାସଙ୍କର 'କୁମାର ସମ୍ଭବ' କାବ୍ୟକୁ ଓଡ଼ିଆରେ ଅନୁବାଦ ଆଦି ସଫଳ ସାହିତ୍ୟକୃତିଗୁଡିକ ସାହିତ୍ୟ ଓ ଆଧ୍ୟାତ୍ମିକ ଜଗତକୁ ଗୋଟିଏ ଗୋଟିଏ ଅମୂଲ୍ୟ ଦାନ କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ଅଭିମତ ରଖିଥିଲେ ।ବିଭିନ୍ନ ସାରସ୍ୱତ ଅନୁଷ୍ଠାନମାନଙ୍କ ତରଫରୁ ସମସ୍ତ ଅତିଥିମାନଙ୍କୁ ମାନପତ୍ର,ଉତ୍ତରୀୟ,ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଭୃତି ପ୍ରଦାନ କରାଯାଇ ଥିଲା ।କାର୍ଯ୍ୟକ୍ରମ ଶେଷରେ କବିଭୂଷଣ ସ୍ମୃତି ସଂସଦର ସଂଗଠନ ସଂପାଦକ ଡା.ଦେବୀ ପ୍ରସାଦ ମିଶ୍ର ସ୍ୱୀୟ ଅଭିଭାଷଣରେ 'କବିଭୂଷଣ ସ୍ମରଣେ' କବିତା ପାଠ କରିବା ସଙ୍ଗେ ସଙ୍ଗେ କବିଭୂଷଣ ରାଜ କିଶୋର ପଟ୍ଟନାୟକଙ୍କୁ ଜଣେ ସୁନାମଧନ୍ୟ ଲେଖକ,କବି,ପ୍ରାବନ୍ଧିକ, ସୁସାହିତ୍ୟିକ,ଜଣେ ଅତ୍ୟନ୍ତ ସଦଗୁଣଧାରୀ,ଅମାୟିକ,ସ୍ନେହୀ, ଧର୍ମପ୍ରାଣ,ପରୋପକାରୀ,ମହାନ୍ ସାରସ୍ୱତ ସାଧକ,ଶିକ୍ଷାବିତ୍ ପ୍ରବାଦ ପୁରୁଷ ଭାବରେ ବର୍ଣନା କରି ସେ ସର୍ବଜନାଦୃତ ହୋଇ ଅମରତ୍ୱ ଲାଭ କରିଛନ୍ତି ବୋଲି ଦୃଢ଼ ମତପ୍ରକାଶ କରିଥିଲେ ।ଓଡ଼ିଶାର ଆଧ୍ୟାତ୍ମିକ ଓ ସାରସ୍ୱତ ଜଗତରେ ସେ ଜଣେ ଦେଦିପ୍ୟମାନ ଉଜ୍ଜ୍ୱଳ ତାରକା ଭାବରେ ଚିରଦିନ ପାଇଁ ପ୍ରତିଭାତ ଓ ଉଭାସିତ ହୋଇ ରହିବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ ସମ୍ପାଦକ ଶିକ୍ଷାବିତ୍ ହୃଦାନନ୍ଦ ଦ୍ୱିବେଦୀ ଗୀତା ପାଠ ଓ ଡ . ପ୍ରମୋଦ କୁମାର ନାୟକ ସ୍ୱାଗତ ସଙ୍ଗୀତଗାନ କରିଥିଲେ । ସଂଗଠନ ସମ୍ପାଦକ ଡ.ଦେବୀ ପ୍ରସାଦ ମିଶ୍ର ଓ ଗୁରୁ ଆଶିଷ ପାଲ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲା । ପରିଶେଷରେ ସ୍ଥାନୀୟ ଅଗ୍ରଣୀ ଅନୁଷ୍ଠାନ ନୀତା ନୃତ୍ୟାଙ୍ଗନା ଓ ସୁରଙ୍ଗନା କଳା ନିକେତନ ପକ୍ଷରୁ ଗୁରୁ ଆଶିଷ ପାଲ୍,ସୁଶ୍ରୀ ବିକେ ଜିତେନ୍ଦ୍ର କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବର୍ଣ୍ଣାଢ଼୍ୟ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଦର୍ଶକମଣ୍ଡଳୀ ଦ୍ୱାରା ବେଶ୍ ଉପଭୋଗ୍ୟ ହୋଇଥିଲା ।ସଂସଦର ସଂଗଠନ ସମ୍ପାଦକ ଓ ମିଡ଼ିଆ ପ୍ରଭାରୀ ଶିକ୍ଷାବିତ୍ ଡ.ଦେବୀ ପ୍ରସାଦ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା କରାଯାଇଥିଲା ।

# ଦେଶର 'ରତ୍ନ'ଙ୍କୁ ଓଡ଼ିଶାରେ ଉପେକ୍ଷା

ଭୁବନେଶ୍ୱର,୧୭/୪: ସ୍ୱାଧୀନତା ସଂଗ୍ରାମୀ, ବିଖ୍ୟାତ ଜନନାୟକ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତି ପ୍ରତ୍ୟେକ ଓଡ଼ିଆଙ୍କ ମନରେ ରହିଛି ପ୍ରଚଣ୍ଡ ଶ୍ରଦ୍ଧା ଓ ଅସୀମ ଭଲପାଇବା। ରାଜ୍ୟର ବିକାଶରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ଓଡ଼ିଶାବାସୀ ଭୁଲି ନାହାନ୍ତି; ସ୍ୱାଧୀନତା ସଂଗ୍ରାମ ଓ ପରବର୍ତ୍ତୀ ସମୟରେ ଦେଶଗଠନରେ ତାଙ୍କର ଭୂମିକାକୁ ମଧ୍ୟ ଭାରତବାସୀ ଭୁଲିବେ ନାହିଁ। ତାଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶାବାସୀଙ୍କ ଦାବି ଏଯାଏ ଅପୂରଣୀୟ ରହିଛି। ସମଗ୍ର ଓଡ଼ିଆ ଜାତି ବିଜୁ ପଟ୍ଟନାୟକଙ୍କୁ ନେଇ ଗର୍ବ କରୁଥିବାବେଳେ ରାଜ୍ୟର ବିଜେପି ସରକାରଙ୍କୁ 'ବିଜୁ'ଙ୍କ ନାମ ବିଷ ପରି ଲାଗୁଛି। ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରଠାରୁ ବିଜୁ ପଟ୍ଟନାୟକଙ୍କ ନାମ ଥିବା ଏକାଧିକ ଯୋଜନାକୁ ପରିବର୍ତ୍ତନ କରିଛି। ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ଏକାଧିକ ଯୋଜନାର ନାମ ପରିବର୍ତ୍ତନ କରିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ବିଜୁ ସେତୁ ଯୋଜନା, ବିଜୁ ପକ୍କାଘର ଯୋଜନା, ବିଜୁ କେବିକେ ଯୋଜନା ଆଦିର ନାମ ପରିବର୍ତ୍ତନ କରିଛନ୍ତି । ବିଜୁ ପଟ୍ଟନାୟକଙ୍କ ନାମରେ ଦିଆଯାଉଥିବା ରାଜ୍ୟକ୍ରୀଡ଼ା ପୁରସ୍କାର ନାମକୁ ମଧ୍ୟ ପରିବର୍ତ୍ତନ କରିବାକୁ ରାଜ୍ୟ ସରକାର ଉଦ୍ୟମ କରିଥିଲେ। ମାତ୍ର ରାଜ୍ୟବ୍ୟାପୀ ଏହା ବିରୋଧରେ ଅସନ୍ତୋଷ ତେଜିବା ପରେ ସରକାର ଏଥିରୁ ବିରତ ରହିଥିଲେ। ତେବେ ପରବର୍ତ୍ତୀ ସମୟରେ କ୍ରମାଗତ ଭାବେ ରାଜ୍ୟ ସରକାର ବିଜୁ ନାମ ଥିବା ପ୍ରତିଟି ଯୋଜନା, କାର୍ଯ୍ୟକ୍ରମ ତଥା ସ୍ଥଳବିଶେଷର ନାମ ପରିବର୍ତ୍ତନ କିମ୍ବା ବାଦ୍ ଦେବା ନେଇ ଉଦ୍ୟମ ଜାରି ରଖିଛନ୍ତି। ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରବର୍ତ୍ତକ ଭାବରେ ବିଜୁଙ୍କ ଜୟନ୍ତୀରେ ପାଳନ ହେଉଥିବା ପଞ୍ଚାୟତିରାଜ ଦିବସକୁ ପରିବର୍ତ୍ତନ କରାଯାଇଛି ଓ ସରକାରୀ ଛୁଟିକୁ ବାତିଲ କରିଦିଆଯାଇଛି । ଏବେ ରାଜ୍ୟରେ ବିଜ୍ଞାନ ଗବେଷଣା କ୍ଷେତ୍ରରେ ପ୍ରଦାନ କରାଯାଉଥିବା ବିଜୁ ପଟ୍ଟନାୟକ ରିସର୍ଚ୍ଚ ଫେଲୋସିପ୍‌କୁ ବନ୍ଦ କରିବାକୁ ଆପାତତଃ ନିଷ୍ପତ୍ତି ନିଆଯାଇଛି । ପୂର୍ବ ସରକାର ଏହି ଫେଲୋସିପ୍ ବାବଦ ଅର୍ଥ ବୃଦ୍ଧି ପାଇଁ ନେଇଥିବା ନିଷ୍ପତ୍ତିକୁ ନୂଆ ସରକାର କାର୍ଯ୍ୟକାରୀ କରି ନାହାନ୍ତି । କେବଳ ଏତିକି ନୁହେଁ; ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ଇସ୍ପାତ ଏକାଡେ଼ମୀକୁ ମୃତ୍ୟୁ ଶଯ୍ୟାକୁ ଠେଲି ଦିଆଯାଇଛି। ବିଜୁ ପଟ୍ଟନାୟକ ନେସନାଲ ଷ୍ଟିଲ ଏକାଡେ଼ମୀକୁ ଆଇଆଇଟି ସମତୁଲ ଏକ ପ୍ରତିଷ୍ଠାନରେ ପରିଣତ କରିବାକୁ ତତ୍କାଳୀନ ୟୁପିଏ ସରକାର ଯୋଜନା କରିଥିବା ବେଳେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏହାକୁ ଲୋପ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛି। ସେହିପରି ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରୁ ବିଜୁଙ୍କ ନାମକୁ ଲିଭାଇବା ପ୍ରସ୍ତୁତି ବି ରାଜ୍ୟ ସରକାର ଆରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ସରକାରୀ ଚିଠିରେ ଏହାକୁ ସମ୍ପ୍ରତି ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ପରିବର୍ତ୍ତେ ଭୁବନେଶ୍ୱର ଆନ୍ତର୍ଜାତୀୟ ବିମାନବନ୍ଦର ବୋଲି ଉଲ୍ଲେଖ କରାଯାଉଛି । ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷର ସ୍ୱର ଉଠିଛି। ସରକାର ଇଚ୍ଛାକୃତ ଓ ଉଦ୍ଦେଶ୍ୟମୂଳକ ଭାବରେ ବିଜୁ ପଟ୍ଟନାୟକଙ୍କ ନାମକୁ ଲୋପ କରିବାକୁ ଗୁପ୍ତ ପ୍ରକ୍ରିୟା ଆରମ୍ଭ କରଥିବା ସାଧାରଣରେ ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିବା ଓ ଜାଳିବା ପରି କୁତ୍ସିତ ପରମ୍ପରା ଏବେ ଜନ୍ମ ନେଇଛି । ମାହାଙ୍ଗା, କଟକ, ପାଟଣାଗଡ଼ ଆଦି ସ୍ଥାନରେ ଘଟିଥିବା ଘଟଣାଗୁଡ଼ିକ ଏହି ଆଶଙ୍କାକୁ ଦୃଢ଼ୀଭୂତ କରିଛି। ବିଜୁ ଲିଗାସୀ ଓ ବିଜୁ ପଟ୍ଟନାୟକ ନାମକୁ ନେଇ ବିଜେପିର ଏପରି ବିକାରକୁ ନେଇ ରାଜ୍ୟବାସୀ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ବିଜୁ ପଟ୍ଟନାୟକ ଓଡ଼ିଶାର ବରପୁତ୍ର। ଦେଶର ସ୍ୱାଧୀନତା ପ୍ରାପ୍ତି ତଥା ଓଡ଼ିଶାର ସାମଗ୍ରିକ ବିକାଶ କ୍ଷେତ୍ରରେ ବିଜୁ ବାବୁଙ୍କ ଅବଦାନ ଅତୁଳନୀୟ, ଅବର୍ଣ୍ଣନୀୟ । ତାଙ୍କୁ କୌଣସି ରାଜନୀତିକ ବନ୍ଧନୀ ମଧ୍ୟରେ ସୀମିତ ରଖିବା ଦେଶ ପ୍ରତି ଅସମ୍ମାନ । ବିଜୁ ପଟ୍ଟନାୟକ ହେଉଛନ୍ତି ସେହି ବ୍ୟକ୍ତି, ଯାହାଙ୍କ ପରଲୋକରେ ତିନିଟି ଦେଶର ଜାତୀୟ ପତାକା ଅର୍ଦ୍ଧନମିତ ହୋଇଥିଲା। ତାଙ୍କୁ ଭାରତ ରତ୍ନ ଦେବା ପାଇଁ ଓଡ଼ିଶାବାସୀ ବାରମ୍ବାର କେନ୍ଦ୍ର ନିକଟରେ ଦାବି କରିଛନ୍ତି । ରାଜ୍ୟ ବିଧାନସଭାରେ ଏ ସଂକ୍ରାନ୍ତ ପ୍ରସ୍ତାବ ଗୃହୀତ ହୋଇଛି ଓ କେନ୍ଦ୍ରକୁ ସୁପାରିସ କରାଯାଇଛି। ତାଙ୍କୁ ସମ୍ମାନ ବା ଭାରତରତ୍ନ ଦେବା ପାଇଁ ଉଦ୍ୟମ ତ ଦୂରର କଥା, ଏବେ ତାଙ୍କ ନାମ ଲିଭାଇ ଦେବାକୁ ରାଜ୍ୟ ବିଜେପି ସରକାର ଉଦ୍ୟମ କରୁଛନ୍ତି। ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ କରିବା ପରି କାର୍ଯ୍ୟ ରାଜ୍ୟ ବିଜେପି ସରକାରଙ୍କ ନିରନ୍ତର କରୁଛନ୍ତି ଓ ଏହା ବିଜୁପ୍ରେମୀଙ୍କୁ ପ୍ରଚଣ୍ଡ ଆଘାତ ଦେଇଛି। ତେଣୁ ସଂକୀର୍ଣ୍ଣ ରାଜନୀତିରୁ ଊର୍ଦ୍ଧ୍ୱକୁ ନ ଉଠିଲେ ରାଜ୍ୟବାସୀ ବିଜେପିକୁ କ୍ଷମା କରିବେ ନାହିଁ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି ।

## କାଳବୈଶାଖୀରେ ଜନଜୀବନ ଅସ୍ତବ୍ୟସ୍ତ
## ବୁଡ଼ିଲା ନନ୍ଦନକାନନ ପ୍ରବେଶପଥ





ଚନ୍ଦ୍ରଶେଖରପୁର/ବାରଙ୍ଗ,୧୭/୪: କାଳବୈଶାଖୀ ପ୍ରଭାବରେ ରଘୁନାଥପୁର ଓ ନନ୍ଦନବିହାର ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ରଘୁନାଥପୁର ଛକରେ ମେଡିଆନ୍ ଉପରେ ଥିବା ଏକ ବଡ଼ ଗଛ ଉପୁଡ଼ି ପଡ଼ିବାରୁ ପଟିଆ-ନନ୍ଦନକାନନ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସୂଚନାପାଇ ଚନ୍ଦ୍ରଶେଖରପୁର ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଉପରୁ ଗଛକୁ କାଟି ହଟାଇଥିଲେ। ଫଳରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ସେହିଭଳି ନନ୍ଦନବିହାର ବ୍ୟାଙ୍କ କଲୋନିରେ ଜଳ ନିଷ୍କାସନ ଡ୍ରେନ୍ ଜାମ୍ ହୋଇଯିବାରୁ ଲୋକଙ୍କ ଘରେ ବର୍ଷାପାଣି ପଶିଯାଇଥିଲା। ଦମକଳ ବିଭାଗ ଓ ପୁଲିସ୍‌କୁ ସୂଚନା ଦେବା ପରେ ବର୍ଷାଜଳ ନିଷ୍କାସିତ ହୋଇଥିଲା। ସୂଚନା ଅନୁସାରେ ଏହି ସ୍ଥାନରେ ମାତ୍ର ଅଧ ଘଣ୍ଟା ଲଗାଣ ବର୍ଷା ହେଲେ ନଦୀର ଭ୍ରମ ସୃଷ୍ଟି ହୋଇଥାଏ। ଏହି ସମସ୍ୟା ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଅଦିନିଆ ବର୍ଷାରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଟିକଟଘର ସମ୍ମୁଖ ପ୍ରବେଶପଥରେ ପାଣି ଲହଡ଼ି ଭାଙ୍ଗିଛି। ବର୍ଷା ହେବା ପରେ ଆବର୍ଜନା ପାଣି ଜମି ରହିଛି। ଫଳରେ ଦୂଷିତ ପରିବେଶ ସୃଷ୍ଟି ହୋଇଛି। ନିକଟରେ ରାସ୍ତାଟିକୁ ପୂର୍ତ୍ତ ବିଭାଗ ମରାମତି କରିଥିଲା। କିନ୍ତୁ ଆଜି ଦୂଷିତ ପାଣି ଜମି ରହିଥିବାରୁ ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାସ୍ତା ମରାମତି ବେଳେ ଜଳ ନିଷ୍କାସନ ପ୍ରତି ଗୁରୁତ୍ୱ ଦିଆଯାଇ ନଥିବାରୁ ଏପରି ପରିସ୍ଥିତି ଉପୁଜି ଥିବା ପର୍ଯ୍ୟଟକମାନେ କହିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ମାଗଣା ଚିକିତ୍ସାରେ ମାସକୁ ୨୬୧ କୋଟି

ଭୁବନେଶ୍ୱର,୧୭/୪: ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରୁ ବାଦ୍ ପଡିଥିବା ବୟସ୍କ ଲୋକମାନେ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ହେଉଥିବାବେଳେ ଜାରି ରହିଥିବା ମାଗଣା ଚିକିତ୍ସା ଯୋଜନାରେ ଗତ ଆର୍ଥିକ ବର୍ଷର ୧୧ ମାସରେ ୨୮୮୧ କୋଟି ଟଙ୍କାରୁ ଅଧିକ ଅର୍ଥ ଚିକିତ୍ସା ବାବଦରେ ବ୍ୟୟ ହୋଇଛି । ମାସକୁ ହାରାହାରି ଭାବେ ୨୬୧କୋଟିରୁ ଅଧିକ ଟଙ୍କା ବ୍ୟୟ ହେଉଥିବାବେଳେ ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ ପରେ ବ୍ୟୟଭାର ଆହୁରି ବୃଦ୍ଧି ପାଇବାର ଆକଳନ କରାଯାଇଛି । ସେହିଭଳି ୨୦୨୪ ଜୁନ୍ ପହିଲାରୁ ଚଳିତ ବର୍ଷ ଫେବୃୟାରୀ ମାସ ମଧ୍ୟରେ ଲକ୍ଷାଧିକ ଲୋକ ଏହି ଯୋଜନାରେ ଉପକୃତ ହୋଇଛନ୍ତି । ଖୋରଧା ଜିଲ୍ଲାରେ ୪ଲକ୍ଷ ୮୮ହଜାରରୁ ଅଧିକ ଲୋକ ଉପକୃତ ହୋଇଥିବାବେଳେ କଟକରେ ଏହି ସଂଖ୍ୟା ୩ଲକ୍ଷ ୨୪ହଜାରରୁ ଅଧିକ ରହିଛି । ଗଞ୍ଜାମ ଜିଲ୍ଲାରେ ୭୭ହଜାରରୁ ଅଧିକ ରୋଗୀ ଉପକୃତ ହୋଇଥିବାବେଳେ ସୁନ୍ଦରଗଡରେ ୭୧ ହଜାରରୁ ଅଧିକ ଏବଂ ଯାଜପୁରରେ ଏହା ୫୦ହଜାରରୁ ଅଧିକ ରହିଛି । ସବୁଠାରୁ କମ୍ ମାତ୍ର ୨୭୯ ଜଣ ରୋଗୀ ଗଜପତି ଜିଲ୍ଲାରେ ମାଗଣା ଚିକିତ୍ସା ସୁବିଧା ପାଇଥିବାବେଳେ ନୂଆପଡାରେ ଏହା ୧୫୫୯ ରହିଛି । ତେବେ ରାଜ୍ୟ ରାଜଧାନୀ ସମେତ ଚିକିତ୍ସା ସେବାର ଅନ୍ୟତମ କେନ୍ଦ୍ର କଟକରେ ସଂଖ୍ୟାଧିକ ରୋଗୀ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଉପକୃତ ହୋଇଛି । ଏହି ଦୁଇ ସହରରେ ଏକାଧିକ ବଡ ଓ ଛୋଟ ଡାକ୍ତରଖାନା ସରକାରଙ୍କ ସହିତ ଅନୁବନ୍ଧିତ ରହିଥିବାବେଳେ ରାଜ୍ୟର ବିଭିନ୍ନ ସ୍ଥାନରୁ ରୋଗୀମାନେ ଏଠାକୁ ଆସୁଛନ୍ତି । ତେବେ ପୂର୍ବରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ପରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନାମକରଣ ହୋଇଥିବା ଏହି ଯୋଜନାରେ ରୋଗୀମାନଙ୍କ କାର୍ଡରୁ କେଉଁ ରୋଗ ପାଇଁ କେତେ ଅର୍ଥ ବ୍ୟୟ ହେଉଛି ତାହା ସହଜରେ ଜାଣିପାରୁ ନାହାନ୍ତି । ଯେହେତୁ ଚିକିତ୍ସା ସେବା ସମ୍ପୂର୍ଣ୍ଣ ମାଗଣାରେ ହେଉଛି ତେଣୁ ରୋଗୀ କିମ୍ବା ସେମାନଙ୍କ ସମ୍ପର୍କୀୟମାନେ ଚିକିତ୍ସା ବାବଦୀୟ ବ୍ୟୟ ସଂକ୍ରାନ୍ତରେ ବୁଝିବା ବଦଳରେ ମୁହଁ ବନ୍ଦକରି ଘରକୁ ପଳାଉଛନ୍ତି । କେତେକ ସ୍ଥାନରେ ରୋଗୀକୁ ମାତ୍ର ୧୦/୧୨ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି କହି ଆଡମିଶନ କରୁଥିବା ଘରୋଇ ଡାକ୍ତରଖାନା ଦୁଇ ତିନି ଦିନର ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କାର ବିଲ୍ ଧରାଯିବା ସହିତ ସେମାନଙ୍କ କାର୍ଡରୁ ଅର୍ଥ କାଟି ନିଆଯାଉଛି । ଅନ୍ୟ ପକ୍ଷରେ ରାଜଧାନୀ ଭୁବନେଶ୍ୱର, କଟକ ସମେତ ପ୍ରତ୍ୟେକ ଜିଲ୍ଲା ସଦର ମହୁକୁମାରେ ଥିବା ଚିକିତ୍ସାଳୟରେ ମାଗଣା ଚିକିତ୍ସାସେବା ଯୋଗାଇ ଦିଆଯାଉଥିବାବେଳେ ଏତେ ସଂଖ୍ୟାରେ ରୋଗୀ କିଭଳି ଘରୋଇ ଡାକ୍ତରଖାନାକୁ ଯାଉଛନ୍ତି ଓ ସେମାନଙ୍କ ବାବଦରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ତାହାର ଠିକଣା ଅନୁଧ୍ୟାନ ହେଉନଥିବା କୁହାଯାଉଛି । ମାଗଣା ଚିକିତ୍ସା ମିଳୁଥିବାରୁ ସାଧାରଣ ରୋଗ ଠାରୁ ଆରମ୍ଭ କରି ପିଲା ଜନ୍ମ ପର୍ଯ୍ୟନ୍ତ ବହୁ ଚିକିତ୍ସା, ଯାହା ସହଜରେ ସରକାରୀ ଚିକିତ୍ସାଳୟରେ ଉପଲବ୍ଧ , ସେଥିପାଇଁ ଲୋକେ ଘରୋଇ ଡାକ୍ତରଖାନା ମୁହାଁ ହେଉଛନ୍ତି । ବର୍ତ୍ତମାନ ଆୟୁଷ୍ମାନ ଯୋଜନା ଲାଗୁ ପରେ ଏ କ୍ଷେତ୍ରରେ ସରକାରଙ୍କ ଆଭିମୁଖ୍ୟ କ'ଣ ରହିବ ତାହା ଉପରେ ସମସ୍ତଙ୍କ ନଜର ।

## ତରିକୁନ୍ଦ ପ୍ରାର୍ଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ କାର୍ଡ ବରେଣ୍ଟରେ ଯନ୍ତ୍ରୀଙ୍କୁ ମାଡ ଘଟଣା
## ରଘୁନାଥପୁର ବ୍ଲକ କର୍ମଚାରୀ ଙ୍କ ଶାନ୍ତି ପୂର୍ଣ୍ଣ କଲମଛାଡ ଆନ୍ଦୋଳନ ୨ୟ ଦିନରେ, ସମର୍ଥନ ଜଣାଇଲେ ବିଧାୟକ



ଜଗତସିଂହପୁର ତା ୧୭/୪(ନୀପ୍ର)ସରକାରଙ୍କ ଆୟୁଷ୍ମାନ କାର୍ଡ ବଣ୍ଟନ ଅବସରରେ ରଘୁନାଥପୁର ବ୍ଲକ ପ୍ରଶାସନ ପକ୍ଷରୁ ତରିକୁନ୍ଦ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ରେ ମହିଳା ଯନ୍ତ୍ରୀ ଓ କର୍ମଚାରୀ ଙ୍କୁ ମାଡମରା ଘଟଣାରେ ଜଗତସିଂହପୁର ଥାନାରେ ଅଭିଯୋଗ ହୋଇଥିଲା ।ତେବେ ଘଟଣା ଘଟିବା ଓ ଅଭିଯୋଗ ହେବାର ୬ ଦିନ ମଧ୍ୟରେ ଆସାମିମାନେ ଖୁଲମଖୁଲା ବୁଲୁଥିଲେ ମଧ୍ୟ ଜଗତସିଂହପୁର ପୋଲିସ ନାମକୁ ମାତ୍ର ୨ ଜଣଙ୍କୁ ଗିରଫ ଥିବାବେଳେ ମୁଖ୍ୟ ଆସାମୀ ମାନଙ୍କୁ ଗିରଫ କରିପାରିନ ନାହିଁ ।ଏହାକୁ ନେଇ ବ୍ଲକ କାର୍ଯ୍ୟାଳୟ ପରିଷରରେ କର୍ମଚାରୀ ମାନେ ଶାନ୍ତି ପୂର୍ଣ୍ଣ କଲମଛାଡ ଅନଶନରେ ବୁଧବାର ଠାରୁ ବସିରହି ଥିବାର ଦେଖି ବାକୁ ମିଳିଛି ।ଏଥିରେ ବ୍ଲକ ଓ ୧୯ଗୋଟି ପଞ୍ଚାୟତ କାର୍ଯ୍ୟାଳୟ ସମସ୍ତ କର୍ମଚାରୀ ମାନେ କଲମଛାଡ ଅନଶନରେ ସକାଳ ୭ଟାରୁ ମଧ୍ୟାନ ୧ଟା ପର୍ଯ୍ୟନ୍ତ ବସିରହୁଥିବାରୁ ଦୂରଦୁରାନ୍ତରୁ ବିଭିନ୍ନ କାର୍ଯ୍ୟନେଇ ବ୍ଲକ କୁ ଆସିଥିବା ଲୋକମାନେ ପ୍ରବଳ ଗ୍ରୀଷ୍ମ ପ୍ରବାହ ରେ ହଟହଟା ହୋଇ ନିରାଶରେ ଘରକୁ ଫେରୁଥିବା ର ଦେଖିବାକୁ ମିଳିଛି ।ତେବେ ଏହି ଅନଶନପାଇଁ ବ୍ଲକ କାର୍ଯ୍ୟ ଏକ ପ୍ରକାର ଠପ ହୋଇ ପଡିଛ ।ମୁଖ୍ୟ ଆସାମୀ ମାନଙ୍କୁ ତୁରନ୍ତ ଗିରଫ ଓ ଫିଲ୍ଡରେ କାର୍ଯ୍ୟ ସମୟରେ ସୁରକ୍ଷା ପାଇଁ ଅନଶନକାରୀ ମାନେ ସରକାରଙ୍କ ନିକଟରେ ଦାବୀ ରଖିଛନ୍ତି ।ଦାବୀ ପୁରଣ ନ ହେବା ପର୍ଯ୍ୟନ୍ତ ଏହି ଅନଶନ ଜାରି ରହିବ ବୋଲି ସେମାନେ କହିଛନ୍ତି ।ଅପର ପକ୍ଷରେ ଅନଶନ ୨ଦିନ ରେ ପହଞ୍ଚି ଥିଲେବି ଜିଲ୍ଲା ପ୍ରଶାସନର କୌଣସି ଅଧିକାରୀ ଅନସନ ସ୍ଥଳରେ ପହଞ୍ଚି ବା ପରିବର୍ତ୍ତେ ଓଲଟା ଜିଲ୍ଲା ପ୍ରଶାସନ ପାଖରୁ ଧମକ ଆସୁଛି ଧାରଣାରୁ ଓହରିଯାଅ ନଚେତ ତୁମମାନଙ୍କୁ ଚାକିରୀ ରୁ ନିଲମ୍ବିତ କରାଯିବ। ଯାହାକି ଗଣତନ୍ତ୍ର ରାଷ୍ଟ୍ରରେ ଏହା ନ୍ୟାୟ ସଙ୍ଗତ ନୁହେଁ ବୋଲି ବୁଦ୍ଧିଜୀବୀ ମହଲରେ ଏହାକୁ ନା ପସନ୍ଦ କରାଯାଇଛି ।ଗୁରୁବାର ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଏବଂ ତାଙ୍କ ସମର୍ଥକ ମାନେ ଧାରଣା ସ୍ଥଳରେ ପହଞ୍ଚି ଧାରଣା କାରିଙ୍କୁ ସମର୍ଥନ ଜଣାଇବା ସହ ଜିଲ୍ଲାପ୍ରଶାସନ ସହିତ ଆଲୋଚନା କରିବେ ବୋଲି କହିଥିଲେ ।ଏହାର ସମାଧାନ ବାଟ ବାହାର କରି ପ୍ରଶାସନ ତୁରନ୍ତ ସାଧାରଣ ଲୋକମାନଙ୍କୁ ବ୍ଲକ ସେବା ଯୋଗାଇଦେବାପାଇଁ ଅଞ୍ଚଳପକ୍ଷରୁ ଜିଲ୍ଲା ପ୍ରଶାସନ ନିକଟରେ ଦାବୀ ହେଉଛି ।

## ଗ୍ରୀନ ଭେଲି ପବ୍ଲିକ ସ୍କୁଲର ୨୦୨୪-୨୫ ବାର୍ଷିକ ଉତ୍ସବ

କଳାହାଣ୍ଡି ତା:୧୭/୪/୨୫(ଜଗନ୍ନାଥ ଏକ୍ସପ୍ରେସ୍)ରିଖ ସନ୍ଧ୍ୟା ୦୪. ୩୦ ଘଣ୍ଟା ସମୟରେ ଗ୍ରୀନ ଭେଲି ପବ୍ଲିକ ସ୍କୁଲ ର ଅଧ୍ୟକ୍ଷ ଶ୍ରୀ ଚନ୍ଦ୍ରଶେଖର ଦାସଙ୍କ ସଭାପତିତ୍ୱ ରେ ସ୍ଥାନୀୟ ଟାଉନହଲ ଭବାନୀପାଟଣା ଠାରେ ଷଷ୍ଠତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ର କୁଳପତି ଡ. ନିବେଦିତା ନାଥ ,ମୁଖ୍ୟ ବକ୍ତା ଭାବରେ ରାୟଗଡା ସ୍କୁଲ ର ଅଧ୍ୟକ୍ଷ ପ୍ରଭାକର ମିଶ୍ର,(ହାସ୍ୟ ଅଭିନେତା) ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ ଡ. ଉମେଶ ଚନ୍ଦ୍ର ଶତପଥୀ ପ୍ରମୁଖ ମଞ୍ଚସିନ ହୋଇ ଛାତ୍ର ଛାତ୍ରୀଙ୍କୁ ଭଲ ପାଠପଢି ସୁନାଗରିକ ହେବା ପାଇଁ ଉତ୍ସାହିତ ଏବଂ ମୂଲ୍ୟବୋଧ ଭିତ୍ତିକ ସମ୍ଭାଷଣ ପ୍ରଦାନ କରିବାସହ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ଦେବା ସହ ଉତ୍ସାହିତ କରିଥିଲେ। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଜନ ଗହଳିକୁ ବେଶ ମନଛୁଆଁ ହୋଇଥିଲା ।ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ କ୍ରିଷ୍ଣା ମହାପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶ୍ରୀ ରବୀନ୍ଦ୍ର ମିଶ୍ର, ସୁଶ୍ରୀ ନିକିତା ପଣ୍ଡା ଓ କ୍ରିଷ୍ଣା ମହାପାତ୍ର, ଉଦଘୋଷନ କାର୍ଯ୍ୟକ୍ରମ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ନେତ୍ର ବିନ୍ଦା କୁମାର, ପୁଷ୍ପିତା ମୁଣ୍ଡ, ମିଲି ଦୋରା, କିରଣ ବାଗ, ମାନିନୀ ସାଗର, ଏସ୍ କୁମାର ସର, ହରି ସାହୁ, ଶିବା ସର, ଲମ୍ବୋଦର ସାହୁ ସାର ସଭା କାର୍ଯ୍ୟ ପରିଚାଳନା ରେ ସାହାର୍ଯ୍ୟ ସହୋଯାଗ କରିଥିଲେ। ଏବଂ ଶ୍ରେଷ୍ଠ ଶିକ୍ଷୟତ୍ରୀ ସୁଶ୍ରୀ ଅଙ୍କିତା ପଲେଇ, ପୂର୍ଣ୍ଣ ଉପସ୍ଥାପନ ଭାବରେ ବଣଶ୍ରୀ ପ୍ରଧାନ, ସହଯୋଗୀ ଶିକ୍ଷୟତ୍ରୀ ଭାବରେ ନିକିତା ପଣ୍ଡା,ଶୋଛ ଟ ସୁଶ୍ରୀ ଲକ୍ଷ୍ମୀ ବିଶ୍ୱକର୍ମା, ବର୍ଷର ଶ୍ରେଷ୍ଠ କର୍ମଚାରୀ ଶ୍ରୀଯୁକ୍ତ ମନୋଜ ପଟ୍ଟନାୟକ, ଅନ୍ନପୂର୍ଣ୍ଣା ଭାବରେ ଶ୍ରୀମତି ଗାୟତ୍ରୀ ବଛା, ଶଛୋଟ ଏବଂ ଶ୍ରେଷ୍ଠ କର୍ମଚାରୀ ଭାବରେ ଶ୍ରୀମତୀ ପୁନମ ବାଗ, ନୃତ୍ୟ ପ୍ରତିଭା ସମ୍ମାନ ରେ ଶ୍ରୀମତୀ ସନ୍ତୋଷିଣୀ କୁମାର, ଶ୍ରେଷ୍ଠ ପ୍ରେସ ରିପୋର୍ଟର ଭାବରେ ଶ୍ରୀଯୁକ୍ତ ବିଷ୍ଣୁ ଚରଣ ସ୍ୱାଇଁ, ଏବଂ ଘୁମୁରା ଗୁରୁ ଭାବରେ ପ୍ରଭଞ୍ଜନ ରାଉତ, ସର ଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର ଦେବା ସହ ସମ୍ମାନିତ କରାଯାଇଥିଲା। ଏବଂ ଶ୍ରେଷ୍ଠ ଛାତ୍ର ଭାବରେ ଆର୍ଯ୍ୟନ୍ ପାତ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା । ସଭା ଶେଷରେ ସୁଶ୍ରୀ ଅଙ୍କିତା ପଲେଇ, ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷକ ଆଦିତ୍ୟ କୁମାର ମୁଣ୍ଡ, ବିଦ୍ୟାଳୟ ର ନିର୍ଦ୍ଦେଶକ ଙ୍କ ଶ୍ରୀଯୁକ୍ତ ମନୋରଞ୍ଜନ ଯାଦବ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସୂଚାରୁ ରୂପେ ପରିଚାଳିତ ହୋଇଥିଲା। ଏବଂ ଉପସ୍ଥିତ ସମସ୍ତ ଅଭିଭାବକ, ଅଭିଭାବିକା ବିଦ୍ୟାଳୟ ର ଛାତ୍ରଛାତ୍ରୀ ପ୍ରମୁଖ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

## ରାଜ୍ୟକୁ ଅଧିକ ଉତ୍ପାଦନକ୍ଷମ ଓ ଆତ୍ମନିର୍ଭରଶୀଳ ହେବା ଉପରେ ଗୁରୁତ୍ୱ ଦେଲେ ରାଜ୍ୟପାଳ

ଭୁବନେଶ୍ୱର,୧୭/୪: ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ବୁଧବାର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ସଂଗ୍ରହାଳୟ ପରିଦର୍ଶନ କରିବା ସହ ଓୟୁଏଟିର ବିଭିନ୍ନ କାର୍ଯ୍ୟ ସଂପର୍କରେ ସମୀକ୍ଷା କରିଛନ୍ତି। ରାଜ୍ୟପାଳଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ବିଶ୍ୱବିଦ୍ୟାଳୟର ଶିକ୍ଷା, ଗବେଷଣା, ସଂପ୍ରସାରଣର ପ୍ରଗତି ଏବଂ ଦେଶ ବିଦେଶରେ ବିଭିନ୍ନ ଶିକ୍ଷା ଏବଂ ଗବେଷଣା ଅନୁଷ୍ଠାନ ସହିତ ଓୟୁଏଟିର ସଂପର୍କ, ସମନ୍ୱୟ ଓ ଭାଗିଦାରୀ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଉନ୍ନତି ତଥା ରାଜ୍ୟରେ କୃଷି ଓ କୃଷକମାନଙ୍କର ଉନ୍ନତି ପାଇଁ ନିଆ ଯାଉଥିବା ପଦକ୍ଷେପ ସଂପର୍କରେ ରାଜ୍ୟପାଳଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ ପ୍ରସଂଗରେ ରାଜ୍ୟପାଳ ସମୀକ୍ଷା କରିବା ଅବସରରେ ଓୟୁଏଟି ବୈଜ୍ଞାନିକମାନଙ୍କର ସାମାଜିକ ଦାୟିତ୍ୱବୋଧ ସଂପର୍କରେ ଗୁରୁତ୍ୱାରୋପ କରିବା ସହ ବିକଶିତ ଭାରତ ନିର୍ମାଣରେ ବିକଶିତ ଓଡ଼ିଶାର ଭୂମିକା ଉପରେ ଆଲୋକପାତ କରିଥିଲେ। ରାଜ୍ୟକୁ ମାଛ, ଅଣ୍ଡା ଆଦି ଖାଦ୍ୟ ପଦାର୍ଥ ଉତ୍ପାଦନ ସହିତ ଡ଼ାଲି ଏବଂ ତୈଳବୀଜ ଜାତୀୟ ଫସଲ ଉତ୍ପାଦନ ବୃଦ୍ଧି କରି ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ଓୟୁଏଟି ପଦକ୍ଷେପ ନେବା ସହ ଗବେଷଣା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ।

## ଧର୍ମଗଡ଼ରୋଡ଼ ଷ୍ଟେସନ ପାଇଁ ଖୁବ୍ ଶୀଘ୍ର ଆରମ୍ଭ ହେବ ସର୍ଭେ କାମ: ରେଳବାଇ

ଧର୍ମଗଡ଼,୧୭/୪ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ରୋଡ-ନବରଙ୍ଗପୁର ରେଳପଥ ପ୍ରକଳ୍ପରେ ଧର୍ମଗଡ଼ରୋଡ଼ ଷ୍ଟେସନ ସହରଠାରୁ ଅଳ୍ପ ଦୂରରେ ପ୍ରତିଷ୍ଠା କରିବା ପାଇଁ ସ୍ଥାନୀୟ ବିଧାୟକ ସୁଧୀର ପାଟଯୋଶୀ ନିକଟରେ ପୁରୀ ଠାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ହସ୍ତକ୍ଷେପ ଲୋଡ଼ିବା ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ କରିଥିବା ଆଲୋଚନା ଫଳବତୀ ହୋଇଛି। ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀଙ୍କ ବୈଷୟିକ ମାର୍ଗଦର୍ଶନରେ ବିଧାୟକ ଶ୍ରୀ ପାଟଯୋଶୀ ନିକଟରେ ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥର ମୁଖ୍ୟ କାର୍ଯ୍ୟାଳୟ ଠାରେ ଏହି ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା ମୁଖ୍ୟ ପ୍ରଶାସନିକ ଅଧିକାରୀ ଶ୍ରୀନିବାସ ରାଓଙ୍କୁ ଭେଟି ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରସ୍ତାବିତ ଧର୍ମଗଡ଼ ରେଳଷ୍ଟେସନ୍ ସହରଠାରୁ ପାଞ୍ଚ କିଲୋମିଟର ଦୂରରେ ହେବ। ଏଥି ପାଇଁ ପ୍ରକିୟା ଆରମ୍ଭ ହୋଇଯାଇଛି। ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ଆଜି ଧର୍ମଗଡ଼ ରେଳଷ୍ଟେସନ ପାଇଁ ପ୍ରସ୍ତାବିତ ସ୍ଥାନର ମ୍ୟାପ୍ ଦେଖାଇଛନ୍ତି। ବିଧାୟକଙ୍କ ତ୍ୱରିତ ଉଦ୍ୟମ ଫଳରେ ଏହି ପ୍ରକଳ୍ପ ଦାୟିତ୍ୱରେ ଡେପୁଟି ଚିଫ୍ ଇଂଜିନିୟର ମିନେକେଶ୍ୱର୍ ରାଓ ଆଜି ଧର୍ମଗଡ଼ରେ ପହଞ୍ଚି ବିଧାୟକଙ୍କୁ ସ୍ଥାନୀୟ ବୁଦ୍ଧିଜୀବୀ, ଓକିଲ ସଂଘର କର୍ମକର୍ତ୍ତା, ବିଜେପି ଜିଲ୍ଲା ସଭପତି ଯୁଗଳ କିଶୋର ପୋଢ଼, ପୂର୍ବତନ ସଭାପତି ଧନୁଞ୍ଜୟ ପାତ୍ର, ଦେବେନ୍ଦ୍ର ମହାନ୍ତି ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତିରେ ପ୍ରସ୍ତାବିତ ଧର୍ମଗଡ଼ ରେଳ ଷ୍ଟେସନ୍ ସହରରୁ ପାଞ୍ଚ କିଲୋମିଟର ଦୂରରେ ହେଉଥିବା ମ୍ୟାପ ଦେଖାଇଥିଲେ।

# 'ପୂର୍ବୋଦୟ' ଯୋଜନାରେ ଓଡ଼ିଶାର ଯୋଗାଯୋଗ କ୍ଷେତ୍ର ମାଇଲଖୁଣ୍ଟ ସାବ୍ୟସ୍ତ ହେବ: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୭/୪: ରାଜ୍ୟରେ ପ୍ରାୟ ୪ ହଜାର ୧୩୭ କୋଟି ଟଙ୍କାର ୧୯ଟି ଜାତୀୟ ରାଜପଥ ପ୍ରକଳ୍ପ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଲୋକାର୍ପଣ ଓ ଶିଳାନ୍ୟାସ ହୋଇଛି। ଆଜି ଲୋକାର୍ପଣ ଏବଂ ଶିଳାନ୍ୟାସ ହୋଇଥିବା ରାଜପଥ ପ୍ରକଳ୍ପ 'ପୂର୍ବୋଦୟ' ଯୋଜନାରେ ଓଡ଼ିଶାର ଯୋଗାଯୋଗ କ୍ଷେତ୍ର ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଏକ ଭିଡିଓ ମେସେଜ୍ ଜରିଆରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ 'ପୂର୍ବୋଦୟ ମିସନ'ରେ ଶୁଭାରମ୍ଭ ହୋଇଥିବା ଏହି ପ୍ରକଳ୍ପଗୁଡିକ ଓଡ଼ିଶାରେ ସଡ଼କ ଭିତ୍ତିଭୂମିକୁ ମଜବୁତ୍ କରିବ। ଲୋକଙ୍କ ଯାତାୟତ ସହଜ ହେବ। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଯୁକ୍ତି ସୃଷ୍ଟି ହେବ। ଆମର ସ୍ଥାନୀୟ ଓ ରାଜ୍ୟ ଅର୍ଥନୀତି ଅଧିକ ମଜବୁତ୍ ହେବ। ଆମ ସରକାର ସବକା ସାଥ୍-ସବକା ବିକାଶର ସରକାର। ଲୋକାର୍ପିତ ହୋଇଥିବା ପ୍ରକଳ୍ପ ଗୁଡିକ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବା ସହ ସାମାଜିକ ଓ ଆର୍ଥିକ ବିକାଶରେ ମଧ୍ୟ ଅଭିବୃଦ୍ଧି ଘଟିବ। ଏହି ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ ଅବସରରେ ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଗଡକରୀ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଓଡ଼ିଶାବାସୀଙ୍କ ତରଫରୁ ଧନ୍ୟବାଦ ଜଣାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ସାଢେ ୪ କୋଟି ଓଡ଼ିଆ ଲୋକଙ୍କ ଇଚ୍ଛାଶକ୍ତି କାରଣରୁ ଆଜି ରାଜ୍ୟରେ ଡବଲ ଇଞ୍ଜିନ ସରକାର ହୋଇଛି। ଆମ ସରକାରରେ ଜାତୀୟ ରାଜପଥ, ରେଳ, ବିମାନସେବା ଏବଂ ଯୋଗାଯୋଗ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଉପରେ ପ୍ରାଥମିକତା ଦିଆଯାଉଛି। ଜନଜାତୀୟ ଗୌରବ କରିଡର, ଶକ୍ତି କରିଡର, ବନ୍ଦର ଓ ଶିଳ୍ପ କରିଡର ମଧ୍ୟ ବିକଶିତ ହେଉଛି। ମୋଦୀ ସରକାରରେ ଓଡ଼ିଶାରେ ୪୦୦୦ରୁ ଅଧିକ କିଲୋମିଟର ଜାତୀୟ ରାଜପଥ ନିର୍ମାଣ କରାଯାଇଛି। କୋଷ୍ଟାଲ ହାଇୱେ, କ୍ୟାପିଟାଲ ରିଜିୟନ୍ ରିଙ୍ଗ୍ ରୋଡ୍, ସମ୍ବଲପୁର ରିଙ୍ଗ୍ ରୋଡ୍ ପ୍ରକଳ୍ପ ଓଡ଼ିଶାର ଅର୍ଥନୀତିକୁ ତ୍ୱରାନ୍ୱିତ କରିବ। ମାନ୍ୟବର ମୋଦିଜୀ ଭାରତର ସାମଗ୍ରିକ ବିକାଶକୁ ଆଖି ଆଗରେ ରଖି ପୂର୍ବୋଦୟ ମିଶନର କଳ୍ପନା କରିଛନ୍ତି, ଯାହାର କେନ୍ଦ୍ରବିନ୍ଦୁରେ ଓଡ଼ିଶା ରହିଛି। ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ଓ ୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ ହେବ। ୨୦୪୭ ସୁଦ୍ଧା ଆମ ଦେଶ ଭାରତ ୩୦ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବାର ଲକ୍ଷ୍ୟ ରଖିଛି। ସେହିପରି ଓଡ଼ିଶା ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାର ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ହାସଲ କରିବାର ଲକ୍ଷ୍ୟ ରଖିଛି। ବର୍ତ୍ତମାନ ସମୟରେ ରାଜପଥ, ଯୋଗାଯୋଗ ଏବଂ ଆନୁଷଙ୍ଗିକ ଭିତ୍ତିଭୂମିକୁ ତ୍ୱରାନ୍ୱିତ କରିପାରିଲେ ହିଁ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସ୍ୱପ୍ନ ସାକାର ହୋଇପାରିବ। ସଡ଼କ ସୁରକ୍ଷା ସଚେତନତା ନେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ବର୍ତ୍ତମାନ ସମୟରେ ବିଶ୍ୱରେ ରୋଡ ସେଫଟି ବା ସଡ଼କ ସୁରକ୍ଷା କେତେ ଜରୁରୀ ହୋଇ ପଡିଛି। ଏଭଳି ସମୟରେ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଏବଂ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କ ନେତୃତ୍ୱରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦେଶର ସମସ୍ତ ସ୍କୁଲରେ ସଚେତନତା ସୃଷ୍ଟି କରିବା ପାଇଁ 'ସଡକ ସୁରକ୍ଷା ଅଭିଯାନ'ରେ ସାମିଲ ହୋଇଛି। ସ୍କୁଲ ଶିକ୍ଷା ବ୍ୟବସ୍ଥାରୁ ସବୁ କ୍ଷେତ୍ରରେ ସଡ଼କ ସୁରକ୍ଷା ସଚେତନତା ଅଭିଯାନକୁ ଏକ ବ୍ୟାପକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି।



PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ